

‘ରାମାୟଣ’କୁ ‘ହନୁମାନ ଅଂଶ’ର ଚ୍ୟାଲେଞ୍ଜ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-83 ◆WEDNESDAY ◆16 SEPTEMBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୮୩ ◆ବୁଧବାର ◆୧୬ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ହସିନାଙ୍କ ୭ ସହଯୋଗୀଙ୍କୁ ମୃତ୍ୟୁଦଣ୍ଡ

## ବାଂଲାଦେଶରେ ୨୦୨୪ ହିଂସା ମାମଲାରେ ଦଣ୍ଡ ଶୁଣାଇଲେ ଟ୍ରିବ୍ୟୁନାଲ

■ ଢାକା, ୧୫।୯(ଏଜେନ୍ସି): ୨୦୨୪ ମସିହାର ଛାତ୍ର ଆନ୍ଦୋଳନ ସମୟରେ ମାନବତା ବିରୋଧୀ ଅପରାଧ, ଉତ୍ତେଜନାପୂର୍ଣ୍ଣ ଭାଷଣ ଏବଂ ହିଂସାତ୍ମକ କାର୍ଯ୍ୟକଳାପକୁ ପରିଚାଳିତ କରିବା ଅଭିଯୋଗରେ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ପକ୍ଷରୁ ହସିନା ୱାଜେଦଙ୍କ ଆୱାମୀ ଲିଗ୍‌ର ୭ ଜଣ ବରିଷ୍ଠ ନେତାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ମହମ୍ମଦ ନଜରୁଲ ଇସଲାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଟ୍ରିବ୍ୟୁନାଲ ଅଭିଯୁକ୍ତମାନଙ୍କ ଅନୁପସ୍ଥିତିରେ ଏହି ରାୟ ପ୍ରକାଶ କରିଛନ୍ତି। ମୃତ୍ୟୁଦଣ୍ଡାଦେଶ ପାଇଥିବା ନେତାମାନଙ୍କ ମଧ୍ୟରେ ଆୱାମୀ ଲିଗ୍ ସାଧାରଣ



ସମ୍ପାଦକ ଓ ପୂର୍ବତନ ମନ୍ତ୍ରୀ ଓବାଇଦୁଲ କାଦେର, ଯୁଗ୍ମ ସାଧାରଣ ସମ୍ପାଦକ ଏଏଫଏମ ବାହାଉଦ୍ଦିନ ନାସିମ, ପୂର୍ବତନ ରାଜ୍ୟ ମନ୍ତ୍ରୀ ମହମ୍ମଦ ଅଲି ଆରାଫାତ, ଯୁବ ଲିଗ୍ ଅଧ୍ୟକ୍ଷ ଶେଖ ଫଜଲେ ଶାମସ ପରାଶ, ସାଧାରଣ ସମ୍ପାଦକ ମାଇନୁଲ ହୋସେନ ଖାନ ନିଖିଲ, ବାଂଲାଦେଶ ଛାତ୍ର ଲିଗ୍ ସଭାପତି ସଦ୍ଦାମ ହୁସେନ ଏବଂ ସାଧାରଣ ସମ୍ପାଦକ ଶେଖ ୱାଲି ଆସିଫ ଇନାନ୍ ଶାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତମାନେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇ, ବୈଠକ ମାଧ୍ୟମରେ ହିଂସାକାଣ୍ଡ ଯୋଜନା କରିବା ସହ ସଶସ୍ତ୍ର ଆକ୍ରମଣ ଏବଂ ଗଣମାଧ୍ୟମ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୪ର ଏହି ଆନ୍ଦୋଳନ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସରକାରଙ୍କ ପତନ ଘଟିଥିଲା। ଏହାପୂର୍ବରୁ ନଭେମ୍ବର ୨୦୨୫ରେ ଟ୍ରିବ୍ୟୁନାଲ ଶେଖ ହସିନାଙ୍କୁ ମଧ୍ୟ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡାଦେଶ ଶୁଣାଇସାରିଛନ୍ତି।

# ମହାକାଶରେ ଅସ୍ତ୍ର ମୁତୟନ କଲା ଆମେରିକା

## ଚୀନ,ରୁଷ୍‌ର ମୁକାବିଲା ପାଇଁ ନୂଆ ଯୁଦ୍ଧକ୍ଷେତ୍ର

■ ୱାଶିଂଟନ୍, ୧୫।୯(ଏଜେନ୍ସି): ପୃଥିବୀର କକ୍ଷପଥରେ ପ୍ରଥମ ଥର ପାଇଁ ଆକ୍ରମଣାତ୍ମକ କ୍ଷମତାସମ୍ପନ୍ନ ସାମରିକ ଅସ୍ତ୍ର ମୁତୟନ କରାଯାଇଥିବା ନେଇ ଆମେରିକା ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି। ରୁଷ ଏବଂ ଚୀନ୍‌ରୁ ବୃଦ୍ଧି ପାଉଥିବା ସାମରିକ ଆଶଙ୍କାକୁ ଦୃଷ୍ଟିରେ ରଖି ନିଜର ସୁରକ୍ଷା ଓ ପ୍ରତିରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଆମେରିକା ଦର୍ଶାଇଛି। ସୋମବାର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଆମେରିକା ବାୟୁସେନାର ସଚିବ ଟ୍ରୋୟ ମିଙ୍କ କହିଛନ୍ତି ଯେ, ମହାକାଶରେ ବୃଦ୍ଧି ପାଉଥିବା ନୂତନ ବିପଦର ମୁକାବିଲା ପାଇଁ ଆମେରିକା ପ୍ରସ୍ତୁତି ଚଳାଇଛି। ତେବେ କେଉଁ ପ୍ରକାରର ଅସ୍ତ୍ର ମୁତୟନ କରାଯାଇଛି,



ଏହାର କ୍ଷମତା କ’ଣ କିମ୍ବା ଏହାକୁ କେବେ କକ୍ଷପଥରେ ସ୍ଥାପନ କରାଯାଇଥିଲା, ସେ ନେଇ କୌଣସି ସୂଚନା ସାର୍ବଜନୀନ କରାଯାଇ ନାହିଁ। ଆମେରିକୀୟ ସଶସ୍ତ୍ର ବାହିନୀର ମହାକାଶ ଶାଖା ୟୁଏସ୍ ସ୍ପେସ୍ ଫୋର୍ସ ଏହି ଅସ୍ତ୍ରଗୁଡ଼ିକୁ ‘ଅନ୍-ଅର୍ବିଟ୍ ସ୍ପେସ୍ କଣ୍ଟ୍ରୋଲ୍ ୱିପନ୍ସ’ ଭାବେ ବର୍ଣ୍ଣନା କରିଛି। ଶତ୍ରୁପକ୍ଷର ଆକ୍ରମଣାରୁ ରକ୍ଷା ପାଇବା ପାଇଁ ଉଭୟ ଉପାୟରେ ଆକ୍ରମଣାତ୍ମକ ଓ ପ୍ରତିରକ୍ଷାତ୍ମକ କାର୍ଯ୍ୟ କରିପାରିବ। ମହାକାଶରେ ଉପଗ୍ରହଗୁଡ଼ିକୁ ନିଷ୍କ୍ରିୟ, କ୍ଷତିଗ୍ରସ୍ତ କିମ୍ବା ନଷ୍ଟ କରିବା ପାଇଁ ଚୀନ୍ ଏବଂ ରୁଷ ନିଜର କ୍ଷମତା ବୃଦ୍ଧି କରୁଥିବା ନେଇ ଆମେରିକା ସାମରିକ ନେତୃତ୍ୱ ଚିନ୍ତାପ୍ରକଟ କରିଛନ୍ତି। ଯୋଗାଯୋଗ, ନଜରରଖିବା ଏବଂ ନାଭିଗେସନ୍ ପାଇଁ ଉପଗ୍ରହଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଭବିଷ୍ୟତର ଯୁଦ୍ଧରେ ଏଗୁଡ଼ିକ ଆକ୍ରମଣର ମୁଖ୍ୟ ଲକ୍ଷ୍ୟ ହୋଇପାରନ୍ତି ବୋଲି ଚେତାବନୀ ଦିଆଯାଇଛି। ଆମେରିକାର ଏହି ସାର୍ବଜନୀନ ସ୍ୱୀକାରୋକ୍ତି ମହାକାଶରେ ସାମରିକ ସ୍ଥିତି ଏବଂ ପ୍ରତିଯୋଗିତାକୁ ଏକ ନୂଆ ମୋଡ଼ ଦେଇଛି।

# ମହଙ୍ଗା ହେବ ୟୁପିଆଇ କାରବାର

## ■ ୩୦୦୦ ଟଙ୍କାରେ ୧୨ଟଙ୍କା ଶୁଳ୍କ ■ ଅକ୍ଟୋବର ୧୫ରୁ ଲାଗୁ

■ ନୂଆଦିଲ୍ଲୀ, ୧୫।୯(ଏଜେନ୍ସି): ଡିଜିଟାଲ୍ କାରବାର ଉପରେ ଶୁଳ୍କ ଲାଗୁକୁ ତୀବ୍ର ବିରୋଧ ମଧ୍ୟରେ କେନ୍ଦ୍ର ସରକାର ୟୁପିଆଇ ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବାକୁ ଘୋଷଣା କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ, ବ୍ୟବସାୟୀମାନଙ୍କୁ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୪% ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କକୁ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) କୁହାଯାଏ। ଏଥିରେ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବ୍ୟାଙ୍କ କିମ୍ବା ପେମେଣ୍ଟ ସେବା ପ୍ରଦାନକାରୀମାନେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର ପାଇଁ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଶୁଳ୍କ ଲଗାଇପାରିବେନାହିଁ। ଆସନ୍ତା ଅକ୍ଟୋବର ୧୫ରୁ କେତେକ ନିର୍ଦ୍ଦିଷ୍ଟ ମର୍ଚ୍ଚାଣ୍ଟ (ପି-ଟୁ-ପି) କାରବାର ଉପରେ ୟୁପିଆଇ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ହାରର ନୂଆ ଫ୍ରେମୱାର୍କ ଲାଗୁ ହେବ। ତେବେ ପରସ୍ପର ମଧ୍ୟରେ ୟୁପିଆଇ ଜରିଆରେ ଟଙ୍କା ଟ୍ରାନ୍ସଫର (ପି-ଟୁ-ପି ବା ପର୍ସନ୍-ଟୁ –ପର୍ସନ୍) କଲେ ବି ଏହି ଚାର୍ଜ




୨୦୦୦ ଟଙ୍କାରୁ କମ୍ କାରବାର ପାଇଁ ଲାଗିବନି ଦେୟ

ଲାଗିବନାହିଁ। ଏହା କେବଳ କେତେକ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ଉପରେ ହିଁ କାର୍ଯ୍ୟକାରୀ ହେବ।

ଏହି ଏମ୍‌ଡିଆର୍ ଶୁଳ୍କର ସର୍ବାଧିକ ସୀମା ପ୍ରତି କାରବାର ପାଇଁ ୩୦୦ ଟଙ୍କା ସ୍ଥିର କରାଯାଇଛି। ଏହାର ଅର୍ଥ ହେଉଛି ଯଦି ଜଣେ ଗ୍ରାହକ ଜଣେ ବ୍ୟବସାୟୀଙ୍କୁ ୭୫,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ୟୁପିଆଇ ପେମେଣ୍ଟ କରନ୍ତି, ତେବେ ଶୁଳ୍କ ୦.୪% ହାରରେ ୩୦୦ ଟଙ୍କା ଅତିକ୍ରମ କରିପାରେ, କିନ୍ତୁ ବ୍ୟବସାୟୀଙ୍କଠାରୁ ସର୍ବାଧିକ ୩୦୦ ଟଙ୍କା ଏମ୍‌ଡିଆର୍ ହିଁ ଆଦାୟ କରାଯିବ। ଏହା ସହିତ, ଗ୍ରାହକମାନଙ୍କ ପାଇଁ ୨୦୦୦ ପର୍ଯ୍ୟନ୍ତ ସମସ୍ତ କାରବାର ପାଇଁ ୟୁପିଆଇ ପେମେଣ୍ଟ ସମ୍ପୂର୍ଣ୍ଣ ମାଗଣା ହେବ। ନୂତନ ନିୟମ ଅନୁଯାୟୀ, କ୍ୟୁଆର୍ କୋଡ୍ ମାଧ୍ୟମରେ ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ଛୋଟ ବ୍ୟବସାୟୀମାନଙ୍କୁ କୌଣସି ଏମ୍‌ଡିଆର୍ ଦେବାକୁ ପଡ଼ିବନାହିଁ। ଏହାବ୍ୟତୀତ, ରେଳବାଇ ଏବଂ ଇନ୍ଧନ ଭଳି ନିର୍ଦ୍ଦିଷ୍ଟ ବର୍ଗରେ ୨୦୦୦ ଟଙ୍କା ରୁ ଅଧିକ କାରବାର ପାଇଁ ୫ ଟଙ୍କାର ଏକ ସ୍ଥିର ଶୁଳ୍କ ନିଆଯିବ ଏବଂ ଅନ୍ୟାନ୍ୟ ଉଚ୍ଚ-ମୂଲ୍ୟର ପି-ଟୁ-ଏମ୍ କାରବାର ପାଇଁ ୦.୪% ଶୁଳ୍କ ନିଆଯିବ।

ନୂଆ ନିୟମରେ କୁହାଯାଇଛି ଯେ, ୨୦୦୦ ଟଙ୍କାରୁ କମ୍ ପେମେଣ୍ଟ ଗ୍ରହଣ କରୁଥିବା ବ୍ୟବସାୟୀଙ୍କୁ କୌଣସି ଚାର୍ଜ ଦେବାକୁ ପଡ଼ିବନାହିଁ । କାରଣ ଦେଶରେ ମୋଟ ବ୍ୟବସାୟୀ ସଂଖ୍ୟାର ୯୫ ପ୍ରତିଶତ ହେଉଛନ୍ତି ଏହି ବର୍ଗର। ଏହାର ଅର୍ଥ ହେଉଛି କେବଳ ୫ ପ୍ରତିଶତ ମର୍ଚ୍ଚାଣ୍ଟ ବ୍ୟବସାୟୀଙ୍କୁ ଏହି ଚାର୍ଜ ଦେବାକୁ ପଡ଼ିବ।। ସରକାରଙ୍କ ଏହି ପଦକ୍ଷେପ ଅଧୀନରେ ଛୋଟ ଭେଣ୍ଡର ଏବଂ ଟାୟାର-୩ ବଜାର ପାଇଁ ଡିଜିଟାଲ୍ ପେମେଣ୍ଟ ଇନଫ୍ରାଷ୍ଟ୍ରକ୍ଚରକୁ ଅପଗ୍ରେଡ୍ କରିବା ପାଇଁ ଏକ ସ୍ୱତନ୍ତ୍ର ଫଣ୍ଡ ମଧ୍ୟ ତିଆରି କରାଯିବ।

# ଏମ୍‌କେସିଜିରେ ନିଆଁ





■ ବ୍ରହ୍ମପୁର,୧୫।୯(ସମିସ): ପୁଣି ଏମ୍‌କେସିଜି ମେଡିକାଲରେ ନିଆଁ। ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଓଟି ପରିସରରେ ଥିବା ଆନାସ୍ଥେସିଆ ରୁମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ସର୍ଟସର୍କିଟରୁ ନିଆଁ ଲାଗିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ନିଆଁରେ ରୁମ୍‌ରେ ଲାଗିଥିବା ଏସି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ କୋଠାର ଦ୍ୱିତୀୟ ମହଲାରରେ ବିଭାଗର

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଅଗ୍ନିକାଣ୍ଡ**

ମେଜର ଅପରେସନ ଥିଏଟର ଓ ଲେପ୍ରୋସ୍କୋପି ଅପରେସନ ଥିଏଟର ରହିଛି। କୋଠାରେ ନିଆଁ ଲାଗିବା ସମୟରେ ରୋଗୀଙ୍କ ଅପରେସନ ହୋଇଥିବା ବେଳେ ତାଙ୍କୁ ସ୍ଥାନାନ୍ତର କରାଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଏହି ଘଟଣା ପୁଣିଥରେ ଏମକେସିଜି ମେଡ଼ିକାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଏମକେସିଜି ମେଡ଼ିକାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ କର୍ତ୍ତୃପକ୍ଷ କେତେ ସଚେତନ, ତାହାକୁ ନେଇ ପ୍ରଶ୍ନ ଉଠିଛି। ନିଆଁ ଲାଗିବା ପରେ ଅଧିକାରୀମାନେ ଘଟଣାସ୍ଥଳକୁ ଆସୁଥିବା ବେଳେ ଅଗ୍ନିକାଣ୍ଡ ପୂର୍ବରୁ ପ୍ରତିରୋଧମୂଳକ ବ୍ୟବସ୍ଥା କାହିଁକି ହେଉନାହିଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ମାର୍ଚ୍ଚ ମାସରେ ଅଗ୍ନିଶମ ବିଭାଗ ପକ୍ଷରୁ ମେଡ଼ିକାଲର ସମସ୍ତ କୋଠାରେ ଦୀର୍ଘ ଏକ ମାସ ଧରି ମକ ଡ୍ରିଲ କରାଯାଇଥିଲା। ତେବେ ଏମକେସିଜି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ବେଳେ ଲୋକଦେଖାଣିଆ ଭାବେ ଅଗ୍ନିଶମ ବିଭାଗ ପକ୍ଷରୁ ପୁରା ହସ୍ପିଟାଲ ବୁଲିବୁଲି ମକ ଡ୍ରିଲ କରାଯାଇଥିଲା। ଅବ୍ୟବସ୍ଥା ନେଇ ବିଭାଗ ପକ୍ଷରୁ କୌଣସି ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ▶ପୃଷ୍ଠା-୭

# ଅକ୍ଟୋବରରେ ଓଡ଼ିଶା ଆସିବେ ରାହୁଲ

## ଭୁବନେଶ୍ୱରରେ ହେବ ‘ଛାତ୍ରୋଁ କି ଗୁଞ୍ଜ’ ସମାବେଶ

■ ଭୁବନେଶ୍ୱର,୧୫।୯(ସମିସ): ଅକ୍ଟୋବର ମାସରେ ଓଡ଼ିଶା ଆସିପାରନ୍ତି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ। ଭୁବନେଶ୍ୱରରେ ୨୦ ହଜାର ଯୁବବର୍ଗଙ୍କୁ ନେଇ ଅନୁଷ୍ଠିତ ହେବାକୁଥିବା ‘ଛାତ୍ରୋଁ କି ଗୁଞ୍ଜ’ କାର୍ଯ୍ୟକ୍ରମକୁ ରାହୁଲ ସମ୍ବୋଧିତ କରିବେ। ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଛାତ୍ରୋଁ କି ଗୁଞ୍ଜ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଓଡ଼ିଶାରେ ମଧ୍ୟ ସମାନ ଧରଣର କାର୍ଯ୍ୟକ୍ରମ କରିବାକୁ ଯୋଜନା ହୋଇଛି ଓ କର୍ଣ୍ଣାଟକ ମଡ଼େଲରେ ଦଳର ସଂଗଠନକୁ ସୁଦୃଢ଼ କରିବାକୁ କଂଗ୍ରେସ ଲକ୍ଷ୍ୟ ରଖିଛି।



କଂଗ୍ରେସର ପାରମ୍ପରିକ ଭୋଟ୍ ବ୍ୟାଙ୍କ କ୍ରମଶଃ ଦୁର୍ବଳ ହୋଇଛି। ଭୋଟହାର ୩୩%ରୁ ହ୍ରାସ ପାଇ ଏବେ ୧୨%ରେ ପହଞ୍ଚିଛି। ତେଣୁ ଦଳ ପ୍ରତି ଲୋକଙ୍କ ଆସ୍ଥା ଫେରାଇ ଆଣିବା ଓ ଯୁବପିଢ଼ିକୁ ନିଜ ସପକ୍ଷକୁ ନେବାକୁ କଂଗ୍ରେସ ଲକ୍ଷ୍ୟ ରଖିଛି। ବିଶେଷ ଭାବରେ ଦେଶ ପରି ରାଜ୍ୟର ଏକ ଚତୁର୍ଥାଂଶ ଭୋଟରଙ୍କ ବୟସ ୩୦ ବର୍ଷ ମଧ୍ୟରେ ହୋଇଥିବାରୁ ଏହି ବର୍ଗର ବିଶ୍ୱାସ ଜିତିବା ଲାଗି କଂଗ୍ରେସ ଆପ୍ରାଣ ପ୍ରୟାସ କରିବାକୁ ଲାଗିପଡ଼ିଛି। ଯୁବ ପିଢ଼ିକୁ ନିଜ ସହ ଯୋଡ଼ି ଯୁବଶକ୍ତିକୁ ବଡ଼ ଅସ୍ତ୍ର କରିବାକୁ ଯୋଜନା କରିଛି। ଦିଲ୍ଲୀରେ ଜେନ୍-ଜି ଛାତ୍ର ଆନ୍ଦୋଳନ ପରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମଗୁଡ଼ିକରେ ଯୁବ ବର୍ଗଙ୍କ ଉପସ୍ଥିତି ଆଶାତୀତ ହୋଇଛି। ତେଣୁ ଓଡ଼ିଶାରେ କଂଗ୍ରେସର ଆଗାମୀ ରାଜନୈତିକ ଅଭିଯାନକୁ ଆହୁରି ହାଇଭୋଲଟେଜ୍ କରିବାକୁ ଜାତୀୟ ନେତୃତ୍ୱଙ୍କୁ ମଧ୍ୟ ମୈଦାନକୁ ଆଣିବାକୁ ଦଳ ଯୋଜନା କରିଛି। ଅକ୍ଟୋବରରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତର କାର୍ଯ୍ୟକ୍ରମ ସହ ପରବର୍ତ୍ତୀ ସମୟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶା ଆସିବାର ▶ପୃଷ୍ଠା-୭

# ୨୦ରେ ଲଘୁଚାପ

## ଶେଷ ସପ୍ତାହରେ ପ୍ରବଳ ବର୍ଷା

■ ଭୁବନେଶ୍ୱର,୧୫।୯(ସମିସ): ଆସନ୍ତା ୨୦ ବେଳକୁ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ଲଘୁଚାପର ପ୍ରଭାବ କ’ଣ ରହିବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା କରାଯାଉଛି। ଲଘୁଚାପ ଯୋଗୁଁ ୧୮ ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏଥିପାଇଁ ୧୮ଠାରୁ ବିଭିନ୍ନ ଜିଲ୍ଲା ପାଇଁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଏହି ଲଘୁଚାପ ସୃଷ୍ଟି ହେବା ପରେ ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଆନ୍ଧ୍ର-ଓଡ଼ିଶା ଉପକୂଳ ନିକଟତର ହେବ। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଆଶଙ୍କା ରହିଛି। ତେବେ ଏହି ଲଘୁଚାପ ସୃଷ୍ଟି ହେବା ପରେ ଅର୍ଥାତ ୨୦ ତାରିଖ ବେଳକୁ ଏହି ତୀବ୍ରତା ସ୍ପଷ୍ଟ ହେବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

# ମା’ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି

■ ସମ୍ବଲପୁର,୧୫।୯ (ସମିସ): ଗଣପର୍ବ ନୂଆଁଖାଇ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କଠାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ,

- ■ ଘରେ ଘରେ ନୂଆଁଖାଇର ଉତ୍ସନାକି
- ■ ନାଚଗୀତ ଆସର,ଭେଟ୍‌ଘାଟ୍ କାର୍ଯ୍ୟକ୍ରମ





ଇଷ୍ଟଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ ଲୋକେ ନୂଆଁ ଖାଇଛନ୍ତି। ଦେଶବିଦେଶରୁ ନୂଆଁଖାଇ ପାଇଁ ପରିବାରର ସଦସ୍ୟମାନେ ଘରକୁ ଫେରିଛନ୍ତି। ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ, ପଣ୍ଡିତମାନଙ୍କ ବୈଠକରେ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ପାଇଁ ମଙ୍ଗଳବାର ପୂର୍ବାହ୍ନ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ୍ ମଧ୍ୟରେ ଶୁଭଲଗ୍ନ ନିରୂପଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମା’ଙ୍କୁ ନବାନ୍ନ ଲାଗି କରାଯାଇଥିଲା।

ଭୋର ୫ଟାରୁ ମା’ ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ସମ୍ବଲପୁରୀ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ସକାଳ ୮ଟାବେଳେ ପୂଜକମାନେ ଗମ୍ଭୀରା ତଥା ପାର୍ଶ୍ୱ ଦେବାଦେବୀଙ୍କଠାରେ ବନା (ଝୋଟି) ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ୧୦ ମିନିଟ୍ ସମୟରେ ମନ୍ଦିରର ମୁଖ୍ୟପୂଜକ ଅମ୍ବିକା ରାୟଙ୍କ ସହ ଅନ୍ୟପୂଜକ ଗଙ୍ଗାଧର ରାୟ, କୋଦଣ୍ଡରାମ ରାୟ, ସୁଧାଂଶୁ ରାୟ ଓ ପ୍ରଶାନ୍ତ ରାୟଙ୍କ ପରିବାରରୁ ତଥା ବେହେରା ପରିବାରରୁ ନବାନ୍ନ ଭୋଗ ଆସିଥିଲା। ପୂଜକମାନେ ▶ପୃଷ୍ଠା-୭

## ଓଲଟ ପାଲଟ



କଟକ ବିଜେପି ଲଲାଟେନ୍ଦୁ ବଡୁ
ଫସିଗଲେ ଗାଡି ମାଡ଼ରେ,
ସିକନ୍ଦର ଅଲ୍ଲୀ ଘରେ ବସିଛନ୍ତି
ଆଘାତ ଲାଗିଛି ଗୋଡ଼ରେ।
ପ୍ରଭାତ ବିଶ୍ୱାଳ ଭିଡରେ
ନୟନ ସନ୍ତୋଷ ଚୌଦ୍ୱାରରେ
ବୁଲୁଛନ୍ତି ଦୁହେଁ ତୋଡ଼ରେ,
ସୁକାନ୍ତ ବିଶ୍ୱାଳ ପତ୍ରେ ପତ୍ରେ ଗଲେ
ପ୍ରକାଶ ଚଢ଼ନ୍ତି ଡାଳରେ।

- ଯାଯାବର

# ୩୮ ବର୍ଷ ପରେ ବଦଳିବ ହୀରାକୁଦ ରୁଲ୍ କର୍ଭ

■ ଭୁବନେଶ୍ୱର,୧୫।୯(ସମିସ): ହୀରାକୁଦ ଜଳଭଣ୍ଡାର ଜଳ ସ୍ଥିତି ସମ୍ପୂର୍ଣ୍ଣ ବଦଳିଛି। ପଟୁ ଯୋଗୁଁ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ପ୍ରାୟ ୩୦% ହ୍ରାସ ପାଇଛି । ଏହାଦ୍ୱାରା ଉଭୟ ମୌସୁମୀ ଓ ଅଣମୌସୁମୀରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ର ଶତାଧିକ ପ୍ରକଳ୍ପ, ବ୍ୟାରେଜ ମଧ୍ୟ ଓଡ଼ିଶାର ବ୍ୟାପକ କ୍ଷତି କରିଛି । ଏହି ସମୟରେ ୩୮ ବର୍ଷ ପରେ ହୀରାକୁଦ ଜଳଭଣ୍ଡାର ରୁଲ କର୍ଭ ପରିବର୍ତ୍ତନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ମାତ୍ର ଛତିଶଗଡ଼ ସହ ବିବାଦ ସମୟରେ ହୀରାକୁଦ ରୁଲ୍ କର୍ଭ ସଂଶୋଧନ ରାଜ୍ୟବାସୀଙ୍କ ମନରେ ବିଭିନ୍ନ ଆଶଙ୍କା ସୃଷ୍ଟି କରିଛି।

ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି, ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ଓ ଜଳର ଉପଲବ୍ଧତାରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ସେହିପରି ଉପରମୁଣ୍ଡରେ ଛତିଶଗଡ଼ ମହାନଦୀ ଜଳ ପରିଚାଳନାରେ ସହଯୋଗ କରୁ ନ ଥିବାରୁ ଏହା ଓଡ଼ିଶା ପାଇଁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି କରୁଛି। ଶେଷଥର ପାଇଁ ହୀରାକୁଦ ବନ୍ଧର ରୁଲ କର୍ଭରେ ୧୯୮୮ ମସିହାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି



- ■ ଶେଷଥର ପାଇଁ ୧୯୮୮ରେ ରୁଲ କର୍ଭରେ ହୋଇଥିଲା ପରିବର୍ତ୍ତନ
- ■ ରୁଲ୍ କର୍ଭର ପୁନଃନିର୍ଦ୍ଧାରଣ ନିମନ୍ତେ ଜଳ ବୈଜ୍ଞାନିକ ତଥ୍ୟ ସଂଗ୍ରହ
- ■ ଛତିଶଗଡ଼ ସହ ବିବାଦ ସମୟରେ ରୁଲ କର୍ଭ ସଂଶୋଧନକୁ ନେଇ ପ୍ରଶ୍ନ

ବର୍ତ୍ତମାନ ସମୟର ଆବଶ୍ୟକତା ସହ ଖାପ ଖୁଆଇବା ପାଇଁ ରାଜ୍ୟ ସରକାର ହୀରାକୁଦ ବନ୍ଧର ରୁଲ୍ କର୍ଭକୁ ପୁନଃବିଚାର କରିବାକୁ ଯାଉଛନ୍ତି। ଏହାସହ ରେଙ୍ଗାଲୀ ବନ୍ଧର ରୁଲ କର୍ଭର ମଧ୍ୟ ପୁନଃସମୀକ୍ଷା ହେବ ବୋଲି ଜଣାପଡ଼ିଛି। ଜଳସେଚନ, ପାନୀୟଜଳ, ଜଳବିଦ୍ୟୁତ ଉତ୍ପାଦନ ସହ ବନ୍ୟା ନିୟନ୍ତ୍ରଣକୁ ସମନ୍ୱୟ କରି ଜଳଭଣ୍ଡାର ପରିଚାଳନା ଲାଗି ଏହି ସମୀକ୍ଷା ହେବ। ଏ ନେଇ ନିକଟରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ(ପ୍ଲାନିଂ ଆଣ୍ଡ ଡିଜାଇନ୍)ଙ୍କ ଅଧ୍ୟକ୍ଷତାରେ ଏକ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇଛି। ରୁଲ୍ କର୍ଭର ପୁନଃନିର୍ଦ୍ଧାରଣ ପାଇଁ ବ୍ୟାପକ ଜଳବୈଜ୍ଞାନିକ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଓ ଜଳଭଣ୍ଡାରର ସିମୁଲେସନ୍ ଅଧ୍ୟୟନ କରିବାକୁ କମିଟି ମତ ଦେଇଛି। ଏଥିପାଇଁ ୬ରୁ ୭ ଜଣ ସଦସ୍ୟଙ୍କୁ ନେଇ ଏକ ସ୍ୱତନ୍ତ୍ର ଟେକ୍ନିକାଲ୍ ୱାର୍କିଂ ଗ୍ରୁପ୍ ଗଠନ କରାଯିବ। ଆବଶ୍ୟକ ହାଇଡ୍ରୋଲଜିକାଲ୍ ଓ ହାଇଡ୍ରଲିକ୍ ମଡେଲିଂ ଟୁଲ୍, ଯଥା ଏଚଇସି-ଏଚଏମଏସ ଆଦି ବ୍ୟବହାର କରି ▶ପୃଷ୍ଠା-୭

## ସାମାଜିକ ସଦ୍‌ଭାବ ନଷ୍ଟ ଆଶଙ୍କା

# ଅଟକିଲା ଦାରା ସିଂର ଆଗୁଆ ମୁକ୍ତି

■ ଭୁବନେଶ୍ୱର,୧୫।୯(ସମିସ): ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳିକ ସନ୍ତାନଙ୍କୁ ନିଆଁରେ ପୋଡ଼ି ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ଦାରା ସିଂହଙ୍କ ଆଗୁଆ ମୁକ୍ତି ଅଟକିଛି । ସଜା ଶେଷ ପୂର୍ବରୁ ତାଙ୍କୁ ଆଗୁଆ ମୁକ୍ତି ଦିଆଗଲେ ରାଜ୍ୟରେ ସାମାଜିକ ସଦ୍‌ଭାବ ବ୍ୟାହତ ହେବ ଓ ଦଙ୍ଗା ସୃଷ୍ଟି ହୋଇପାରେ ବୋଲି ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋଡର୍ ଆଶଙ୍କା କରିଛି। ଫଳରେ ତାଙ୍କୁ ଆଗୁଆ ମୁକ୍ତି ମିଳିବାର ସମ୍ଭାବନା ପ୍ରାୟତ ଶୂନ ବୋଲି କୁହାଯାଉଛି । ଏହାପୂର୍ବରୁ ୨୦୧୬ ମସିହା, ୨୦୧୯, ୨୦୨୨ ଓ ୨୦୨୩ ମସିହାରେ ମଧ୍ୟ ବୋର୍ଡ ଦ୍ୱାରା ସିଂର ମୁକ୍ତି ଆବେଦନକୁ ଖାରଜ କରାଯାଇଥିଲା।

**ମହଙ୍ଗା ପଡ଼ିଲା ଦାରା ସେନାର କେନ୍ଦୁଝର ଜେଲ ସାମ୍ନାରେ ନାରାବାଜି**

ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ମାମଲାରେ ଦାରା ସିଂ ୧୯୯୯ ମସିହାରୁ ଜେଲରେ ରହି ଆସୁଛି। ଦୀର୍ଘକାଳ ଜେଲରେ ରହି ସାରିଥିବା ଯୋଗୁଁ ଦାରା ପକ୍ଷରୁ ତାଙ୍କର ଆଇନଜୀବୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟଙ୍କ ପାଖରେ ଏହି ମାମଲା ବିଚାରାଧୀନ ଥିଲା। କିନ୍ତୁ ରାଜ୍ୟ ସରକାର କିଛି ନିଷ୍ପତ୍ତି ନେଇ ପାରୁ ନ ଥିଲେ। ବିଭିନ୍ନ ▶ପୃଷ୍ଠା-୭

# ୧୯ ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୯ ଆଡ଼କୁ ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। କେରଳ ଉପକୂଳ ଦେଇ ଭାରତରେ ପ୍ରବେଶ କରୁଥିବା ମୌସୁମୀ ବାୟୁ ଚାରି ମାସ ଧରି ସାରା ଦେଶରେ ବର୍ଷା କରାଇବା ପରେ ପଶ୍ଚିମ ରାଜସ୍ଥାନର ସୁଦୂର ଅଞ୍ଚଳରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥାଏ। ଚଳିତ ଋତୁରେ ଜୁନ୍ ୧ ରୁ ସେପ୍ଟେମ୍ବର ୧୩ ମଧ୍ୟରେ ଦେଶରେ ମୋଟ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ ୧୫% କମ୍ ରହିଛି। ବିଶେଷ କରି ଦକ୍ଷିଣ ଉପଦ୍ୱୀପୀୟ ଭାରତରେ ସବୁଠାରୁ ଅଧିକ ୨୮% ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ସେହିପରି ପୂର୍ବ ଓ ଉତ୍ତର-ପୂର୍ବ ଭାରତରେ ୨୫% କମ୍ ବର୍ଷା ହୋଇଛି। ଚଳିତ ବର୍ଷ ଜୁନ୍ ମାସରେ ବର୍ଷା ସ୍ୱାଭାବିକଠାରୁ ୩୬.୫% କମ୍ ରହି ମୌସୁମୀ ଦୁର୍ବଳ ଭାବେ ଆରମ୍ଭ ହୋଇଥିଲା। ତେବେ ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷାର ପରିମାଣ ବୃଦ୍ଧି ପାଇବାରୁ ମୋଟ ନିଅଣ୍ଟ ପରିମାଣ କମି ୧୫% ରେ ପହଞ୍ଚିଛି। ଜୁନ୍ ମାସରେ କମ୍ ବର୍ଷା ଯୋଗୁଁ ଖରିଫ ଫସଲ ବୁଣାବୁଣି ବାଧାପ୍ରାପ୍ତ ହୋଇଥିଲା ଏବଂ ଜୁନ୍ ଶେଷ ସୁଦ୍ଧା ଚାଷ ଜମିର ପରିମାଣ ଗତବର୍ଷ ତୁଳନାରେ ପ୍ରାୟ ୨୧% କମ୍ ରହିଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ଓ ଅଗଷ୍ଟରେ ଚାଷ କାର୍ଯ୍ୟ ଗତି ଧରିଥିଲେ ହେଁ, ସେପ୍ଟେମ୍ବର ୧୧ ସୁଦ୍ଧା ମୋଟ ଖରିଫ ଚାଷ ଜମିର ପରିମାଣ ଗତବର୍ଷ ତୁଳନାରେ ୧.୪୫% ଏବଂ ବିଗତ ୫ ବର୍ଷର ହାରାହାରି ତୁଳନାରେ ୦.୭୨% କମ୍ ରହିଛି। ବିଶେଷ କରି ବିରି, ମୁଗ, ସୋୟାବିନ୍ ଏବଂ କପା ଭଳି ଫସଲର ବୁଣାବୁଣି ୫ ବର୍ଷର ହାରାହାରି ତୁଳନାରେ ଯଥେଷ୍ଟ କମ୍ ରହିଥିବାରୁ ଏହିସବୁ କୃଷିଜାତ ଦ୍ରବ୍ୟରେ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧିର ଆଶଙ୍କା ରହିଛି। ସେପଟେ ସେପ୍ଟେମ୍ବର ୩ ସୁଦ୍ଧା ଦେଶର ୧୬୮ଟି ମୁଖ୍ୟ ଜଳାଶୟରେ ମୋଟ ଜଳ ପରିମାଣ ପ୍ରାୟ ୧୨୯.୮୭ ବିଲିୟନ୍ କ୍ୟୁବିକ୍ ମିଟର ରହିଛି। ଏହା ଗତବର୍ଷର ୧୫୯.୧୮ ବିସିଏମ୍ ଏବଂ ବିଗତ ୧୦ ବର୍ଷର ହାରାହାରି ୧୩୪.୨୩୩ ବିସିଏମ୍ ତୁଳନାରେ ଯଥେଷ୍ଟ କମ୍।

# ଚେକ୍ ବାଉନ୍ସ ମାମଲାରେ ରାଜପାଲଙ୍କୁ ଶେଷ ସୁଯୋଗ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଚେକ୍ ବାଉନ୍ସ ମାମଲାରେ ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କୁ ସୁପ୍ରିମକୋର୍ଟ ଶେଷ ସୁଯୋଗ ଦେଇଛନ୍ତି। ସୁପ୍ରିମକୋର୍ଟ ରେଜିଷ୍ଟ୍ରିରେ ଦୁଇ ସପ୍ତାହ ମଧ୍ୟରେ ଅତି କମରେ ୨ କୋଟି ଟଙ୍କା ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁରଲୀ ପ୍ରଡକସନ୍ସର ମାଲିକଙ୍କର ୫ କୋଟି ଟଙ୍କା ବାକି ଥିବା ନେଇ ଏହି ମାମଲା ରହିଛି। ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ରାଜପାଲଙ୍କ ପୂର୍ବ ଆଚରଣକୁ ନେଇ ସମାଲୋଚନା କରିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି, 'ତାଙ୍କର ପୂର୍ବ ଆଚରଣକୁ ଦେଖିଲେ ତାଙ୍କୁ ବିଶ୍ୱାସ କରାଯାଇ ପାରିବ ନାହିଁ। ଅଭିନେତା ହିସାବରେ ସେ ନାଟକ ଓ ଅଭିନୟ କରିବାରେ ସିଦ୍ଧହସ୍ତ, କୋର୍ଟରେ ବି ସେ ସେୟା କରୁଛନ୍ତି। ତେବେ ରାଜପାଲଙ୍କ ଓକିଲ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୨ କୋଟି ଟଙ୍କା ଜମା କରିବା ଏବଂ ବାକି ଅର୍ଥ ପାଇଁ ଜାମିନଦାର ଦେବାର ଆଶ୍ୱାସନା ଦେଇଛନ୍ତି। ଏହାପରେ କୋର୍ଟ ଏହି ଅତିରିକ୍ତ ସମୟ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୫ ତାରିଖରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀକୁ କୋର୍ଟ ସ୍ଥଗିତ କରିଛନ୍ତି। କିନ୍ତୁ ତାଙ୍କ ପାସପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱତନ୍ତ୍ର ଭାରଦ୍ୱାଜଙ୍କୁ ଜାମିନ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ସ୍ୱତନ୍ତ୍ର ଭାରଦ୍ୱାଜଙ୍କୁ ନୂଆଦିଲ୍ଲୀର ଏକ କୋର୍ଟ ୩ ସପ୍ତାହର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ସଭା ସମୟରେ ଜଣେ ଦଳିତ ଛାତ୍ରୀ ନେତ୍ରୀଙ୍କ ପିତାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସେ ଗିରଫ ହୋଇଥିଲା। ଜୁନ୍‌ରେ ଘଟିଥିବା ଏହି ଘଟଣାରେ ଗତ ସେପ୍ଟେମ୍ବର ୫ରେ ଉତ୍ତର ପ୍ରଦେଶରୁ ତାଙ୍କୁ ଗିରଫ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଥିଲା। କୋର୍ଟରେ ଶୁଣାଣି ସମୟରେ ଭାରଦ୍ୱାଜଙ୍କ ଓକିଲ ଉମେଶ ଶର୍ମା ଦାବି କରିଥିଲେ ଯେ ଏହି ଗିରଫଦାରୀ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ଘଟଣାସ୍ଥଳର ଭିଡିଓରେ ଅଭିଯୋଗକାରୀ ପ୍ରଥମେ ଭାରଦ୍ୱାଜଙ୍କୁ ଆକ୍ରମଣ କରିଥିବା ଦେଖିବାକୁ ମିଳୁଛି ବୋଲି ସେ କୋର୍ଟଙ୍କୁ ଜଣାଇଥିଲେ। ଅନ୍ୟପଟେ, ଅଭିଯୋଗକାରୀଙ୍କ ଓକିଲ ଜାମିନ ଆବେଦନକୁ ବିରୋଧ କରି ଜାତିଗତ ଆକ୍ଷେପ ଅଭିଯୋଗ ଆଣିଥିଲେ। ଦିଲ୍ଲୀ ପୁଲିସ ଅନୁସାରେ, ପ୍ରାରମ୍ଭିକ ଅଭିଯୋଗରେ ଜାତିଗତ ଗାଳିଗୁଲଜର ଉଲ୍ଲେଖ ନଥିଲା, ଯାହା ପରବର୍ତ୍ତୀ ବୟାନ ଆଧାରରେ ଯୋଡ଼ାଯାଇଥିଲା।

# ବିମାନବନ୍ଦରରେ ବିକ୍ଷୋଭ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ପାଇସଜେଟ୍‌ର ଦୁଇଟି ଦୁବାଇ ଯାଉଥିବା ବିମାନ ୨୪ ଘଣ୍ଟାରୁ ଅଧିକ ବିଳମ୍ବ ହେବା ଯୋଗୁଁ ଯାତ୍ରୀମାନେ ପ୍ରବଳ ହଙ୍ଗାମା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯାତ୍ରୀମାନେ ସ୍ପାଇସଜେଟ୍ ବିରୋଧରେ ନାରାବାଜି କରିବା ସହ ଧାରଣାରେ ବସିଥିଲେ। ବିମାନରେ ପରିଚାଳନାଗତ ସମସ୍ୟା ଦେଖାଦେଇଥିବାରୁ ଏହି ବିଳମ୍ବ ଘଟିଥିବା କମ୍ପାନୀ ସ୍ପଷ୍ଟ କରିଛି। ଏସ୍‌ଜି ୫୧୧୧ ବିମାନଟି ସୋମବାର ସକାଳ ୭.୪୫ରେ ଉଡ଼ାଣ ଭରିବାର ଥିବାବେଳେ ମଙ୍ଗଳବାର ଅପରାହ୍ଣ ୨ଟାରେ ଛାଡ଼ିଥିଲା। ଅନ୍ୟପଟେ ଏସ୍‌ଜି ୫୧୦୫ ବିମାନଟି ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ବିଳମ୍ବିତ ହୋଇଥିଲା। ସ୍ପାଇସଜେଟ୍‌ର କୌଣସି କର୍ମଚାରୀ ଉପସ୍ଥିତ ନଥିବା, ଖାଦ୍ୟ ଓ ରହିବା ବ୍ୟବସ୍ଥା ନମିଳିବା ନେଇ ଯାତ୍ରୀମାନେ ଅଭିଯୋଗ କରିଥିଲେ। ପରେ ବିମାନବନ୍ଦର କର୍ମଚାରୀମାନେ ଯାତ୍ରୀଙ୍କୁ ଖାଦ୍ୟ ଓ ଜଳ ଯୋଗାଇ ଦେଇଥିଲେ।

# ୟୁପି ପୁଲିସର ଅମାନବୀୟ ଆଚରଣ: ଗୋଇଠା ମାଡ଼ରେ ଗର୍ଭବତୀଙ୍କ ମୃତ୍ୟୁ





ଫିରୋଜାବାଦ, ୧୫।୯ (ଏଜେନ୍ସି): ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲା ଶିକୋହାବାଦ ଅଞ୍ଚଳରେ ଜଣେ ଗର୍ଭବତୀ ମହିଳାଙ୍କ ପ୍ରତି ପୁଲିସର ଅମାନବୀୟ ଆଚରଣ ଓ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟଣାରେ ୬ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତଙ୍କ ମଧ୍ୟରେ ଦୁଇ ଜଣ ସବ୍-ଇନ୍ସପେକ୍ଟର ଧର୍ମପାଲ ସିଂହ ଓ ସତ୍ୟପାଲ ସିଂହଙ୍କ ସମେତ ୪ ଜଣ ଅନ୍ୟ ପୁଲିସ କର୍ମଚାରୀ ରହିଛନ୍ତି। ଗୋଟିଏ ଚୋରି ମାମଲାରେ ଗୌରବ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ପୁଲିସ ଟିମ୍ ଲଭୌଆ ଗ୍ରାମରେ ଥିବା ତାଙ୍କ ଘରେ ପହଞ୍ଚିଥିଲା। ଏହି ସମୟରେ ଗୌରବଙ୍କ ୨୮ ବର୍ଷୀୟା ଗର୍ଭବତୀ ସ୍ତ୍ରୀ ଅଞ୍ଜଳି ତାଙ୍କ

■ ନବଜାତ ଶିଶୁ ସଙ୍କଟାପନ୍ନ
■ ୬ ୟୁପି ପୁଲିସ ନିଲମ୍ବିତ

ସ୍ୱାମୀଙ୍କୁ ନନେବା ପାଇଁ ନିବେଦନ କରିଥିଲେ। ଅଭିଯୋଗ ଅନୁଯାୟୀ, ସବ୍-ଇନ୍ସପେକ୍ଟର ଧର୍ମପାଲ ସିଂହ ଅଞ୍ଜଳିଙ୍କ ପେଟକୁ ଗୋଇଠା ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ଗୌରବଙ୍କୁ ହାଜତକୁ ନେବା ପରେ ଅଞ୍ଜଳିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଜଣେ ପୁତ୍ର ସନ୍ତାନକୁ ଜନ୍ମ ଦେବା ପରେ ପ୍ରାଣ ହରାଇଥିଲେ। ନବଜାତ ଶିଶୁଟିର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଗ୍ରା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ଥାନା ଆଗରେ ପ୍ରତିବାଦ କରିଥିଲେ। ଏହାପରେ ଅଭିଯୁକ୍ତ ପୁଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

# ଟ୍ରାକ୍‌ରେ ବସିଥିଲେ ପ୍ରେମୀ ଯୁଗଳ, ଚଢ଼ିଗଲା ଟ୍ରେନ

ନ୍ୟୁୟର୍କ, ୧୫।୯ (ଏଜେନ୍ସି): ଆମେରିକାର ନ୍ୟୁୟର୍କ ସହରର ଲୋୟର ମ୍ୟାନହାଟନ ସ୍ଥିତ ସ୍ପ୍ରିଙ୍ଗ ଷ୍ଟ୍ରିଟ୍ ସବୱେ ଷ୍ଟେସନରେ ଟ୍ରାକ୍‌ରେ ବସିଥିବା ସମୟରେ ଟ୍ରେନ୍ ଧକ୍କାରେ ଭାରତୀୟ ବଂଶୋଦ୍ଭବ ମହିଳା ମଲାଇକା ଚିତ୍ରେ (୨୪) ଓ ତାଙ୍କ ନେପାଳୀ-ଆମେରିକୀୟ ବନ୍ଧୁ ନଭମ କୌଲ(୨୪)ଙ୍କର ମୃତ୍ୟୁ ଘଟିଛି।



ରାତି ପ୍ରାୟ ୩.୧୫ରେ ଟ୍ରେନ୍ ଆସୁଥିବା ବେଳେ ଦୁହେଁ ଟ୍ରାକ୍‌ରେ ବସିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦୁହେଁ ଟ୍ରାକ୍‌ରେ ଶାନ୍ତ ଭାବେ ବସିଥିବା ଦେଖାଯାଇଛି। ଟ୍ରେନ୍ ଚାଳକ ଜରୁରୀକାଳୀନ ବ୍ରେକ୍ ପ୍ରୟୋଗ କରିଥିଲେ ହେଁ ଟ୍ରେନ୍ ଅଟକାଇବାରେ ଅସମର୍ଥ ହୋଇଥିଲେ। ଫଳରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମଲାଇକା ଏବଂ ନଭମ ଦୁହେଁ ରଟଗର୍ସ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ଥିଲେ। ସେମାନେ ଟ୍ରାକ୍‌କୁ କାହିଁକି ଓହ୍ଲାଇଥିଲେ ଏବଂ ଘଟଣା ପଛର ପ୍ରକୃତ କାରଣ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ୟୁପିଆଇ ଫି' ନେଇ ସରକାରଙ୍କୁ ଘେରିଲେ ରାହୁଲ

# 'ଆମେରିକା ଚାପରେ ଆତ୍ମସମର୍ପଣ'



ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ୟୁପିଆଇ କାରବାର ଉପରେ ଶୁଳ୍କ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଗୋପନରେ ବାଟ ଫିଟାଉଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ନୂତନ ବିଜ୍ଞପ୍ତି ଅନୁଯାୟୀ, ବ୍ୟାଙ୍କ ଏବଂ ପେମେଣ୍ଟ ସିଷ୍ଟମ୍ ପ୍ରଦାନକାରୀମାନେ ୨, ୦୦୦ ଟଙ୍କାରୁ କମ୍ ମୂଲ୍ୟର ୟୁପିଆଇ ଏବଂ ରୁପେ ଡେବିଟ୍ କାର୍ଡ କାରବାର ଉପରେ କୌଣସି ଶୁଳ୍କ ଆଦାୟ କରିପାରିବେ ନାହିଁ। ସାମାଜିକ ଗଣମାଧ୍ୟମରେ ରାହୁଲ ଦାବି କରିଛନ୍ତି ଯେ, ସରକାର ୨, ୦୦୦ ଟଙ୍କାରୁ ଅଧିକ ମୂଲ୍ୟର ବ୍ୟବସାୟିକ ୟୁପିଆଇ କାରବାର ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବାକୁ ବାଟ ଖୋଲିଛନ୍ତି। ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ ବୋଲି ସରକାର କହୁଛନ୍ତି। ମାତ୍ର ଦୋକାନୀଙ୍କ ଉପରେ ଶୁଳ୍କ ଲାଗୁ ହେଲେ ଶେଷରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ମାଧ୍ୟମରେ ଗ୍ରାହକଙ୍କ ପକେଟରୁ ହିଁ ଯିବ ବୋଲି ସେ କହିଛନ୍ତି। ଏହାସହ ଆମେରିକାର ପେମେଣ୍ଟ କମ୍ପାନୀଗୁଡ଼ିକର ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ଆତ୍ମସମର୍ପଣ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ, ନୂଆ ବିଜ୍ଞପ୍ତିରେ ୨, ୦୦୦ ଟଙ୍କାରୁ ଅଧିକ କାରବାର ପାଇଁ କୌଣସି ସ୍ପଷ୍ଟ ଆଇନଗତ ସୁରକ୍ଷା ଦିଆଯାଇ ନାହିଁ। ଆମେରିକୀୟ କମ୍ପାନୀଗୁଡ଼ିକୁ ସୁବିଧା ଯୋଗାଇବା ପାଇଁ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବାକୁ ସରକାର ଏପରି କରୁଛନ୍ତି କି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୪ର ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ୨, ୦୦୦ ଟଙ୍କା ପର୍ଯ୍ୟନ୍ତ କାରବାର ଉପରେ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଶୁଳ୍କ ଲାଗିବ ନାହିଁ। ତେବେ ୟୁପିଆଇ କାରବାରର ପରିମାଣ ବୃଦ୍ଧି ପାଉଥିବାରୁ ସାଇବର ସୁରକ୍ଷା, ଠକେଇ ରୋକିବା ଏବଂ ଭିତ୍ତିଭୂମିର ବିକାଶ ପାଇଁ ଏକ ରାଜସ୍ୱ ମଡେଲ୍ ଆବଶ୍ୟକ ବୋଲି ସରକାର ଦର୍ଶାଇଛନ୍ତି। ଏହି ପ୍ରସଙ୍ଗରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସ୍ପଷ୍ଟ କରିଛନ୍ତି ଯେ, ଏମଡିଆର ଶୁଳ୍କ କେବଳ ବ୍ୟବସାୟୀ ମାନଙ୍କ ଉପରେ ଲାଗୁ ହୁଏ, ସାଧାରଣ ଗ୍ରାହକଙ୍କ ଉପରେ ନୁହେଁ।

# ହୁତି ମୁକାବିଲା ପାଇଁ ଇସ୍ରାଏଲର ସହାୟତା ଲୋଡ଼ିଲା ସାଉଦି

ରିୟାଦ/ଜେରୁଜାଲେମ, ୧୫।୯ (ଏଜେନ୍ସି): ୟେମେନର ଲାଲ ସାଗର ଉପକୂଳ ଏବଂ ବାବ୍-ଏଲ୍-ମାନ୍ଦେବ୍ ପ୍ରଣାଳୀକୁ ହୁତି (ଅନସାର ଅଲ୍ଲା) ବିଦ୍ରୋହୀ ନିଜ ଅକ୍ତିଆରକୁ ନେଇଛନ୍ତି। ଏହାପରେ ସାଉଦି ଆରବ ଗମ୍ଭୀର ସଙ୍କଟର ସମ୍ମୁଖୀନ ହୋଇଛି। ହୁତି ବିଦ୍ରୋହୀଙ୍କ ଏହି ଆକ୍ରମଣ ସାଉଦି ଆରବର ତୈଳ ରପ୍ତାନି କ୍ଷମତାକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଏହାର ପାରମ୍ପରିକ ସହଯୋଗୀ ଦେଶଗୁଡ଼ିକ ସୀମାପାର ସାମରିକ କାର୍ଯ୍ୟାନୁଷ୍ଠାନରୁ ମଧ୍ୟ ଓହରି ଯାଇଛନ୍ତି। ରିପୋର୍ଟ ଅନୁଯାୟୀ, ସାଉଦି ଆରବର ମକ୍କା ପ୍ରତିରକ୍ଷା ଚୁକ୍ତିର ସଦସ୍ୟ ପାକିସ୍ତାନ ବିଦେଶୀ ମାଟିରେ ସୈନ୍ୟ ଅଭିଯାନରେ ଭାଗ ନେବାକୁ ସ୍ପଷ୍ଟ ମନା କରିଦେଇଛି। ପାକିସ୍ତାନ ସାଉଦି ଭୂଖଣ୍ଡର ସୁରକ୍ଷା ପାଇଁ ନିଜ ସେନା ନିୟୋଜିତ କରିବାକୁ ପ୍ରସ୍ତୁତ ଥିବା କଥା କହିଥିଲେ ହେଁ ୟେମେନରେ ଯୁଦ୍ଧ କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାଖ୍ୟାନ କରିଛି। ସେହିପରି ଆମେରିକା ଏବଂ ବ୍ରିଟେନ୍ ମଧ୍ୟ ହୁତି ବିଦ୍ରୋହୀଙ୍କ ଉପରେ ସିଧାସଳଖ ଆକ୍ରମଣକୁ ଏଡ଼ାଇ ଦେଇ କେବଳ ଗୁଇନ୍ଦା ସହାୟତା ଓ ସାମରିକ ପରାମର୍ଶ ଯୋଗାଇଦେବାକୁ କହିଛନ୍ତି। ଏହି ଜରୁରୀ ପରିସ୍ଥିତିରେ ସାଉଦି କ୍ରାଉନ୍ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ସଲମାନ୍ ଅନ୍ୟ ଗଲ୍ଫ ଦେଶ ଓ ମିଶର ନିକଟରେ ସହାୟତା ପାଇଁ ଆବେଦନ କରିଛନ୍ତି। ଏହାସହ ଆମେରିକା ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ମାଧ୍ୟମରେ ପରୋକ୍ଷରେ ଇସ୍ରାଏଲର ଗୁଇନ୍ଦା ସହାୟତା ଲୋଡ଼ିଛନ୍ତି। ସୂଚନାଯୋଗ୍ୟ, ସାଉଦି ଆରବ ଇସ୍ରାଏଲକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ମାନ୍ୟତା ଦେଇନାହିଁ। ଏପରିକି କୌଣସି କୂଟନୈତିକ ସମ୍ପର୍କ ମଧ୍ୟ ରଖି ନାହିଁ। ମାତ୍ର ବାବ୍-ଏଲ୍-ମାନ୍ଦେବ୍ ପ୍ରଣାଳୀରେ ବର୍ତ୍ତମାନ ସୃଷ୍ଟ ସଙ୍କଟର ମୁକାବିଲା ପାଇଁ ସାଉଦି ବାଧ୍ୟ ହୋଇ ଇସ୍ରାଏଲ୍‌ର ସାହାଯ୍ୟ ନେବାକୁ ପଦକ୍ଷେପ ନେଇଛି। ତେବେ ଇସ୍ରାଏଲର ସହାୟତା କେବଳ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ମଧ୍ୟରେ ସୀମିତ ରହିବ ବୋଲି କୁହାଯାଇଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ କହିଛି ଯେ ହୁତି ବିଦ୍ରୋହୀଙ୍କ ବିରୋଧରେ କୌଣସି ପଦକ୍ଷେପ ବ୍ୟାପକ ଅନ୍ତର୍ଜାତୀୟ ଓ ଆଞ୍ଚଳିକ ମେଣ୍ଟ ମାଧ୍ୟମରେ ଗ୍ରହଣ କରାଯିବା ଉଚିତ।

# ମାନବଜାତି ବିନାଶର କାରଣ ହେବ ଏଆଇ: ଗୁଗଲ୍ ସୁରକ୍ଷା ଗବେଷକ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅପ୍ରତ୍ୟାଶିତ ପ୍ରଗତି ଏବଂ ଏହାର ସମ୍ଭାବ୍ୟ ବିପଦକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବୃଦ୍ଧି ପାଉଛି। ଏଆଇ ନେଇ ସୁରକ୍ଷା ଚିନ୍ତାକୁ ଦୃଷ୍ଟିରେ ରଖି ଗୁଗୁଲ ଡିପ୍ ମାଇଣ୍ଡର ପ୍ରମୁଖ ସୁରକ୍ଷା ଗବେଷକ ବିଲାଲ୍ ଚୁଗତାଇ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏଆଇ ପ୍ରଯୁକ୍ତିବିଦ୍ୟା ସମଗ୍ର ମାନବଜାତିକୁ ଶେଷ କରିଦେବାର କ୍ଷମତା ରଖିଛି ବୋଲି ସେ କହିଛନ୍ତି। ଡିପ୍ ମାଇଣ୍ଡରରେ ଏଜିଆଇ ସୁରକ୍ଷା ଏବଂ ଆଲାଇନ୍‌ମେଣ୍ଟ ଗବେଷଣାରେ ବିଲାଲ୍ କାର୍ଯ୍ୟକରୁଥିଲେ। ସେ ପ୍ରତ୍ୟକ୍ଷ ଭାବେ ଏଆଇର ବିକାଶ ପ୍ରକ୍ରିୟାକୁ ଦେଖିଛନ୍ତି। ଏହି ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନର ଦ୍ରୁତ ଗତିରେ ପରିବର୍ତ୍ତନ ହେବାକୁ ନେଇ ସେ ଆଶଙ୍କିତ ଅଛନ୍ତି। ସେ କହିଛନ୍ତି ଯେ, ଏଆଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ମହାବିପତ୍ତିକୁ ଏଡ଼ାଇବା ପାଇଁ ମାନବସମାଜ ପ୍ରସ୍ତୁତ ହୋଇନାହିଁ। ୨୦୨୨ ପ୍ରାରମ୍ଭରେ



ଏଆଇ କ୍ଷେତ୍ରରେ କାମ ଆରମ୍ଭ ହୋଇଥିଲା। ସେତେବେଳେ ଏହି ସିଷ୍ଟମଗୁଡ଼ିକ ବିଶେଷ କାର୍ଯ୍ୟକ୍ଷମ ନଥିଲେ। ହେଲେ ମାତ୍ର ୪ବର୍ଷ ମଧ୍ୟରେ ଓପନ୍ ଏଆଇର ଏଆଇ ଏଜେଣ୍ଟସମୂହ ୯୦ ବର୍ଷ ପୁରୁଣା ଗାଣିତିକ ସମସ୍ୟାର ସମାଧାନ କରିପାରିଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ଯେ, ଓପନ୍ ଏଆଇ ମଣିଷ ନିୟନ୍ତ୍ରଣ ବାହାରେ ଆପେ ଆପେ ପ୍ରାୟ ୭୦୦ଟି ସ୍ୱୟଂଚାଳିତ ଏଆଇ ଏଜେଣ୍ଟକୁ କାର୍ଯ୍ୟକ୍ଷମ କରିଥିଲା। ସେଗୁଡ଼ିକ ହଗିଂ ଫେସ୍ ନାମକ ସଂସ୍ଥାକୁ ହ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ। ଚୁଗତାଇ ସାବଧାନ କରାଇଛନ୍ତି ଯେ ଆଗାମୀ ଦିନରେ ଏଆଇ ମାନବିକ କ୍ଷମତାକୁ ବହୁ ପଛରେ ପକାଇଦେବ ଏବଂ ମାନବ ନିୟନ୍ତ୍ରଣ ବାହାରକୁ ଯାଇ ବିପଜ୍ଜନକ ନିଷ୍ପତ୍ତି ନେବ। ଏହା ମାନବଜାତିର ବିନାଶ କିମ୍ବା ସ୍ଥାୟୀ ନିଷ୍କ୍ରିୟତାର କାରଣ ହୋଇପାରେ।

ତେବେ କେବଳ ଚୁଗତାଇ ନୁହନ୍ତି, ଡିପ୍ ମାଇଣ୍ଡର ଏଜିଆଇ ସୁରକ୍ଷା ଟିମର ଅନ୍ୟଜଣେ ଗବେଷକ ଜୋଶ୍ ଏଙ୍ଗେଲ୍ସ ମଧ୍ୟ ନିକଟରେ ଇସ୍ତଫା ଦେଇଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଏଆଇ ସିଷ୍ଟମଗୁଡ଼ିକ ଅପୂରଣୀୟ କ୍ଷତି ପହଞ୍ଚାଇବାର ଭୟଙ୍କର ସମ୍ଭାବନା ରହିଛି ବୋଲି ଏଙ୍ଗେଲ୍ସ ଚେତାବନୀ ଦେଇଛନ୍ତି। ଏହାପୂର୍ବରୁ ଆନ୍ଥ୍ରୋପିକ୍‌ର ଗବେଷକ ଜାକବ୍ କୋହ୍ଵନ୍ ମଧ୍ୟ ସମାନ କାରଣରୁ ଇସ୍ତଫା ଦେଇଥିଲେ। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଥ୍ରୋପିକ୍ ସିଇଓ ଡାରିଓ ଅମୋଡେଇ ଏଆଇ ମଡେଲଗୁଡ଼ିକର ବିକାଶ ଗତିକୁ ଧୀର କରିବାକୁ ନିବେଦନ କରିଛନ୍ତି। ତାଙ୍କର ଏହି ନିବେଦନକୁ ଇଲନ୍ ମସ୍କ ଏବଂ ଓପନ୍ ଏଆଇ ସିଇଓ ସାମ୍ ଅଲ୍ଟମ୍ୟାନ୍ ସମର୍ଥନ ଜଣାଇଛନ୍ତି। ମାତ୍ର ଏହି ବିତର୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଆଇ ବିକାଶ ଉପରେ କୌଣସି କଟକଣା କିମ୍ବା ନିୟନ୍ତ୍ରଣ ଲଗାଇବା ପ୍ରସ୍ତାବକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଚୀନକୁ ପଛରେ ପକାଇ ବିଶ୍ୱରେ ପ୍ରଭୁତ୍ୱ ବଜାୟ ରଖିବା ପାଇଁ ଆମେରିକୀୟ କମ୍ପାନୀଗୁଡ଼ିକ ଦ୍ରୁତ ଗତିରେ ଏଆଇ ମଡେଲ୍ ବିକାଶ କରିବା ଆବଶ୍ୟକ ବୋଲି ଟ୍ରମ୍ପ କହିଛନ୍ତି।



ବିହାର ପବ୍ଲିକ ସର୍ଭିସ ପରୀକ୍ଷା ବାତିଲ ଦାବିରେ ପାଟନାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ

# ବଜାରରେ ୭୦ କୋଟିର ୨୦ ଟଙ୍କିଆ ଜାଲ୍ କଏନ୍

ସହାରନପୁର, ୧୫।୯ (ଏଜେନ୍ସି): ଉତ୍ତର ପ୍ରଦେଶର ସହାରନପୁର ପୁଲିସ ପ୍ରାୟ ୭୦ କୋଟି ଟଙ୍କାର ଜାଲ୍ ୨୦ ଟଙ୍କିଆ ମୁଦ୍ରା (କଏନ୍) କାରବାର କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ପୁଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ସହ ମୋଟ ୫ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୧.୨୮ ଲକ୍ଷ ଟଙ୍କା ମୂଲ୍ୟର ୬, ୪୦୦ଟି ଜାଲ୍ ୨୦ ଟଙ୍କିଆ ମୁଦ୍ରା, ୫ ଲକ୍ଷ ଟଙ୍କାର ଅଧାଗଢ଼ା ମୁଦ୍ରା, ୬ଟି ମୁଦ୍ରା ତିଆରି ମେସିନ୍ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ଜବତ କରାଯାଇଛି। ପୁଲିସ ଅନୁଯାୟୀ, ଗ୍ୟାଙ୍ଗର ମୁଖ୍ୟ ହେଉଛି ପଞ୍ଜାବର ମୋହାଲି/ଜୀରକପୁର ନିବାସୀ ଉପକାର ଲୁଥ୍ରା ଓରଫ୍ ଅଭୟ ପ୍ରତାପ ସିଂହ। ପୂର୍ବରୁ ସୁନାକାମ କରୁଥିବା ଉପକାର ୨୦୦୧ ମସିହାରୁ ଜାଲ୍ ମୁଦ୍ରା କାରବାରରେ ସମ୍ପୃକ୍ତ ଅଛି। ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ହିମାଂଶୁ ଓରଫ୍ ଗୁଲ୍ଲୁ, କୁଲଦୀପ, ଅନୁରାଗ ପାଲ ଓରଫ୍ ଲଙ୍କେଶ ଏବଂ ସନ୍ତୋଷ ଚୌରସିଆ ଓରଫ୍ ଜନାର୍ଦ୍ଦନ। ତିହାର ଜେଲ୍‌ରେ ରହିବା ସମୟରେ ଏମାନଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ଜେଲ୍‌ରେ ହିଁ ଏହି ଜାଲ୍ ମୁଦ୍ରା



ନେଟୱାର୍କର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଗ୍ୟାଙ୍ଗ୍ ହରିୟାଣାର ସୋନିପତରେ ଏକ ଫ୍ୟାକ୍ଟ୍ରି ବସାଇ ଦୈନିକ ୧୦,୦୦୦ରୁ ୧୨,୦୦୦ ଜାଲ୍ ମୁଦ୍ରା ତିଆରି କରୁଥିଲା। ପ୍ରତି ୨୦ ଟଙ୍କିଆ ମୁଦ୍ରା ତିଆରି ପାଇଁ ୫ ରୁ ୬ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ଏହାକୁ ୧୨ ରୁ ୧୫ ଟଙ୍କାରେ ଏଜେଣ୍ଟମାନଙ୍କୁ ଯୋଗାଇ ଦିଆଯାଉଥିଲା। ଏହି ମୁଦ୍ରା ଗୁଡ଼ିକୁ ମୁଖ୍ୟତଃ ମଦ ଦୋକାନ, ଟୋଲ୍ ପ୍ଲାଜା ଏବଂ ତେଜରାତି ଦୋକାନ ମାଧ୍ୟମରେ ବାଜାରରେ ପ୍ରଚଳନ କରାଯାଉଥିଲା। ଉତ୍ତର ପ୍ରଦେଶ, ପଞ୍ଜାବ ଏବଂ ବିହାରରେ ବିସ୍ତୃତ ଏହି ନେଟୱାର୍କ ଗତ ୬ ମାସ ମଧ୍ୟରେ ପ୍ରାୟ ୭୦ କୋଟି ଟଙ୍କାର ଜାଲ୍ ମୁଦ୍ରା କାରବାର କରିଥିବା ଅନୁମାନ କରାଯାଉଛି।

## ୟୁସିସି ପରୀକ୍ଷା

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଘୋଷଣା ପରେ ଦ୍ୱନ୍ଦ୍ୱରେ ବିଜେପିର ସହଯୋଗୀ

ନୂଆଦିଲ୍ଲୀ, ୧୫।୯: ଆସନ୍ତା ୨୦୨୯ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ସମସ୍ତ ୨୧ଟି ଏନଡିଏ ଶାସିତ ରାଜ୍ୟରେ ୟୁନିଫର୍ମ ସିଭିଲ କୋଡ୍ ବା ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବୟାନକୁ ନେଇ ବିରୋଧୀ ଦଳ ସମାଲୋଚନା କରିଥିବା ବେଳେ ଏନଡିଏ ଅଂଶୀଦାର ଦଳ ମଧ୍ୟରେ ମତଭେଦ ଦେଖାଦେଇଛି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ଭାରତର ଧର୍ମୀୟ ଓ ସାଂସ୍କୃତିକ ବିବିଧତାକୁ ଅଣଦେଖା କରି ଏପରି ଏକ ସଂହିତା ଲାଗୁ କଲେ ଏହା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଅଧିକାର ଓ ଧାର୍ମିକ ସ୍ୱାଧୀନତାକୁ ବିପଦରେ ପକାଇପାରେ।

ଏହି ଦ୍ୱନ୍ଦ୍ୱ ମଧ୍ୟରେ ଏନ୍‌ଡିଏର ଦୁଇ ପ୍ରମୁଖ ସହଯୋଗୀ ନୀତୀଶ କୁମାରଙ୍କ ଜନତା ଦଳ (ୟୁନାଇଟେଡ୍) ଓ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟିର ଆଭିମୁଖ୍ୟ କ'ଣ ହେବ? ଟିଡିପି ମୁଖ୍ୟ ନାଇଡୁ ଚୁପ ରହିଥିବା ବେଳେ ତାଙ୍କ ଦଳର ଜଣେ ନେତା କହିଛନ୍ତି ଯେ ପ୍ରସ୍ତାବ ଆସିଲେ, ଏହା ଉପରେ ବିସ୍ତୃତ ଆଲୋଚନା ହେବ। ତେବେ ଏନ୍‌ଡିଏର ଅଂଶୀଦାର ଦଳ ଭାବେ ୟୁସିସିକୁ ଲାଗୁ କରାଯିବ। ଏନଡିଏର ଅନ୍ୟତମ ବଡ଼ ଅଂଶୀଦାର ନୀତୀଶ କୁମାରଙ୍କ ଜେଡୟୁ ଏହାକୁ ନେଇ ତୀବ୍ର

■ ଏଲଜେପିର ବିରୋଧ, ଦ୍ୱନ୍ଦ୍ୱରେ ଟିଡିପି
■ ନିଷ୍ପତ୍ତି ନେଇପାରୁନି ନୀତୀଶଙ୍କ ଜେଡିୟୁ

ପ୍ରତିକ୍ରିୟା ପ୍ରକାଶ କରିଛି। ଏଭଳି ସଂହିତା ଉପରେ ତରବର ହୋଇ କୌଣସି ନିଷ୍ପତ୍ତି ନିଆଯିବା ଠିକ୍ ହେବନାହିଁ ବୋଲି ଦଳ କହିଛି। ଏଭଳି ଚର୍ଚ୍ଚା ମଧ୍ୟରେ ନୀତୀଶ କୁମାର ଆଜି ଦଳର ବରିଷ୍ଠ ନେତାମାନଙ୍କ ସହିତ ଏସଂପର୍କରେ ବିଚାର ଆଲୋଚନା କରିଛନ୍ତି। ବୈଠକ ପରେ ଜେଡିୟୁ ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ବିଜୟ ଚୌଧୁରୀ କହିଛନ୍ତି ଯେ ୟୁସିସିର ସ୍ୱରୂପ କଣ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପ୍ରସ୍ତାବ ମିଳିବା ପରେ ଏହା ଉପରେ ବିଚାର କରାଯିବ। କୌଣସି ଅସୁବିଧା ଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ। ।ତେବେ ଦଳର ବିଧାୟକ ଶ୍ୟାମ ରେଜାକ କହିଛନ୍ତି ଯେ ବିହାରରେ ୟୁସିସି ଲାଗୁ କରାଯିବାର ପ୍ରଶ୍ନ ଉଠୁନାହିଁ। ସେହିଭଳି ଅନ୍ୟତମ ସହଯୋଗୀ ଏଲ୍‌ଜେପିର ସଭାପତି ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ୟୁସିସିକୁ ବିରୋଧ କରିଛନ୍ତି।

ୟୁସିସି ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସେମାନଙ୍କର ଆଭିମୁଖ୍ୟ ଉପରେ ବହୁତ କିଛି ନିର୍ଭର କରୁଛି। ଯଦି ସେମାନେ ୟୁସିସିକୁ ସମର୍ଥନ କରନ୍ତି, ତେବେ ନିଜର ପାରମ୍ପରିକ ଧର୍ମନିରପେକ୍ଷ ଭୋଟବ୍ୟାଙ୍କକୁ କିପରି ବୁଝାଇବେ, ତାହା ଏକ ପ୍ରଶ୍ନ। ଯଦି ବିରୋଧ କରନ୍ତି, ତେବେ ଏନ୍‌ଡିଏର ଏକତା ଓ କେନ୍ଦ୍ର ସରକାର ସହ ସମ୍ପର୍କ ଉପରେ ତାହାର ପ୍ରଭାବ କ'ଣ ହେବ, ତାହା ମଧ୍ୟ ଦେଖିବାକୁ ପଡ଼ିବ।

ଅନ୍ୟପକ୍ଷରେ ୟୁସିସି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି ଆର୍‌ଜେଡି ସାଂସଦ ମନୋଜ ଝା। ୟୁସିସିକୁ ସେ 'ଡଗ୍ ହ୍ୱିସଲିଂ' ବୋଲି ଅଭିହିତ କରିବା ସହ ଏହା ଜରିଆରେ ନିର୍ଦ୍ଦିଷ୍ଟ ଭୋଟବ୍ୟାଙ୍କକୁ ଲକ୍ଷ୍ୟ କରାଯାଉଥିବା ଅଭିଯୋଗ କରିଛନ୍ତି। ଝାଙ୍କ ମତରେ, ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ସରକାରଙ୍କ ଅଧିକ ଧ୍ୟାନ ଦେବା ଆବଶ୍ୟକ। କିନ୍ତୁ ୟୁସିସି ପ୍ରସଙ୍ଗକୁ ଆଗକୁ ଆଣି ସେସବୁ ମୁଖ୍ୟ ପ୍ରସଙ୍ଗରୁ ଜନସାଧାରଣଙ୍କ ଧ୍ୟାନ ହଟାଇବାକୁ ସରକାର ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ପୁଣି କମିଲା କେନ୍ଦ୍ରୀୟ ଅନୁଦାନ

# ଚାପରେ ରାଜ୍ୟ ଅର୍ଥନୀତି

**ଭୁବନେଶ୍ୱର, ୧୫।୯ (ସମିସ):**



କେନ୍ଦ୍ରୀୟ ଅନୁଦାନ ଭରସାରେ ରାଜ୍ୟ ସରକାର ବଜେଟ୍ ପ୍ରସ୍ତୁତ କରୁଛନ୍ତି; ମାତ୍ର କେନ୍ଦ୍ର ସରକାର ଅନୁଦାନ ଦେଉନାହାନ୍ତି। ଫଳରେ ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି ଓ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରାଜ୍ୟ ସରକାର ଚଳିତ ବର୍ଷ ପାଇଁ ବଜେଟ ପ୍ରସ୍ତୁତ କରିବାବେଳେ କେନ୍ଦ୍ରୀୟ ଅନୁଦାନ ବାବଦରେ ୪୦୦୪୦ କୋଟି ଟଙ୍କା ପାଇବେ ବୋଲି ଆଶା କରିଥିଲେ। ମାତ୍ର ଆର୍ଥିକ ବର୍ଷର ୫ ମାସ ପରେ ରାଜ୍ୟକୁ ମିଳିଛି ୪୫୧୦ କୋଟି ଟଙ୍କା। ଗତବର୍ଷ ଏହି ସମୟରେ କେନ୍ଦ୍ର ସରକାର ଓଡ଼ିଶାକୁ ୪୭୫୧ କୋଟି ଟଙ୍କା ଦେଇଥିଲେ, ମାତ୍ର ପୂର୍ବବର୍ଷଠାରୁ ଚଳିତ ବର୍ଷ କେନ୍ଦ୍ର ଓଡ଼ିଶାକୁ କମ୍ ଅନୁଦାନ ପ୍ରଦାନ କରିଛି।

ଚଳିତ ବଜେଟ୍‌ରେ ଓଡ଼ିଶାର ମୋଟ ରାଜସ୍ୱ ପ୍ରାପ୍ତି ୨.୪୮ ଲକ୍ଷ କୋଟି ଟଙ୍କା ଆକଳନ ହୋଇଥିବାବେଳେ କେନ୍ଦ୍ରୀୟ ଉତ୍ସରୁ ପ୍ରାୟ ୧.୦୭ ଲକ୍ଷ କୋଟି ଟଙ୍କା ମିଳିବ ବୋଲି ଆଶା ରହିଛି। ମାତ୍ର ପ୍ରତିବର୍ଷ କେନ୍ଦ୍ରୀୟ ଅନୁଦାନ କମିକମି ଚାଲିଥିବାରୁ ଏହି ଅନୁଦାନକୁ ନେଇ ରାଜ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ୨୦୨୪ ଆର୍ଥିକ ବର୍ଷରେ ଏହି ସମୟ ସୁଦ୍ଧା ରାଜ୍ୟ ପାଇଥିଲା ୫,୩୧୭ କୋଟିରୁ ଅଧିକ। ୨୦୨୫ ଆର୍ଥିକ ବର୍ଷରେ ଏହା ୪,୭୫୧ କୋଟି ଥିବାବେଳେ ଚଳିତ ବର୍ଷ ଏହା ୪,୫୧୦ କୋଟିକୁ ଖସିଛି। ୨୦୨୬-୨୭ରେ ଓଡ଼ିଶାର ମୋଟ ବଜେଟ୍ ବ୍ୟୟ ୩ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ରାଜସ୍ୱ ପ୍ରାପ୍ତିର ୪୩ ପ୍ରତିଶତ କେନ୍ଦ୍ରୀୟ ଉତ୍ସରୁ ଆସିବାର ଆକଳନ ଥିବାରୁ କେନ୍ଦ୍ରୀୟ ଅର୍ଥ ପ୍ରବାହରେ ସାମାନ୍ୟ ବିଳମ୍ବ କିମ୍ବା ହ୍ରାସ ମଧ୍ୟ ରାଜ୍ୟର ଯୋଜନା ଓ ଖର୍ଚ୍ଚ ପରିଚାଳନା ଉପରେ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି କରିଛି। ବିଶେଷକରି କେନ୍ଦ୍ର-ରାଜ୍ୟ ଭାଗିଦାରିରେ ଚାଲୁଥିବା ଯୋଜନାଗୁଡ଼ିକରେ କେନ୍ଦ୍ରୀୟ ଅଂଶ ବିଳମ୍ବିତ ହେଲେ ରାଜ୍ୟକୁ ନିଜସ୍ୱ ପାଣ୍ଠିରୁ ଅର୍ଥ ଯୋଗାଇବାକୁ ପଡ଼ିପାରେ। ଏହା ଅନ୍ୟ ବିକାଶମୂଳକ ଖର୍ଚ୍ଚ ଉପରେ ଚାପ ବଢ଼ାଇବାର ଆଶଙ୍କା ରହିଛି।

ତେବେ କେନ୍ଦ୍ରରୁ ମିଳୁଥିବା ଅଂଶଧନ ଟିକସ ବାବଦ ଅଂଶ ବାବଦରେ କେନ୍ଦ୍ରରୁ ୬୭,୪୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିବାବେଳେ ଅଗଷ୍ଟ ଶେଷସୁଦ୍ଧା ୨୬ହଜାର କୋଟିରୁ ଅଧିକ ମିଳିଥିବା କୁହାଯାଉଛି। ତେବେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଥିବାରୁ ଏବେ ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ପ୍ରକଳ୍ପ ଓ ଯୋଜନା ଚଳାଇବା କଷ୍ଟକର ହୋଇପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । କାରଣ ବହୁ ପ୍ରକଳ୍ପ ଏହି ଅର୍ଥ ଉପରେ ନିର୍ଭର କରୁଥିବାବେଳେ ସେଗୁଡ଼ିକ ରାଜ୍ୟ ସରକାର ପାଣ୍ଠିରୁ ଅର୍ଥ ଦେଇ ଚଳାଇ ରଖିବା କଷ୍ଟ ବ୍ୟାପାର। କେନ୍ଦ୍ରୀୟ ଅଂଶଧନ ଟିକସ, ଅନୁଦାନ ବାବଦରେ ମିଳୁଥିବା ଅର୍ଥକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ ହେବା ସହିତ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ରୂପରେଖ ପ୍ରସ୍ତୁତ ହୋଇଥାଏ। ବର୍ତ୍ତମାନ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାବେଳେ ଲଘୁ ଖଣିଜ ଦ୍ରବ୍ୟ, ବୃହତ୍ ଓ ମଧ୍ୟମ ଜଳସେଚନ ଆଦି କ୍ଷେତ୍ରରୁ ଆଦାୟ ଟିକସ ପୂର୍ବବର୍ଷ ତୁଳନାରେ ହ୍ରାସ ପାଉଥିବାରୁ ତାହା ଚିନ୍ତାର କାରଣ ହୋଇଛି।

# କଂଗ୍ରେସରେ ବଡ଼ ପରିବର୍ତ୍ତନ ଆସନ୍ନ

## ସଚିବ ନିଯୁକ୍ତି ପାଇଁ ସାକ୍ଷାତକାର ନେଉଛନ୍ତି ରାହୁଲ-ପ୍ରିୟଙ୍କା



**ନୂଆଦିଲ୍ଲୀ, ୧୫।୯ (ସମିସ):** ଆଗାମୀ ବର୍ଷ ୫ ରାଜ୍ୟର ବିଧାନସଭା ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ନିଜ ସାଂଗଠନିକ ଢାଞ୍ଚାକୁ ଅଧିକ ସକ୍ରିୟ କରିବା ଆରମ୍ଭ କରିଛି । ରାଜ୍ୟଗୁଡ଼ିକରେ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେନେତା ଓ ପଦାଧିକାରୀଙ୍କ କାର୍ଯ୍ୟର ନିୟମିତ ସମୀକ୍ଷା ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ପାର୍ଟିର ମହାସଚିବ ଓ ରାଜ୍ୟ ପ୍ରଭାରୀମାନଙ୍କ ସହ କାମ କରୁଥିବା ସଚିବମାନଙ୍କୁ ନିଜ ଦାୟିତ୍ୱରେ ଥିବା ରାଜ୍ୟରେ ନିୟମିତ ଉପସ୍ଥିତ ରହି ସଂଗଠନର କାର୍ଯ୍ୟକୁ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ପ୍ରତି ମାସରେ ପ୍ରାୟ ୧୫ରୁ ୨୦ ଦିନ ସମ୍ପୃକ୍ତ ରାଜ୍ୟରେ ରହି ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବେ। ଏହାଦ୍ୱାରା ଦିଲ୍ଲୀର କେନ୍ଦ୍ରୀୟ ନେତୃତ୍ୱ ଓ ରାଜ୍ୟ ସଂଗଠନ ମଧ୍ୟରେ ସମନ୍ୱୟ ଅଧିକ ମଜଭୁତ କରିବାକୁ ଦଳ ଚାହୁଁଥିବା ସୂଚନା ମିଳିଛି।

ସାଂଗଠନିକ ପୁନର୍ଗଠନ ପ୍ରକ୍ରିୟାରେ ନୂଆ ସଚିବ ନିଯୁକ୍ତିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କ ଏକ ପ୍ୟାନେଲରୁ ନୂଆ ସଚିବ ଚୟନ ପାଇଁ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାକ୍ଷାତକାର ନେଉଛନ୍ତି। ଏହି ନିଯୁକ୍ତିରେ କେବଳ ରାଜ୍ୟ ଗସ୍ତ କିମ୍ବା ସାଂଗଠନିକ ବୈଠକରେ ଉପସ୍ଥିତିକୁ ନୁହେଁ; ପ୍ରତ୍ୟେକ ସଚିବଙ୍କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଦାୟିତ୍ୱ ଦେବାର ଯୋଜନା ରହିଛି। ରାଜ୍ୟ ସଂଗଠନର ସ୍ଥିତି ସମ୍ପର୍କରେ କେନ୍ଦ୍ରୀୟ ନେତୃତ୍ୱକୁ ନିୟମିତ ଅବଗତ କରିବା, ତଳସ୍ତରର କର୍ମୀଙ୍କ ସହ ସମନ୍ୱୟ, ସାଂଗଠନିକ ବିସ୍ତାର ଓ ନିର୍ବାଚନୀ ପ୍ରସ୍ତୁତିକୁ ଆଗେଇ ନେବା ସେମାନଙ୍କ ପ୍ରମୁଖ ଦାୟିତ୍ୱ ହେବ। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଏବେ ଦଳରେ ପଦ ଅପେକ୍ଷା କାର୍ଯ୍ୟଦକ୍ଷତାକୁ ଅଧିକ ଗୁରୁତ୍ୱ ଦେଉଥିବା ମନେ ହେଉଛି । କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'ର ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା, ମଣ୍ଡଳ ଓ ବ୍ଲକ୍ ସ୍ତରରେ ଦଳର ନେତୃତ୍ୱ ନେଉଥିବା ପଦାଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରାଯିବ। ଦଳୀୟ ସୂତ୍ର ଅନୁସାରେ, ଜିଲ୍ଲା ସଭାପତିମାନଙ୍କ କାର୍ଯ୍ୟଦକ୍ଷତାକୁ 'ଏ', 'ବି' ଓ 'ସି' ଶ୍ରେଣୀରେ ବିଭକ୍ତ କରିବାର ଯୋଜନା ରହିଛି।

ଯେଉଁ ଜିଲ୍ଲା ସଭାପତିଙ୍କ କାର୍ଯ୍ୟ ସନ୍ତୋଷଜନକ ନୁହେଁ ବୋଲି ଦଳୀୟ ସମୀକ୍ଷାରେ ଜଣାପଡ଼ିବ, ସେମାନଙ୍କୁ ନୋଟିସ ଦିଆଯାଇ ଥରେ ସୁଯୋଗ ଦିଆଯିବ। ଏହାପରେ ସେମାନଙ୍କ ଦକ୍ଷତାରେ ଉନ୍ନତି ନ ଘଟିଲେ ନୂତନ ସଭାପତି ନିଯୁକ୍ତି ଦିଆଯିବ। ଏହିକ୍ରମରେ କଂଗ୍ରେସ ମହାସଚିବ କେ.ସି. ବେଣୁଗୋପାଳ ବିହାରରେ ମଣ୍ଡଳ ଓ ବ୍ଲକ୍ ସଭାପତିମାନଙ୍କ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଏବଂ ଗୁଜରାଟରେ ପ୍ରଭାରୀ ରଣଦୀପ ସିଂହ ସୁର୍ଜେୱାଲା ନିଜ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉତ୍ତରପ୍ରଦେଶରେ ମଧ୍ୟ ସଂଗଠନ ପୁନର୍ଗଠନ ପ୍ରକ୍ରିୟା ଜାରି ରହିଛି। ନୂଆ ଜିଲ୍ଲା ସଭାପତି ନିଯୁକ୍ତି ସହ ବିଭିନ୍ନ ସ୍ତରରେ ନୂଆ କମିଟି ଗଠନ ପାଇଁ ପ୍ରସ୍ତୁତି ଚାଲିଛି। କଂଗ୍ରେସର ଏହି ସମଗ୍ର ପଦକ୍ଷେପକୁ ଆଗାମୀ ନିର୍ବାଚନ ପୂର୍ବରୁ ସଂଗଠନକୁ 'ଇଲେକ୍ସନ୍ ମୋଡ୍'ରେ ଆଣିବାର ରଣନୀତି ଭାବେ ଦେଖାଯାଉଛି। ଦୀର୍ଘ ସମୟ ଧରି ଅନେକ ରାଜ୍ୟରେ ସଂଗଠନୀୟ ଦୁର୍ବଳତା, ଗୋଷ୍ଠୀ ବିବାଦ, ତଳସ୍ତରରେ ନିଷ୍କ୍ରିୟତା ଓ ନେତୃତ୍ୱ ମଧ୍ୟରେ ସମନ୍ୱୟର ଅଭାବ କଂଗ୍ରେସ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହାକୁ ଦୂର କରି ସଂଗଠନକୁ ନୂଆ ଭାବରେ ଗଢ଼ିବାକୁ ଦଳ ପ୍ରକ୍ରିୟା ଆରମ୍ଭ କରିଛି । ୨୦୨୯ ଲୋକସଭା ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ଏବେଠାରୁ ଯେଉଁ ସଂଗଠନୀୟ ଭିତ୍ତି ଗଢ଼ିବାକୁ ଚାହୁଁଛି, ତାହାର ସଫଳତା ଆଗାମୀ ୫ ରାଜ୍ୟର ବିଧାନସଭା ନିର୍ବାଚନରେ ପରୀକ୍ଷିତ ହେବ।

# ଗାନ୍ଧୀ ମାର୍ଗରେ ଯୋଗାଣ ସହାୟକଙ୍କ ନୂଆଁଖାଇ




**ଭୁବନେଶ୍ୱର, ୧୫।୯ (ସମିସ):** ଯୋଗାଣ ସହାୟକମାନେ ଗାନ୍ଧୀମାର୍ଗ ସ୍ଥିତ ଧାରଣା ସ୍ଥଳରେ ନୂଆଁଖାଇ ପର୍ବ ପାଳିତ ହୋଇଛି। ପଶ୍ଚିମ ଓଡ଼ିଶାର ପ୍ରମୁଖ କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ଧାରଣାରତ ଯୋଗାଣ ସହାୟକମାନେ ନିଜ ନିଜ ସ୍ଥାନରେ ରହି ପାରମ୍ପାରିକ ଢଙ୍ଗରେ ଏହି ଉତ୍ସବକୁ ପାଳନ କରିଛନ୍ତି। ଧାରଣା ସ୍ଥଳରେ ନୂଆ ଧାନରୁ ତିଆରି ଚୁଡ଼ା ଓ ଅନ୍ୟାନ୍ୟ ଖାଦ୍ୟ ଦେବତାଙ୍କୁ ଅର୍ପଣ କରାଯିବା ପରେ ସମସ୍ତେ ଏକାଠି ବସି ନୂଆଁ ଖାଇଛନ୍ତି। ବର୍ଷା ଓ ଖରା ମଧ୍ୟରେ ସେମାନେ ନିଜ ଦାବିକୁ ନେଇ ଧାରଣା ଜାରି ରଖିଥିବା ବେଳେ ପର୍ବପାଳନ ମାଧ୍ୟମରେ ଏକତା ଓ ସହଯୋଗର ବାର୍ତ୍ତା ଦେଇଛନ୍ତି। ସୋମବାର ଏଠାରେ ଗଣେଶ ପୂଜା ମଧ୍ୟ ପାଳନ କରାଯାଇଥିଲା। ଯୋଗାଣ ସହାୟକମାନେ କହିଛନ୍ତି ଯେ, ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ତଥାପି ପରମ୍ପରାକୁ ମାନି ନୂଆଁଖାଇ ପାଳନ କରି ସେମାନେ ନିଜ ସଂସ୍କୃତି ପ୍ରତି ଶ୍ରଦ୍ଧା ଦେଖାଇଛନ୍ତି। ଧାରଣା ସ୍ଥଳରେ ଉପସ୍ଥିତ ଅନ୍ୟ ସମର୍ଥକମାନେ ମଧ୍ୟ ଏହି ପର୍ବରେ ଯୋଗ ଦେଇଥିଲେ। ନୂଆଁଖାଇ ପଶ୍ଚିମ ଓଡ଼ିଶାରେ ନୂଆ ଫସଲକୁ ଦେବତାଙ୍କୁ ଅର୍ପଣ କରି ଖାଇବାର ପର୍ବ ଭାବେ ପରିଚିତ। ମାତ୍ର ଧାରଣା ଯୋଗୁଁ ଏଠାରେ ଅନେକ ପଶ୍ଚିମ ଓଡ଼ିଶାର ଯୋଗାଣ ସହାୟକମାନେ ନିଜ ପରିବାର ସହ ନୂଆଁ ଖାଇପାରି ନାହାନ୍ତି।

# ବୃଦ୍ଧାଙ୍କୁ ଟାଣିନେଲା କୁମ୍ଭୀର

**ମହାକାଳପଡ଼ା,୧୫।୯ (ସମିସ):** ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତରେ ମଙ୍ଗଳବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ଘର ଲିପିବା ପାଇଁ ଆବଶ୍ୟକୀୟ ମାଟି ନଦୀ କୂଳରୁ ଆଣିବାକୁ ଯାଇଥିବା ଖରିନାସୀ ପଞ୍ଚାୟତ



## ଡାକ୍ତରଙ୍କ ମୃତ ଘୋଷଣା

ଦାସ ପଡା ଗାଁର ହେମଲତା ଦାସ(୬୫)ଙ୍କୁ ଏକ କୁମ୍ଭୀର ପାଣି ଭିତରକୁ ଟାଣି ନେଇଥିଲା। ହେମଲତା ଚିତ୍କାର କରିବାରୁ ଉପସ୍ଥିତ ଲୋକମାନେ ମଧ୍ୟ କୁମ୍ଭୀର କବଳରୁ ରକ୍ଷା କରିବା ପାଇଁ ଧାଇଁଆସିଥିଲେ। ହେଲେ ସେତେବେଳକୁ କୁମ୍ଭୀର ତାଙ୍କୁ ନଦୀ ଭିତରକୁ ନେଇସାରିଥିଲା। ଉପସ୍ଥିତ ଲୋକମାନେ ଡଙ୍ଗା ସାହାଯ୍ୟରେ ବହୁତ ଖୋଜାଖୋଜି କରିବା ପରେ ରାମନଗର ଜେଟି ପାଖରୁ ହେମଲତା ଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ହେମଲତାଙ୍କ ମୃତ୍ୟୁ ପରେ ନଈକୂଳିଆ ଲୋକେ ଆତଙ୍କିତ ହୋଇ ପଡିଛନ୍ତି।

# ମୟୂରଭଞ୍ଜରେ ସନ୍ଦିଗ୍ଧ ପାରା

## ବାଂଲାଦେଶରୁ ଆସିଥିବା ସନ୍ଦେହ



**ବାରିପଦା/ବୈଶିଙ୍ଗା, ୧୫।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଷିପଦା ଗ୍ରାମରୁ ମଙ୍ଗଳବାର ଦ୍ୱିପ୍ରହର ସମୟରେ ଏକ ରହସ୍ୟଜନକ ପାରା ଉଦ୍ଧାର କରାଯାଇଛି। ଗ୍ରାମର ଦୁଇଜଣ ପିଲା ଗାଁ ବାହାରେ ଖେଳୁଥିବାବେଳେ ପାରାଟି ଆସି ସେମାନଙ୍କ ନିକଟରେ ବସିଥିଲା। ପାରା ଗୋଡ଼ରେ ଗୋଡରେ ନୀଳ ରଙ୍ଗର ପିତ୍ତଳ ରିଙ୍ଗରେ ୨୦୨୪'-'୭ ଲେଖାଥିବା ଦେଖିବାକୁ ମିଳିଥିଲା। ପିଲାଙ୍କ ନିକଟରୁ ପାରାକୁ ପାଇବା ପରେ ଗ୍ରାମବାସୀ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ କଷିପଦା ଗ୍ରାମରେ ପହଞ୍ଚି ପାରାକୁ ପରୀକ୍ଷା ନିରୀକ୍ଷା କରିଥିଲେ। ଏହା ସନ୍ଦେହଜନକ ଲାଗିବା ସହ ବାଂଲାଦେଶରୁ ଆସିଥିବା ନେଇ ସନ୍ଦେହ ହେବାରୁ ପୁଲିସ ପାରାକୁ ଥାନାକୁ ନେଇଥିଲା। ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ ପାଇଁ ପକ୍ଷୀକୁ ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଭୋଗରାଇ ନିକଟରୁ ୫ଟି ଓରାଙ୍ଗଉଟାନ୍ ଉଦ୍ଧାରକୁ ନେଇ ଯାବତୀୟ କଳ୍ପନାଜଳ୍ପନା ଲାଗି ରହିଥିବା ସମୟରେ ପାରା ଉଦ୍ଧାର ପ୍ରସଙ୍ଗ ଏକ ନୂଆ ଦିଗକୁ ଇସାରା କରିଛି।

## ଭତ୍ତାକୁ ନେଇ ସରକାରଙ୍କ ଉପରେ ବର୍ଷିଲା ବିଜେଡି

# ଭୁଲିଗଲେ ୩୫୦୦ ଟଙ୍କା ପ୍ରତିଶ୍ରୁତି

**ଭୁବନେଶ୍ୱର,୧୫।୯ (ସମିସ):** ରାଜ୍ୟରେ ସାମାଜିକ ସୁରକ୍ଷା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ବାର୍ଦ୍ଧକ୍ୟ ଭତ୍ତା ବିଳମ୍ବ ଯୋଗୁ ଏହାର ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ଦଳ ଅଭିଯୋଗ କରିଛି।

ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି ଯେ ଗତ ମାର୍ଚ୍ଚ ମାସରୁ ଚଳିତ ସେପ୍ଟେମ୍ବର ମାସ ଭିତରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ଦେଖାଦେଇଛି। ଯେଉଁଥି ପାଇଁ ଏହାର



- ଭତ୍ତା ମିଳିବାରେ ଅହେତୁକ ବିଳମ୍ବ ଯୋଗୁ ହିତାଧିକାରୀ ହନ୍ତସନ୍ତ
- ଭତ୍ତା ପାଇବା ପାଇଁ ଚାହିଁ ବସିଛନ୍ତି ରାଜ୍ୟର ୭ ଲକ୍ଷ ହିତାଧିକାରୀ

ହିତାଧିକାରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଏପ୍ରିଲ ମାସରୁ ଜୁନ ମାସ ପର୍ଯ୍ୟନ୍ତ ପ୍ରାୟ ୨୦ ଲକ୍ଷ ହିତାଧିକାରୀ ସେମାନଙ୍କର ୧୦୦୦ ଟଙ୍କାର ମାସିକ ଭତ୍ତା ପାଇ ନ ଥିଲେ। ସେହି ସମୟରେ ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏହାର ଉତ୍ତରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୈଷୟିକ ବା ସଫ୍ଟୱେୟାର ତ୍ରୁଟି ଯୋଗୁ ଏହି ଭତ୍ତା ପ୍ରଦାନରେ ବିଳମ୍ବ ହେଉଛି ବୋଲି କୁହାଯାଇଥିଲା। ଏହି ତ୍ରୁଟିକୁ ସୁଧାରିବା ପରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସ୍ୱାଭାବିକ ହୋଇଛି ବୋଲି ସରକାରଙ୍କ ପକ୍ଷରୁ ଦାବି ହୋଇଥିଲେ ହେଁ ଏବେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ଠିକ ସମୟରେ ମିଳୁ ନାହିଁ ବୋଲି ରାଜ୍ୟର ବିଭିନ୍ନ ଜାଗାରୁ ଖବର ଆସୁଛି । ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଔଷଧ ଓ ନିତ୍ୟ ଆବଶ୍ୟକୀୟ ଜିନିଷ କିଣିବା ପାଇଁ ବ୍ୟବହାର କରିଥାନ୍ତି । ରାଜ୍ୟରେ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଦରଖାସ୍ତ ସରକାରଙ୍କ ନିକଟରେ ପଡ଼ି ରହିଛି । ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରୁ ମୃତ ବ୍ୟକ୍ତି ମାନଙ୍କୁ ବାଦ ଦେବା ଓ ନୂତନ ଯୋଗ୍ୟ ବ୍ୟକ୍ତିଙ୍କୁ ଯୋଡିବା ଏକ ନିୟମିତ ପ୍ରକ୍ରିୟା, ଯାହାକୁ ବିଜେପି ସରକାର ଜାଣିଶୁଣି କାର୍ଯ୍ୟକାରୀ କରୁନାହାନ୍ତି। ବିଜେପି ନିଜର ନିର୍ବାଚନ ଇସ୍ତାହାରରେ ବାର୍ଦ୍ଧକ୍ୟ ଭତ୍ତାକୁ ୧୦୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ସରକାରକୁ ଆସିବା ପରେ ବିଜେପି ଏହା ଭୁଲି ଯାଇଛି। ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ସହିତ ସେମାନେ କିପରି ଠିକ ସମୟରେ ବାର୍ଦ୍ଧକ୍ୟ ଭତ୍ତା ପାଇବେ ସେ ବ୍ୟବସ୍ଥା କରିବା ସହିତ ନୂତନ ହିତାଧିକାରୀ ମାନଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରିବା ପାଇଁ ବିଜେଡି ଦାବି କରୁଛି ବୋଲି ଡ. ମହାନ୍ତି କହିଛନ୍ତି।

# ପୂର୍ବତନ ମେୟରଙ୍କ ଭାଇ ସହ ୪ ଗିରଫ

**ବ୍ରହ୍ମପୁର,୧୫।୯ (ସମିସ)**



ଗଣେଶ ପୂଜାରେ ଜୁଆ ଖେଳିବା ପାଇଁ ଆରମ୍ଭ କରିଥିଲେ 'ଖାତା ପୂଜା'। ହେଲେ ଖାତା ପୂଜାର ପ୍ରଥମ ଦିନରେ ହିଁ ସେମାନଙ୍କ ଯୋଜନାରେ ପାଣି ପକାଇ ଦେଇଛି ପୁଲିସ। ଗୋଷାଣୀନୂଆଗାଁ ମୁଖ୍ୟ ରାସ୍ତା ନିକଟ ଏକ ପୁରୁଣା ତଥା ପରିତ୍ୟକ୍ତ ଘରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିବା ସହ ଗୋଟିଏ ପିସ୍ତଲ, ନଗଦ ୬୬ହଜାର ୭୨୦ଟଙ୍କା, ୪ଟି ମୋବାଇଲ୍ ଫୋନ୍ ଓ ୨ଟି ମୋଟର ସାଇକେଲକୁ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଗୋଷାଣୀନୂଆଗାଁ ଶାଳିଆ ବନ୍ଧ ସାହିର ଚନ୍ଦ୍ରଶେଖର ଦାସ ଓରଫ୍ ପିଙ୍କୁ ଦାସ (୪୪), ପୁରୁଣା ବ୍ରହ୍ମପୁରର କୈଳାଶ ମହାନ୍ତି ଓରଫ୍ ବୁଡ୍ଡୁ (୪୯), ବାଲାଜୀପେଣ୍ଠ ସାହିର ସିଡୁନ୍ ସାହୁ (୨୫) ଏବଂ କାଳୁଆ ସାହିର ଦେବାଶିଷ ପାତ୍ର (୩୦) ଥିବା ଜଣାପଡିଛି। ଚନ୍ଦ୍ରଶେଖର ଦାସ ଓରଫ୍ ପିଙ୍କୁ ଦାସ ବ୍ରହ୍ମପୁରର ପୂର୍ବତନ ମେୟର ପିଣ୍ଟୁ ଦାସଙ୍କ ସାନଭାଇ ବୋଲି ଜଣାପଡ଼ିଛି। ସେହିପରି କୈଳାଶ ମହାନ୍ତି ଜଣେ ପୁରୁଣା ଅପରାଧୀ ତଥା ବନ୍ଧୁକ ବ୍ୟବସାୟୀ ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଣେଶ ପୂଜା ଦିନ ଅର୍ଥାତ୍ ୧୪ତାରିଖ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଗୋଷାଣୀନୂଆଗାଁ ମୁଖ୍ୟରାସ୍ତା ନିକଟ ଏକ ପରିତ୍ୟକ୍ତ ଘରେ କିଛି ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂତ୍ରରୁ ସୂଚନା ମିଳିଥିଲା।

ସେମାନେ ଅସ୍ତ୍ରଶସ୍ତ୍ର ରଖି କୌଣସି ଗୁରୁତର ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ମଧ୍ୟ ସୂଚନା ମିଳିଥିଲା। ଏହାପରେ ଆଇଆଇସିଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଘରକୁ ଚତୁର୍ଦ୍ଦିଗରୁ ଘେରାଉ କରିଥିଲା। ରାତି ପ୍ରାୟ ୧୦ଟା ୨୦ମିନିଟ ସମୟରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ଦୁଇଜଣ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ଘର ଓ ସେଠାରେ ଥିବା ବ୍ୟକ୍ତିମାନଙ୍କ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଉପରୋକ୍ତ ୪ଜଣ ବ୍ୟକ୍ତି ଧରାପଡ଼ିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ନୀଳ ରଙ୍ଗର ଆଇଫୋନ୍, ଗୋଟିଏ ନୀଳ ରଙ୍ଗର ଓପୋ ମୋବାଇଲ୍, ଗୋଟିଏ ସବୁଜ ରଙ୍ଗର ସାମସଙ୍ଗ ଗାଲେକ୍ସି ଫୋଲ୍ଡ ମୋବାଇଲ୍, ଗୋଟିଏ ସାମସଙ୍ଗ ଏ୩୫ ୫ଜି ମୋବାଇଲ୍, ଦୁଇଟି ରୟାଲ୍ ଏନ୍‌ଫିଲ୍ଡ ମୋଟରସାଇକେଲ୍, ନଗଦ ୬୬ହଜାର ୭୨୦ଟଙ୍କା ଏବଂ ସୁନେଲି ରଙ୍ଗର ଗ୍ରିପ୍ ଓ ଟ୍ରିଗର୍ ଥିବା ଗୋଟିଏ ରୂପେଲି ରଙ୍ଗର ପିସ୍ତଲ ଜବତ ହୋଇଥିଲା। ପିସ୍ତଲ ପାଇଁ

## ବନ୍ଧୁକ ବ୍ୟବସାୟୀ 'ବୁଡ୍ଡୁ' ଓ ଠିକାଦାର 'ଦେବାଶିଷ' ଗିରଫ

ବୈଧ ଲାଇସେନ୍ସ କିମ୍ବା କୌଣସି ଆଇନଗତ କାଗଜପତ୍ର ଦେଖାଇବାକୁ ଅଭିଯୁକ୍ତମାନେ ବିଫଳ ହୋଇଥିଲେ। ପିସ୍ତଲର ମାଗାଜିନ୍ ଓ ଗୁଳିଗୁଳା ବିଷୟରେ ପଚରାଯିବାରୁ 'ଗାଜି' ଓରଫ୍ ସନ୍ତୋଷ ପାଢ଼ୀ ଓ ନୀଳାଞ୍ଚଳ ପାତ୍ର ନାମକ ଅନ୍ୟ ଦୁଇଜଣ ବ୍ୟକ୍ତି ମାଗାଜିନ୍ ନେଇ ପୁଲିସ ପହଞ୍ଚିବା ପୂର୍ବରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଅଭିଯୁକ୍ତମାନେ କହିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ କୈଳାଶ ମହାନ୍ତି ଓରଫ୍ ବୁଡ୍ଡୁ, ଚନ୍ଦ୍ରଶେଖର ଦାସ ଓରଫ୍ ପିଙ୍କୁ ଦାସ, ସିଡୁନ୍ ସାହୁ ଓ ଦେବାଶିଷ ପାତ୍ରଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ମାଗାଜିନ୍ ନେଇ ଫେରାର ହୋଇଥିବା ଅନ୍ୟ ଦୁଇଜଣଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି। ଗିରଫ ସମସ୍ତ ୪ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

# ବନ୍ଦହେଲା ହୀରାକୁଦର ଗୋଟିଏ ଗେଟ୍

**ସମ୍ବଲପୁର, ୧୫।୯ (ସମିସ):** ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ଗତ କେଇଦିନ ଧରି ହୀରାକୁଦ ଜଳସ୍ତର ୬୨୯ ଫୁଟ୍ ଉପରେ ରହୁଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିଛନ୍ତି। ଆଜି ଅପରାହ୍ଣ ୪ଟା ୧୮ ମିନିଟ୍ ସମୟରେ ନଦୀବନ୍ଧର ଗୋଟିଏ ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ନଦୀବନ୍ଧର ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ, ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଏବଂ ସେପ୍ଟେମ୍ବର ୧୧ ତାରିଖରେ ତୃତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ସନ୍ଧ୍ୟା ୬ଟା ସମୟରେ

## ୬ ଗେଟ୍ ଦେଇ ନିଷ୍କାସନ, ଜଳସ୍ତର ୬୨୯.୪୩ ଫୁଟ୍

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର୍ରେ ୪ଟି ଏବଂ ଡାହାଣ ପାର୍ଶ୍ୱର୍ରେ ୨ଟି ସ୍ଲୁଇସ୍ ଗେଟ୍ ଏହିପରି ମୋଟ୍ ୬ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୨,୩୧୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୦୭,୦୫୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୨୧୫ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୩୮୨୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୯,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୮୨,୬୬୦ କ୍ୟୁସେକ୍, ଖଇରମାଲଠାରେ ୨,୫୯,୫୦୦ କ୍ୟୁସେକ୍, ବାରମୁଲଠାରେ ୨,୨୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୩,୦୦,୫୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଜଳ ସଂରକ୍ଷଣ ପାଇଁ ହ୍ରାସ କରାଯିବ ବିଦ୍ୟୁତ୍ ଉତ୍ପାଦନ

**ଭୁବନେଶ୍ୱର, ୧୫।୯ (ସମିସ)**



ଚଳିତ ବର୍ଷ ରାଜ୍ୟର କିଛି ସ୍ଥାନରେ ନିଅଣ୍ଟିଆ ଓ ଅନିୟମିତ ବର୍ଷା ଯୋଗୁଁ ଅନେକ ଜଳଭଣ୍ଡାରରେ ଜଳସ୍ତର ନିର୍ଦ୍ଧାରିତ ଉଚ୍ଚତାକୁ ଛୁଇଁ ପାରିନାହିଁ। ଜଳ ଉପଲବ୍ଧତା ନେଇ ଚିନ୍ତା ବଢୁଥିବାବେଳେ ପାନୀୟଜଳ ଓ କୃଷି ପାଇଁ ଆବଶ୍ୟକ ଜଳ ଭଣ୍ଡାରକୁ ସୁରକ୍ଷିତ ରଖିବା ଲାଗି ଜଳବିଦ୍ୟୁତ୍ ଉତ୍ପାଦନ ହ୍ରାସ ନିମନ୍ତେ ସରକାରୀସ୍ତରରେ ଆପାତତଃ ନିଷ୍ପତ୍ତି ହୋଇଛି। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍‌ର ସ୍ଥାପିତ ଜଳବିଦ୍ୟୁତ୍ କ୍ଷମତା ପ୍ରାୟ ୨୦୯୯.୫ ମେଗାୱାଟ୍; କିନ୍ତୁ ଜଳ ସଂରକ୍ଷଣକୁ ଦୃଷ୍ଟିରେ ରଖି ଏହାର ପୂର୍ଣ୍ଣ କ୍ଷମତା ଅନୁଯାୟୀ ଉତ୍ପାଦନ କରାଯାଉନାହିଁ। ଜୁନ୍ ମାସରେ ଜଳଭଣ୍ଡାରର ଜଳକୁ ଅତ୍ୟଧିକ ମାତ୍ରାରେ ଖର୍ଚ୍ଚ ନ କରିବା ହାରାହାରି ଜଳବିଦ୍ୟୁତ୍ ଉତ୍ପାଦନ ପ୍ରାୟ ୩୫୦ରୁ ୫୫୦ ମେଗାୱାଟ୍ ମଧ୍ୟରେ ରଖାଯାଇଛି। ବାଲିମେଳା ଜଳଭଣ୍ଡାରର ପୂର୍ଣ୍ଣ ଜଳସ୍ତର ୧୫୧୬ ଫୁଟ୍। ଜୁଲାଇରେ ଏହା ୧୪୫୫.୬ ଫୁଟ୍‌କୁ ହ୍ରାସ ପାଇଥିଲା। ଫଳରେ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣ ନିମନ୍ତେ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବନ୍ଦ କରାଯାଇଥିଲା।

ଅପରପକ୍ଷରେ ହୀରାକୁଦ ଜଳଭଣ୍ଡାରରେ ଚଳିତ ବର୍ଷ ଜଳବିଦ୍ୟୁତ୍ ଉତ୍ପାଦନ ବିଶେଷ ପ୍ରଭାବିତ ହୋଇନାହିଁ। ପଶ୍ଚିମ ଓଡ଼ିଶାର କୃଷି ପାଇଁ ହୀରାକୁଦ ଜଳଭଣ୍ଡାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଆଦି ଅଞ୍ଚଳରେ ଖରିଫ ଚାଷ ପାଇଁ କେନାଲ୍ ଜଳ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ଜଳବିଦ୍ୟୁତ୍ ଉତ୍ପାଦନ ବଢ଼ାଇବା ଅପେକ୍ଷା ଜଳସେଚନ ପାଇଁ ଆବଶ୍ୟକ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇଛି।

ଜଳବିଦ୍ୟୁତ୍ ଉତ୍ପାଦନ କମାଇବା ସତ୍ତ୍ୱେ ରାଜ୍ୟର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଉପରେ ତତ୍କାଳ ବଡ଼ ପ୍ରଭାବ ପଡ଼ିବ ନାହିଁ ବୋଲି ସରକାର ପକ୍ଷରୁ କୁହାଯାଇଛି। ରାଜ୍ୟର ବିଦ୍ୟୁତ୍ ଚାହିଦାର ଏକ ବଡ଼ ଅଂଶ ତାପଜ ବିଦ୍ୟୁତ୍, କେନ୍ଦ୍ରୀୟ ଉତ୍ପାଦନ କେନ୍ଦ୍ରରୁ ମିଳୁଥିବା ବିଦ୍ୟୁତ୍ ଓ ଅନ୍ୟ ଉତ୍ସ ମାଧ୍ୟମରେ ପୂରଣ ହେଉଛି। ଆବଶ୍ୟକ ହେଲେ ବାହାରୁ ବିଦ୍ୟୁତ୍ କିଣିବାର ବିକଳ୍ପ ମଧ୍ୟ ରହିଛି।

ମାତ୍ର ଦୀର୍ଘକାଳୀନ ଭାବେ ଏହି ସନ୍ତୁଳନ ରକ୍ଷା କରିବା ଚ୍ୟାଲେଞ୍ଜ ହୋଇପାରେ। କମ୍ ଓ ଅନିୟମିତ ବର୍ଷା, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳଭଣ୍ଡାରକୁ ଆସୁଥିବା ଜଳ ପ୍ରବାହର ସ୍ଥିତି ଜଳବିଦ୍ୟୁତ୍ ପ୍ରକଳ୍ପର ଉତ୍ପାଦନ ଉପରେ

## ପାନୀୟଜଳ ଓ କୃଷି ପାଇଁ ଜଳ ସଂରକ୍ଷଣକୁ ପ୍ରାଥମିକତା

ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଜଳାଶୟ ପରିଚାଳନାରେ ପାନୀୟଜଳ, କୃଷି, ପରିବେଶୀୟ ଆବଶ୍ୟକତା ଓ ବିଦ୍ୟୁତ୍ ଉତ୍ପାଦନ ମଧ୍ୟରେ ସନ୍ତୁଳନ ରଖିବା ଆଗାମୀ ଦିନର ମୁଖ୍ୟ ଚ୍ୟାଲେଞ୍ଜ ହେବ। ରାଜ୍ୟର ୨୦୨୫-୨୬ ଆର୍ଥିକ ସର୍ଭେ ମଧ୍ୟ ଭବିଷ୍ୟତର ଶକ୍ତି ମିଶ୍ରଣରେ ଜଳବିଦ୍ୟୁତ୍‌ର ଅଂଶ କ୍ରମେ ହ୍ରାସ ପାଇବା ଏବଂ ସୌର ଓ ପବନ ଭଳି ଅକ୍ଷୟ ଉତ୍ସର ଭୂମିକା ବଢ଼ିବାର ଆକଳନ କରିଛି। ଏହି କ୍ରମରେ ଜଳ ଉପଲବ୍ଧତା ଉପରେ ଚାପ ଜାରି ରହିଲେ ଆଗାମୀ ଦିନରେ 'ପ୍ରଥମେ ପାଣି, ପରେ ବିଦ୍ୟୁତ୍' ନୀତିକୁ ସରକାର ଗୁରୁତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି।

## ମାଁ ପାଟଣେଶ୍ୱରୀଙ୍କ ମନ୍ଦିରରେ ଲାଗିଲା ନବାନ୍ନ | ୨ ହଜାର ଭକ୍ତ ଖାଇଲେ ନବାନ୍ନ

ବଲାଙ୍ଗିର,୧୫।୯(ସମିସ): ବଲାଙ୍ଗିର ପାଟଣାର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀଙ୍କ ପୀଠରେ ବିଶୁଦ୍ଧ ଲଗ୍ନ ଅନୁସାରେ ନବାନ୍ନ ଲାଗି ହୋଇଛି। ପାଶ୍ୱର୍ ଦେବାଦେବୀ ପୂଜା ସହ ମାଁଙ୍କ ଗୁପ୍ତନୀତିରେ ନବାନ୍ନ ଲାଗି ପୂର୍ବକ ମହା ଆଳତି ହୋଇଥିଲା। ମାଁଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ସହ ନୂଆଁ ଅନ୍ନ ଲାଗି ହୋଇଥିଲା। ମନ୍ଦିର ତରଫରୁ ଭକ୍ତମାନଙ୍କ ପାଇଁ ନବାନ୍ନ ପ୍ରସାଦ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା।



ଇଷ୍ଟଦେବୀଙ୍କ ଲାଗି ପ୍ରସାଦ ନେଇ ଜନତା ନିଜ ଘରେ ପରିବାର ସହ ନବାନ୍ନ ଭକ୍ଷଣ କରିଥିଲେ। ନବାନ୍ନ ନେବା ପାଇଁ ଓ ଦର୍ଶକ ପାଇଁ ମନ୍ଦିରରେ ଅନେକ ଭିଡ ଲାଗିଥିଲା। ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜ କନକ ବର୍ଦ୍ଧନ ସିଂହଦେଓ, ମାଁଙ୍କ ଦର୍ଶନ କରି ନବାନ୍ନ ଗ୍ରହଣ କରିଥିଲେ। ପୂଜକ ଅଭିନାଶ ଦିଶ୍ରୀ ସହଯୋଗ କରିଥିଲେ। ମନ୍ଦିରରେ ଶ୍ରଦ୍ଧାଳୁ ନବାନ୍ନ ଭୋଗ ପାଇଥିଲେ। ବିଭିନ୍ନ କମିଟି ସହ ଦେବାଳୟ ସୁରକ୍ଷା କମିଟିର ସଂପାଦକ ପ୍ରଶାନ୍ତ ମହାକୁର ଓ ରିଣ୍ଟୁ ସାହୁ, ଅଙ୍କିତା ଦିଶ୍ରୀ ସହଯୋଗ କରିଥିଲେ।

## ସାଲେପାଲି ବୃଦ୍ଧାଶ୍ରମରେ ନୂଆଁଖାଇ | ଅଲୋଡ଼ା ଆଖିରେ ଖୁସିର ଲୁହ

ବଲାଙ୍ଗିର,୧୫।୯(ସମିସ): ପଶ୍ଚିମ ଓଡ଼ିଶାର ମାଟି ଆଉ ମନକୁ ଯୋଡୁଥିବା ମହାନ ଗଣପର୍ବ ନୂଆଁଖାଇ। ଏହା କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ; ବରଂ ପରିବାର, ପ୍ରେମ ଓ ଆତ୍ମୀୟତାର ଏକ ଅତୁଟ ବନ୍ଧନ। କର୍ମକ୍ଷେତ୍ରର ବ୍ୟସ୍ତତା ଭିତରେ ସାତ ଦରିଆ ପାରିରେ ଥିବା ପୁଅ-ବୋହୂ ହୁଅନ୍ତୁ କି ଦୂର ସହରରେ ପାଠ ପଢୁଥିବା ପୁଅ-ଝିଅ ନୂଆଁଖାଇ ଆସିଲେ ସମସ୍ତେ ଧାଇଁ ଆସନ୍ତି ନିଜ ଭିଟାମାଟିକୁ। ଏକାଠି ବସି ନିଜର ଇଷ୍ଟଦେବୀଙ୍କ ପ୍ରସାଦ ସେବନ କରିବା ସହ ବଡ଼ମାନଙ୍କୁ ନୂଆଁଖାଇ ଜୁହାର ଜଣାଇ ଆଶୀର୍ବାଦ ଭିକ୍ଷା କରିବା ଆମ ମାଟିର ପରମ୍ପରା; କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏହି ପାରିବାରିକ ସ୍ନେହ ଜୁଟି ନ ଥାଏ। ଯେତେବେଳେ ସାରା ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଥିଲା ସେତେବେଳେ ବଲାଙ୍ଗିର ଦେଓଗାଁ ବ୍ଲକ୍ ସାଲେପାଲି ବୃଦ୍ଧାଶ୍ରମର ଚାରିକାନ୍ଥ ଭିତରେ ଜମାଟ ବାନ୍ଧିଥିଲା ଏକ ନିରବ ଅପେକ୍ଷା। ଜୀବନର ସାୟାହ୍ନରେ ନିଜ ରକ୍ତର ସମ୍ପର୍କ ଯେଉଁଠି ପର କରିଦେଇଛି ସେଠାରେ ପର୍ବପର୍ବାଣି କେବଳ ପୁରୁଣା ସ୍ମୃତି ଆଉ ଆଖିର ଲୁହ ଛଡ଼ା ଆଉ କ'ଣ ବା ଦେଇପାରେ। ଏହି ବୃଦ୍ଧବୃଦ୍ଧାମାନଙ୍କ ମନରୁ ଏକାକୀପଣ ଦୂର କରିବା ପାଇଁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଚେଷ୍ଟା କରିଥିଲା।



ପରିବାରର ଅଭାବ ଭୁଲାଇ ସେମାନଙ୍କ ଓଠରେ ହସ ଫୁଟାଇବା ଉଦ୍ଦେଶ୍ୟରେ ସଂଗଠନର ସଦସ୍ୟମାନେ ସାଲେପାଲି ବୃଦ୍ଧାଶ୍ରମରେ ନୂଆଁଖାଇ ପାଳନ କରିଛନ୍ତି। ସକାଳୁ ଶୁଭ ଲଗ୍ନ ଅନୁସାରେ ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ପାରମ୍ପାରିକ ରୀତିନୀତି ଅନୁଯାୟୀ ଇଷ୍ଟଦେବୀଙ୍କୁ ଅର୍ପଣ କରାଯାଇଥିବା ନବାନ୍ନ ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ଆଦରର ସହ ପରିବେଷଣ କରାଯାଇଥିଲା। ସଂଗଠନର ସଦସ୍ୟମାନେ ନିଜେ ସନ୍ତାନ ସାଜି ସେମାନଙ୍କ ସହ ଏକାଠି ବସି ନବାନ୍ନ ଗ୍ରହଣ କରିଥିଲେ। ପରେ ବିଭିନ୍ନ ବ୍ୟଞ୍ଜନ ଓ ପଶ୍ଚିମ ଓଡ଼ିଶାର ପାରମ୍ପାରିକ ଖାଦ୍ୟ ସମସ୍ତଙ୍କୁ ପରିବେଷଣ କରାଯାଇଥିଲା। ସଂଗଠନର ଏଭଳି ଅକୁଣ୍ଠ ସ୍ନେହ ଓ ଆତ୍ମୀୟତା ଦେଖି ବୃଦ୍ଧାଶ୍ରମର ଅନେକ ଅନ୍ତେବାସୀ ଭାବବିହ୍ୱଳ ହୋଇପଡ଼ିଥିଲେ। ଅନେକଙ୍କ ଆଖିରୁ ଲୁହ ଝରିପଡ଼ିଥିଲା ସତ; ହେଲେ ତାହା ଦୁଃଖର ନୁହେଁ ବରଂ ଆନନ୍ଦର ଥିଲା। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେଉଥିବା ବେଳେ ବୃଦ୍ଧାଶ୍ରମର ପରିବେଶ ଏକ ଆତ୍ମୀୟ ପରିବାରର ରୂପ ନେଇଥିଲା। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଆଜି ନୂଆଁଖାଇ ଅବସରରେ ସମାଜକୁ ଏକ ବାର୍ତ୍ତା ଦେଇଛି ଯେ, ସମ୍ପର୍କ କେବଳ ରକ୍ତର ନୁହେଁ; ହୃଦୟର ମଧ୍ୟ ହୋଇପାରେ। ଏହି ନୂଆଁଖାଇ ଆୟୋଜନରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ନିତ୍ୟାନନ୍ଦ ଷଡ଼ଙ୍ଗୀ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ସୁମିତ୍ ମିଶ୍ର, ରବୀନ୍ଦ୍ର ପ୍ରଧାନ, ରୂପକ ପ୍ରଧାନ, ସହଦେବ ନାଗ, ଅମିତ୍ ମହାନ୍ତି, ଶିବ ବେହେରା, ଧନଞ୍ଜୟ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବୃଦ୍ଧାଶ୍ରମର ସ୍ୱାଧୀନ ମେହେର, କମିଟି ସଭ୍ୟ ହୃଦୟାନନ୍ଦ ଷଡ଼ଙ୍ଗୀ, କର୍ମଚାରୀ ରମାକାନ୍ତ ସାହୁ, ଚତୁର ଭୋଇ ଓ ସଞ୍ଜୁ ବିଶ୍ୱାଳ ସହଯୋଗ କରିଥିଲେ।

## ଏକାଠି ନୂଆଁ ଖାଇଲେ କଳିକେଶ ଓ କନକ





ବଲାଙ୍ଗିର,୧୫।୯(ସମିସ): ବଲାଙ୍ଗିରର ମାଟି, ମହାରାଜାଙ୍କ ପରମ୍ପରା ଓ ନୂଆଁଖାଇର ଭାବନା ଏ ତିନୋଟିର ସମ୍ପର୍କ ବେଶ୍ ଗଭୀର। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଆସିଲେ ବଲାଙ୍ଗିର ରାଜପରିବାରର ପରମ୍ପରା ମଧ୍ୟ ଚର୍ଚ୍ଚାକୁ ଆସିଥାଏ। ଏବର୍ଷ ମଧ୍ୟ ରାଜପରିବାର ପକ୍ଷରୁ ପାରମ୍ପରିକ ରୀତିନୀତି ସହ ନୂଆଁଖାଇ ପାଳନ କରାଯାଇଛି। ଏହି ଅବସରରେ ସଦର ବିଜେଡ଼ି ବିଧାୟକ ତଥା ବଲାଙ୍ଗିର ରାଜପରିବାରର ସଦସ୍ୟ କଳିକେଶ ସିଂହଦେଓ, ତାଙ୍କ ପତ୍ନୀ ମେଘନା ଦେବୀ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକାଠି ହୋଇ ନୂଆଁ ଖାଇଛନ୍ତି। ନୂଆଁଖାଇ କେବଳ ନୂଆ ଧାନ ଖାଇବାର ପର୍ବ ନୁହେଁ; ଏହା ପଶ୍ଚିମ ଓଡ଼ିଶାର ସାମାଜିକ ଏକତା, କୃଷି ସଂସ୍କୃତି ଓ ପାରମ୍ପରିକ ଜୀବନଧାରାର ପ୍ରତୀକ। ଚାଷୀ ନିଜ ଜମିରେ ଉତ୍ପାଦିତ ନୂଆ ଧାନକୁ ପ୍ରଥମେ ଇଷ୍ଟଦେବୀଙ୍କୁ ଅର୍ପଣ କରିବା ପରେ ନୂଆଁ ଖାଇଥାଏ। ବଲାଙ୍ଗିର ରାଜପରିବାର ସହ ଜଡ଼ିତ ଏହି ପରମ୍ପରା ମଧ୍ୟ ଅଞ୍ଚଳବାସୀଙ୍କ ପାଇଁ ଏକ ବିଶେଷ ଆକର୍ଷଣ। ଏ ବର୍ଷ ରାଜପରିବାରର ସଦସ୍ୟମାନେ ଏକାଠି ହୋଇ ନୂଆଁଖାଇ ପାଳନ କରିବା ଘଟଣା ବିଶେଷ ଗୁରୁତ୍ୱ ବହନ କରୁଛି। କଳିକେଶ ସିଂହଦେଓ ଓ ତାଙ୍କ ପତ୍ନୀ ମେଘନା ଦେବୀଙ୍କ ଉପସ୍ଥିତି ସହ କନକ ବର୍ଦ୍ଧନ ସିଂହଦେଓଙ୍କ ଯୋଗଦାନ ରାଜପରିବାରର ପରମ୍ପରା ଓ ପାରିବାରିକ ଏକତାର ଚିତ୍ରକୁ ସାମ୍ନାକୁ ଆଣିଛି। ରାଜପରିବାରର ଏହି ଉତ୍ସବ ପାଳନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ଦେଖାଦେଇଛି। ବଲାଙ୍ଗିରର ରାଜପରିବାର ଦୀର୍ଘଦିନ ଧରି ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ଜୀବନ ସହ ଜଡ଼ିତ। ରାଜତନ୍ତ୍ରର ଯୁଗ ଶେଷ ହୋଇଥିଲେ ମଧ୍ୟ ରାଜପରିବାର ସହ ଜଡ଼ିତ ଅନେକ ପରମ୍ପରା ଆଜି ବି ଲୋକମନରେ ଜୀବନ୍ତ। ବିଶେଷକରି ନୂଆଁଖାଇ ଭଳି ଗଣପର୍ବରେ ରାଜପରିବାରର ଉପସ୍ଥିତି ପରମ୍ପରାକୁ ଆହୁରି ସଜୀବ କରିଥାଏ। ଏହି ଅବସରରେ ରାଜପରିବାର ପକ୍ଷରୁ ଅଞ୍ଚଳବାସୀଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ପଶ୍ଚିମ ଓଡ଼ିଶାର ଭାଇଚାରା, ସମ୍ପ୍ରୀତି ଓ ସଂସ୍କୃତିକୁ ଆହୁରି ମଜଭୁତ କରିବାର ବାର୍ତ୍ତା ଦିଆଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ ରାଜ ପୁରୋହିତ ପୂଜା କରିବା ପରେ ନବାନ୍ନ ଭକ୍ଷଣ କରିଥିଲେ। ପରେ କନକଙ୍କୁ କଳିକେଶ ଓ ତାଙ୍କ ସ୍ତ୍ରୀ ଜୁହାର କରି ଆଶୀର୍ବାଦ ଭିକ୍ଷା କରିଥିଲେ।

## ପରିବାର ସହ ନୂଆଁଖାଇଲେ ନରସିଂହ | ଗାଁକୁ ଯାଇ ଲୋକଙ୍କ ସହ ଜୁହାର ଭେଟ

ବଲାଙ୍ଗିର,୧୫।୯ (ସମିସ): ନୂଆଁଖାଇ ଆମ ଅଞ୍ଚଳର ଗଣପର୍ବ। ଏଥିପାଇଁ ଆମେ ଗର୍ବିତ। କାରଣ ଏହି କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ପାଇଁ ପରିବାରର ଯିଏ ଯେତେ ଦୂରରେ ଥିଲେ ମଧ୍ୟ ନିଜ ଘରକୁ ଫେରି ନବାନ୍ନ ଖାଇଥାନ୍ତି। ସ୍ୱାମୀ ସ୍ତ୍ରୀ, ଭାଇ ଭଉଣୀ, କାକା ଖୁଡ଼ି, ଅଜାଆଇ ଏପରି କି ଦୂର ସମ୍ପର୍କୀୟମାନେ ମଧ୍ୟ ଗୋଟିଏ ଜାଗାରେ ଏହି ପର୍ବ ପାଳନ କରିଥାନ୍ତି। ତେଣୁ



ନୂଆଁଖାଇ ହିଁ ଆମ ଭିତରେ ଥିବା ଦୂରତାକୁ ଦୂର କରି ଆମ ଭିତରେ ଭାଇଚାରା ଓ ଏକତାକୁ ସୁଦୃଢ କରୁଛି। ଆଜି ପବିତ୍ର ନୂଆଁଖାଇରେ ନିଜ ପରିବାର ସହ ନବାହ୍ନ ଭକ୍ଷଣ ପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି। ନିଜ ଗାଁ ଛତାମଖନାକୁ ଯାଇ ସେ ନିଜର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ଗାଁ ଲୋକଙ୍କୁ ଭେଟିବା ଅବସରରେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଯଦିଓ ଏ ବର୍ଷ ଲୋକେ ବହୁତ ହର୍ଷଉଲ୍ଲାସ ସହ ନୂଆଁଖାଇ ପାଳନ କରୁଛନ୍ତି; କିନ୍ତୁ ଗାଁରେ ଚାଷୀଙ୍କୁ ଦେଖିଲେ କାହିଁକି କେଜାଣି ତାଙ୍କ ମନରେ ଖୁସି ନ ଥିବା ଭଳି ଜଣାପଡୁଛି। କୃଷିଭିତ୍ତିକ ଏହି ପର୍ବରେ ଚାଷୀ ମନରେ ଯଦି ହର୍ଷ ଉଲ୍ଲାସ ନ ରହିବ ତେବେ ଏହା ସମାଜ, ରାଜ୍ୟ ତଥା ଦେଶ ପାଇଁ କେବେ ବି ମଙ୍ଗଳମୟ ହେବ ନାହିଁ ବୋଲି ଲୋକଙ୍କ ସହ ଜୁହାର ଭେଟ ଅବସରରେ ଶ୍ରୀ ମିଶ୍ର ଏହା କହିଛନ୍ତି। ଏହି ଅବସରରେ ସେ ବଲାଙ୍ଗିର ତଥା ସାରା ରାଜ୍ୟବାସୀଙ୍କୁ ପବିତ୍ର ନୂଆଁଖାଇର ଶୁଭେଚ୍ଛା ଜଣାଇଛନ୍ତି। ଏ ବର୍ଷ କେବଳ ପଶ୍ଚିମାଞ୍ଚଳ ନୁହେଁ ସାରା ରାଜ୍ୟବାସୀଙ୍କ ପାଇଁ ସୁଖ ସମୃଦ୍ଧି, ଭାଇଚାରା ଓ ଏକତାର ବର୍ଷ ହେଉ। ତା ସହ ଆମ ଚାଷୀ କରିଥିବା ଅମଳର ଯେପରି ଠିକ୍ ମୂଲ୍ୟ ପାଇବ ସେ ଦିଗରେ ପ୍ରଶାସନ ତଥା ରାଜ୍ୟ ସରକାର ସହୃଦୟତାର ସହ କାମ କରୁ ବୋଲି ଶ୍ରୀ ମିଶ୍ର କାମନା କରିଛନ୍ତି। ଆଜିର ଏହି ଜୁହାର ଭେଟ ସମୟରେ ଶ୍ରୀ ମିଶ୍ରଙ୍କ ସହ କଂଗ୍ରେସ ନେତା ଶୁଭ୍ରାଂଶୁ ଶେଖର ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ଶ୍ରୀହରି ମିଶ୍ର, ରାଜକିଶୋର ମିଶ୍ର, ଭଗି ହରପାଲ, ଗୋବର୍ଦ୍ଧନ ସେଠ, ବୁରୋଖାଇ ସିକା, ଉପ

## କଣ୍ଟାମାଳ ବ୍ରାହ୍ମଣ ସମାଜର ଅନ୍ତଃମୁଖି କାର୍ଯ୍ୟକ୍ରମ

କଣ୍ଟାମାଳ,୧୫।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ରାହ୍ମଣ ସମାଜର ଏକ ସାଧାରଣ ବୈଠକ ସମାଜର ଅସ୍ଥାୟୀ କାର୍ଯ୍ୟାଳୟ ନଳିନୀ ନିବାସଠାରେ ସଂଘ ସଭାପତି ସନ୍ତୋଷ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୨୫ ତାରିଖ ଶୁକ୍ରବାର ଦିନ କଣ୍ଟାମାଳ ବ୍ଲକ୍ ଛକ ସ୍ଥିତ ଶ୍ରୀରାମ ମନ୍ଦିରଠାରେ ଏହି ଅନ୍ତଃମୁଖୀ କାର୍ଯ୍ୟକ୍ରମ ହେବା ନେଇ ସର୍ବସମ୍ମତି କ୍ରମ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଜୟକୃଷ୍ଣ ମିଶ୍ର, କୋଷାଧ୍ୟକ୍ଷ ସତ୍ୟ ପାଢ଼ୀ, ସଂଯୋଜକ ସନତ ମିଶ୍ର, ବସନ୍ତ ମିଶ୍ର, ବେଦବର ପାଣି, ନବୀନ ବିଶି, ଘନଶ୍ୟାମ ମିଶ୍ର, ବିଜୟ ପାଣିଗ୍ରାହୀ, ଆନନ୍ଦ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।




## ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ

ବୌଦ୍ଧ,୧୫।୯(ସମିସ): ବୌଦ୍ଧ ସହର ବୁଟୁପାଲିଠାରେ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। ମନ୍ଦିର କମିଟି ସଭାପତି ପୀତବାସ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଯୋଗ ଦେଇଥିଲେ। ଅରୁଣ ପାଢୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।
































# ରେଢ଼ାଖୋଲ, କୁଚିଣ୍ଡାରେ ଗଣେଶ ପୂଜା

ରେଢ଼ାଖୋଲ,୧୫।୯(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରେସ୍‌କ୍ଲବ୍ ଠାରେ ସୋମବାର ରେଢ଼ାଖୋଲ ପ୍ରେସ୍‌କ୍ଲବ୍ ପକ୍ଷରୁ ଗଣେଶ ପୂଜା ଉତ୍ସବ ପାଳିତ ହୋଇଛି। ଏଥିରେ ସଂଘର ସମସ୍ତ ସାମ୍ବାଦିକମାନଙ୍କ ସହଯୋଗରେ ପ୍ରଥମ ପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଆୟୋଜନ ହୋଇଥିଲା। ଏଥିରେ କର୍ତ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଜୟନ୍ତ ଖଡିରତ୍ନ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ପ୍ରେସ୍‌କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ ବିଶ୍ୱାଳ, କୋଷାଧ୍ୟକ୍ଷ ଯଶୋବନ୍ତନାରାୟଣସାହୁ, ସହସମ୍ପାଦକ କନ୍ଦର୍ପ ବେହେରା, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ନାଗ, ରଶ୍ମୀ ରଞ୍ଜନ ଖଡ଼ିରତ୍ନ, ଅନୀଲ ପୃଷ୍ଟି, ସୁଧୀର ସୁନା, ରଶ୍ମୀତା ରାଉତ, ଗଜାନନ ଭେଶରା, ବିଦ୍ୟାଧର ମାଝୀ, ସରୋଜ ରାଉତ, ମଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**କୁଚିଣ୍ଡା:** କୁଚିଣ୍ଡା ତଥା ଆଖପାଖ ଅଞ୍ଚଳରେ ବେଶ ଧୁମଧାମରେ ସମସ୍ତ କାର୍ଯ୍ୟର ଅଗ୍ର ପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ପାଳନ କରାଯାଇଛି। ଏହି ଅବସରରେ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଟିକିଏ ଭିନ୍ନ ଢଙ୍ଗରେ ପୂଜା ଅନୁଷ୍ଠିତ ହୋଇଥାଏ। ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡା ଓ ସହଶିକ୍ଷକ ବିଜୟ ଭୋଳଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ।

# ଗଣେଶ ପୂଜାରେ ବାଜା ବଜାଇବାକୁ ନେଇ ରକ୍ତାକ୍ତ ସଂଘର୍ଷ

- ମଛଲି ମାର୍କେଟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାର୍‌ପିଟ
- ୪ ଆହତ, ଜଣଙ୍କ ଅବସ୍ଥା ସଙ୍କଟାପନ୍ନ



ରାଉରକେଲା,୧୫।୯(ସମିସ): ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ବିସ୍ରାଛକ ନିକଟସ୍ଥ ମଛଲି ମାର୍କେଟରେ ଗଣେଶ ପୂଜା ଚାଲିଥିବାବେଳେ ବାଜା ବଜାଇବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ତୁମୁଳକାଣ୍ଡ ଘଟିବା ଦ୍ୱାରା ୪ ଜଣ ଆହତ ହୋଇଥିବା ଜଣାପଡିଛି। ମଧ୍ୟରାତ୍ରରେ ଆରମ୍ଭ ହୋଇଥିବା ଏହି ହିଂସାତ୍ମକ ସଂଘର୍ଷ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ରାତି ୧୨ଟାରୁ ସୂତ୍ରପାତ ହୋଇଥିବା ଏହି ବିବାଦ ସକାଳ ପର୍ଯ୍ୟନ୍ତ ଲାଗି ରହିଥିଲା। ମାରପିଟ୍‌ରେ ଉଭୟ ପକ୍ଷର ଅନେକ ଲୋକ ଆହତ ହୋଇଥିବା ବେଳେ ୪ ଜଣ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଶିବା ବାରିକ ନାମକ ଜଣେ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ବିସ୍ରା ଛକ ପେଟ୍ରୋଲ ପମ୍ପରୁ ବସ୍ ଷ୍ଟାଣ୍ଡ ଯିବା ରାସ୍ତାରେ ଥିବା ମାଛ ମାର୍କେଟ ନିକଟରେ ଗଣେଶ ପୂଜା ଆୟୋଜିତ ହୋଇଥିଲା। ଏହି ସମୟରେ ବସ୍ତିର ଅଜୟ ନାମକ ଜଣେ ଯୁବକ ପେଣ୍ଡାଲରେ ପହଞ୍ଚି ଜୋରଜବରଦସ୍ତି ବାଜା ବଜାଇବାକୁ ଜିଦ୍ ଧରିଥିଲା। ପୂଜା କମିଟିର ଯୁବକମାନେ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଅଭିଯୋଗ ମୁତାବକ, ଅଜୟ ତାଙ୍କ କିଛି ସହଯୋଗୀଙ୍କୁ ଡାକି ଆଣି ପୂଜା କରୁଥିବା ଯୁବକମାନଙ୍କୁ ଆକ୍ରମଣ କରିଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ପ୍ରବଳ ମାରପିଟ୍ ହୋଇଥିଲା। ଘଟଣାପରେ ସମଗ୍ର ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଖବରପାଇ ପ୍ଲାଣ୍ଟ ସାଇଟ୍ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ୩ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି।

# ସମ୍ଭାଗସ୍ତରୀୟ ବାଳିକା ଶିକ୍ଷା କାର୍ଯ୍ୟଶାଳା ଉଦ୍‌ଯାପିତ

ରାଉରକେଲା,୧୫।୯(ସମିସ): ଶିକ୍ଷା ବିକାଶ ସମିତି, ପଶ୍ଚିମ ସମ୍ଭାଗ ଆନୁକୂଲ୍ୟରେ ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତିନିଦିନିଆ ସମ୍ଭାଗସ୍ତରୀୟ ବାଳିକା ଶିକ୍ଷା କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି। ୧୧ ସେପ୍ଟେମ୍ବରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଶ୍ଚିମ ସମ୍ଭାଗ ସଂଯୋଜକ ଡଃ ସନାତନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକା ଶିକ୍ଷାର ଲକ୍ଷ୍ୟ ଓ ମହତ୍ତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ। ପଶ୍ଚିମ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ଉଦ୍ଦେଶ୍ୟ କଥନ ରଖିଥିବା ବେଳେ ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ସ୍ୱାଗତ ଭାଷଣ ଏବଂ ବିଦ୍ୟାଳୟ ସଭାପତି ଭବାନୀ ଶଙ୍କର ଚନ୍ଦେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟଶାଳାରେ ୨୫ଟି ବିଦ୍ୟାଳୟର ବାଳିକା ଶିକ୍ଷା ପ୍ରମୁଖ, ପ୍ରଶିକ୍ଷିକା ଓ କାର୍ଯ୍ୟକର୍ତ୍ତାଙ୍କ ସମେତ ସମୁଦାୟ ୩୩ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସମୁଦାୟ ୧୦ଟି କାଳାଂଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହ-ପ୍ରାନ୍ତ ବାଳିକା ଶିକ୍ଷା ପ୍ରମୁଖ ଅରୁଣା ପଟେଲ, ସମ୍ଭାଗ ବାଳିକା ଶିକ୍ଷା ପ୍ରମୁଖ ତନୁଜା ପାଢ଼ୀ ଓ ସେକ୍ଟର-୬ ପ୍ରମୁଖ ଜୟନ୍ତୀ ଜେନା ଶୈକ୍ଷିକ ଅଧିବେଶନ ପରିଚାଳନା କରିଥିଲେ। ଏଥିସହ ହାଇଟେକ୍ ମେଡିକାଲ କଲେଜର ସ୍ତ୍ରୀ ରୋଗ ବିଶେଷଜ୍ଞ ଡଃ ଗୀତାଞ୍ଜଳି ପତ୍ରୀ ମାତୃ ଓ କିଶୋରୀ ସ୍ୱାସ୍ଥ୍ୟ ସଚେତନତା ଉପରେ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ରବିବାର ଉଦ୍‌ଯାପନୀ ସମାରୋହରେ ପଶ୍ଚିମ ସମ୍ଭାଗ ସଂଯୋଜକ ଗୁପ୍ତେଶ୍ୱର ଥାନପତି ମୁଖ୍ୟ ବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ରମେଶ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ, ବିଭାଗ ନିରୀକ୍ଷକ ପ୍ରଦୀପ କୁମାର ସାହୁ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷିତ ହୋଇଥିଲା।

# ଅଗ୍ରସେନ ଜୟନ୍ତୀ ପତ୍ରିକା ଉନ୍ମୋଚିତ

ସମ୍ବଲପୁର,୧୫।୯(ସମିସ): ସମ୍ବଲପୁରସ୍ଥିତ ଅଗ୍ରସେନ ଭବନରେ ଅଗ୍ରସେନ ଜୟନ୍ତୀ ସମାରୋହ ସମିତି, ସମ୍ବଲପୁର ମହାନଗର ଏବଂ ସମ୍ବଲପୁର ମାରୱାଡ଼ି ସମାଜର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୧ ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା ଜୟନ୍ତୀ ଉତ୍ସବର ଏକ ବିଶେଷ ପତ୍ରିକା ଉନ୍ମୋଚିତ ହୋଇଯାଇଛି। ଅଗ୍ରସେନ ଜୀଙ୍କ ପୂଜାର୍ଚ୍ଚନା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସମାଜସେବା ଓ ସଂଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ମାରୱାଡ଼ି ସମାଜର ୨୧ ଜଣ ବରିଷ୍ଠ ମହିଳାଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବରିଷ୍ଠ ମହିଳାମାନଙ୍କ ଦ୍ୱାରା ହିଁ ପତ୍ରିକାଟି ଉନ୍ମୋଚିତ ହୋଇଥିଲା। ଉତ୍ସବରେ ବୃନ୍ଦାବନର ଶ୍ରୀ ସୀତାରାମ ଜୀ ଶାସ୍ତ୍ରୀ ମୁଖ୍ୟ ଅତିଥି, ୟୁପିଏମଏସର ପୂର୍ବତନ ପ୍ରାଦେଶିକ ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହାସହ ଚେୟାରମ୍ୟାନ ମଙ୍ଗତୁରାମ ଅଗ୍ରୱାଲ, ଭାଇସ ଚେୟାରମ୍ୟାନ ମାଧବ ଡାଲମିଆ, ଅଧ୍ୟକ୍ଷ ପଙ୍କଜ ଅଗ୍ରୱାଲ, ଦୀପକ ପଲସାନିଆ, ସଚିବ ରାଖୀ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ କମଲ ମଖରିଆ ଉପସ୍ଥିତ ଥିଲେ। ଆସନ୍ତା ୧୧ ଅକ୍ଟୋବରର ମୁଖ୍ୟ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ମାରୱାଡ଼ି ସମ୍ମେଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପୁରୁଷୋତ୍ତମ ସିଂଘାନିଆ ଏବଂ ଛତିଶଗଡ଼ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଅଧ୍ୟକ୍ଷ ଅମର ବଂଶଲ ପ୍ରମୁଖ ଅତିଥି ଭାବେ ଯୋଗଦେବେ।



- ପ୍ରଥମ ମହିଳା ପୈରାଧ୍ୟକ୍ଷାଙ୍କ ସ୍ମୃତିରେ

# 'କାନ୍‌ଭାସ' ଦ୍ୱାରା ରକ୍ତଦାନ ଶିବିର

ରାଉରକେଲା,୧୫।୯(ସମିସ): ରାଉରକେଲା ସହରର ଜଣାଶୁଣା ସାମାଜିକ ସଂଗଠନ 'କାନ୍‌ଭାସ' ଦ୍ୱାରା ରାଉରକେଲା ପୌରପାଳିକାର ପ୍ରଥମ ମହିଳା ଅଧ୍ୟକ୍ଷା କବିତା ରାୟଙ୍କ ସେବା ଓ ଜନସେବାର ଉତ୍ତରାଧିକାରକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ରାଜ୍ୟସଭା ସଦସ୍ୟ ଦିଲୀପ ରାୟ ଉଦ୍‌ଘାଟନ କରିଥିଲେ। 'କାନଭାସ'ର ଆବାହକ ସୁରେଶ ଚନ୍ଦ୍ର ପ୍ରଧାନ କହିଥିଲେ ଯେ, ରକ୍ତ କୃତ୍ରିମ ଭାବେ ପ୍ରସ୍ତୁତ କରାଯାଇ ପାରେ ନାହିଁ ସ୍ୱେଚ୍ଛାସେବୀଙ୍କ ରକ୍ତଦାନ ହିଁ ଏକମାତ୍ର ନିର୍ଭରଯୋଗ୍ୟ ଉତ୍ସ। ଶିବିରରେ ଭାରତୀୟ ମଜୁଦୂର୍ ସଂଘର ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବଳ ଯୋଗଦାନ କରି ରକ୍ତଦାତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉଲ୍ଲେଖନୀୟ ମାନବୀୟ ସେବା ପାଇଁ ଗୃହରକ୍ଷୀ ଅଞ୍ଜନା ମାଝୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ରକ୍ତଦାନ ଶିବିରଟି ଚିତ୍ତ ନାୟକ, ନଚିକେତା ମହାପାତ୍ର, ରଶ୍ମି ରଞ୍ଜନ ମହାନ୍ତି, ବନବିହାରୀ ମହାରଣା, ପ୍ରେମ କୁମାର, ସନ୍ତୋଷ ପ୍ରଧାନ , ସୁନନ୍ଦା ପାତ୍ର, ସୁସ୍ମିତା ଦାସ, ସୁଶ୍ରୀ ନାୟକ, ପିଙ୍କି ଦାସ, ବେଦମତୀ ବେହେରା, ଅର୍ଚ୍ଚନା ସାହୁ, ଟୁନା ପାଢ଼ୀ, ଜନି ରବର୍ଟ, ପ୍ରଦୋଷ ସାହୁ ଏବଂ ପ୍ରଦୀପ ମାନସିଂହ ଆୟୋଜିତ ହୋଇଥିଲା।



- ଷ୍ଟେସନ୍‌ରୁ ଅଟୋ ହଟାଇବାକୁ ନେଇ ଚାଳକଙ୍କ ହଙ୍ଗାମା

# ଆରପିଏଫ୍ ଓ ଜିଆରପି ଥାନା ସମ୍ମୁଖରେ ହୋହଲ୍ଲା



ରାଉରକେଲା, ୧୫।୯(ସମିସ): ରାଉରକେଲା ରେଳଷ୍ଟେସନ ପରିସରରେ ଅଟୋ ରଖିବା ଓ ଯାତ୍ରୀ ଉଠାଇବାକୁ ନେଇ ବିରୋଧ କରି ଷ୍ଟେସନ ପରିସରରୁ ଅଟୋ ହଟାଇବାକୁ ରେଳ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ପରେ ମଙ୍ଗଳବାର ଅଟୋ ଚାଳକମାନେ ପ୍ରତିବାଦ କରିବା ସହ ହଙ୍ଗାମା କରିଥିଲେ। ଦଶନ୍ଧି ଧରି ଚାଲିଆସୁଥିବା ବ୍ୟବସ୍ଥାକୁ ବଦଳାଇ ଷ୍ଟେସନ ପରିସରରୁ ଅଟୋ ହଟାଇବାକୁ ନେଇ ରେଳ କର୍ତ୍ତୃପକ୍ଷଙ୍କ ଏତାଦୃଶ ନିର୍ଦ୍ଦେଶନାମା ଚାଳକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚାଳକମାନଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାରଠାରୁ ଆରପିଏଫ୍ ପକ୍ଷରୁ ଷ୍ଟେସନ ପରିସରରେ ଅଟୋ ରଖିବା ଉପରେ କଟକଣା ଲଗାଯାଇଛି। ଏପରିକି ଥରେ ଯାତ୍ରୀଙ୍କୁ ନେଇ ଷ୍ଟେସନରୁ ବାହାରିବା ପରେ ପୁଣିଥରେ ଷ୍ଟେସନ ପରିସରକୁ ପ୍ରବେଶ କରିବାକୁ ମଧ୍ୟ ଅନୁମତି ଦିଆଯାଉନାହିଁ। ମଙ୍ଗଳବାର ସକାଳେ ଷ୍ଟେସନ ପରିସରରେ ଅଟୋ ରଖିବାକୁ ଅନୁମତି ଦାବି କରି ଚାଳକମାନେ ମୁଖ୍ୟ ରାସ୍ତାରେ ଅଟୋ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ଖବର ପାଇ ଆରପିଏଫ୍ ଓ ଜିଆରପିର ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଅଟୋ ଚାଳକମାନେ ପ୍ରଥମେ ଆରପିଏଫ୍ ଥାନା ଏବଂ ପରେ ଜିଆରପି ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଷ୍ଟେସନ ମାଷ୍ଟର ଓ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ଚାଳକମାନଙ୍କ ମଧ୍ୟରେ ଅସନ୍ତୋଷ ଜାରି ରହିଛି। ଅଟୋ ଚାଳକମାନଙ୍କ କହିବା ଅନୁଯାୟୀ, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଦର୍ଶାଇ ସେମାନଙ୍କୁ ଷ୍ଟେସନ ପରିସରରୁ ହଟାଯାଉଛି। ପାର୍କିଂ ଶୁଳ୍କ ବ୍ୟବସ୍ଥା ଲାଗୁ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ବିଧାୟକଙ୍କ ହସ୍ତକ୍ଷେପ ସତ୍ତ୍ୱେ ମଧ୍ୟ ଚାଳକମାନଙ୍କୁ ଆଶ୍ୱାସନ କିମ୍ବା ରିହାତି ମିଳୁନଥିବା ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ମୁଖ୍ୟ ରାସ୍ତା ଅବରୋଧ ହେବା ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଏହି ନିଷ୍ପତ୍ତି ଯୋଗୁଁ ଜୀବିକା ପ୍ରଭାବିତ ହେଲେ ଆନ୍ଦୋଳନ ଜାରି ରଖିବାକୁ ଅଟୋ ଚାଳକମାନେ ଚେତାବନୀ ଦେଇଛନ୍ତି।

- ରାଉରକେଲାରେ ୨୭ତମ ରାଜ୍ୟସ୍ତରୀୟ ତୀରନ୍ଦାଜ୍ ପ୍ରତିଯୋଗିତା

# ଜୁନିୟର ବର୍ଗରେ କେଶବା ଓ ମୋନାଲିସାଙ୍କୁ ସ୍ୱର୍ଣ୍ଣ




ରାଉରକେଲା,୧୫।୯(ସମିସ): ସ୍ଥାନୀୟ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍ ପରିସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତଥା ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ଆୟୋଜିତ ୨୭ତମ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତାର ଜୁନିୟର ବର୍ଗ ମୁକାବିଲା ଶେଷ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ପ୍ରତିଭାବାନ ତୀରନ୍ଦାଜ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚମତ୍କାର ପ୍ରଦର୍ଶନ ସହ ନିଜ ନିଜ ବିଭାଗରେ ପଦକ ହାସଲ କରିଛନ୍ତି। ଜୁନିୟର ବର୍ଗ ପଦକ ବିଜେତା ତାଲିକା କମ୍ପାଉଣ୍ଡ ରାଉଣ୍ଡ ବାଳକ ବର୍ଗରେ କେଶବା ବାନାରା ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ସାଗର ରାଇତା ରୌପ୍ୟ ପଦକ ଏବଂ ଧନେଶ୍ୱର ବେହେରା କାଂସ୍ୟ ପଦକ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ବାଳିକା ବର୍ଗରେ ମୋନାଲିସା ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସୀତା ହେମ୍ବ୍ରମ ରୌପ୍ୟ ଏବଂ ସ୍ୱପ୍ନାରାଣୀ ବେହେରା କାଂସ୍ୟ ପଦକ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ଇଣ୍ଡିଆନ୍ ରାଉଣ୍ଡର ବାଳକ ବର୍ଗରେ ଗୋବିନ୍ଦ ମାଝୀ ସ୍ୱର୍ଣ୍ଣ, ପ୍ରତାପ ରୂପାମାଝୀ ରୌପ୍ୟ ଏବଂ ଚନ୍ଦ୍ରମୋହନ ଟୁଡୁ କାଂସ୍ୟ ପଦକ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ବାଳିକା ବର୍ଗରେ ଆର୍ଯ୍ୟସ୍ମିତା ନାୟକ ସ୍ୱର୍ଣ୍ଣ, ପୂର୍ଣ୍ଣିମା ପୂର୍ତ୍ତି ରୌପ୍ୟ ଏବଂ ସନମ ନାଏକ କାଂସ୍ୟ ପଦକ ହାସଲ କରି ପୁରସ୍କୃତ ହୋଇଥିଲେ। ରିକର୍ଭ ରାଉଣ୍ଡର ବାଳକ ବର୍ଗରେ ରସାନନ୍ଦ ବିରୁଆ ସ୍ୱର୍ଣ୍ଣ, ସାତାରୀ ହୋ ରୌପ୍ୟ ଏବଂ ତ୍ରିଦେବ ମୁଣ୍ଡା କାଂସ୍ୟ ପଦକ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ବାଳିକା ବର୍ଗରେ ସାବିତ୍ରୀ ପାତ୍ର ସ୍ୱର୍ଣ୍ଣ, ମମିତା ଓରାମ ରୌପ୍ୟ ଏବଂ ମାନସ୍ୱରୀ ହାଁସଦାକ କାଂସ୍ୟ ପଦକ ହାସଲ କରି ପୁରସ୍କୃତ ହୋଇଥିଲେ। ଏହି ସମସ୍ତ ପ୍ରତିଯୋଗିତା ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିବା ବେଳେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତଥା ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ସମସ୍ତ ବିଜେତା, ପ୍ରଶିକ୍ଷକ ଏବଂ ଅଧିକାରୀମାନଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଯାଇଛି।

# ହିନ୍ଦୀ ଦିବସ ସମାରୋହ ପାଳିତ

ରାଉରକେଲା, ୧୫।୯(ସମିସ): ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନ ପକ୍ଷରୁ ହିନ୍ଦୀ ଦିବସ ସମାରୋହ ସ୍ଥାନୀୟ ସିଭିକ୍‌ସେଣ୍ଟର ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ କୁମାର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶିକା ଡ. ନିବେଦିତା ଜେନା ମୁଖ୍ୟ ଅତିଥି, ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ହିନ୍ଦୀ ଅଧ୍ୟାପିକା ପିଙ୍କି ଏକ୍କା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ସଂରକ୍ଷଣ ନ୍ୟାସୀ ସୁନିଲ କାୟଲ, ସଂରକ୍ଷଣ ନ୍ୟାସୀ କମଲ ଅଗ୍ରୱାଲ, ଉପାଧ୍ୟକ୍ଷ ତଥା ଟ୍ରଷ୍ଟି ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡ. ଜେନା ତାଙ୍କ ବକ୍ତବ୍ୟରେ କହିଲେ ଯେ ହିନ୍ଦୀ ଭାଷା ହେଉଛି ସମ୍ପର୍କର ସେତୁ। ପୃଥିବୀର ୬୦ କୋଟିରୁ ଉର୍ଦ୍ଧ୍ୱଲୋକ ହିନ୍ଦୀ ଭାଷା ବ୍ୟବହାର କରୁଥିବା ବେଳେ ସମଗ୍ର ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ମୁଖ୍ୟବକ୍ତା ସୁଶ୍ରୀ ଏକ୍କା ତାଙ୍କ ବକ୍ତବ୍ୟରେ କହିଲେ ଯେ ହିନ୍ଦୀ ଭାଷା ଆମ ସଂସ୍କୃତିର ପରିଚୟ। ହିନ୍ଦୀ ଇଂରାଜୀ ଭାଷା ଠାରୁ ଅଧିକ ଗରୀଆନ ବୋଲି କହିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଜଗନ୍ନାଥ ଦାସ କହିଲେ ଯେ ଏହି ଭାଷା ମାଧ୍ୟମରେ ଭାଷା ବିନିମୟ ଓ ହୃଦୟର କଥା କହିପାରୁଛୁ। ହିନ୍ଦୀ ଭାଷା ପାଇଁ ଆମେ ରୋଜଗାରକ୍ଷମ ହୋଇପାରୁଛେ। ତେବେ ଇଂରାଜୀ ଭାଷା ହିନ୍ଦୀ ଭାଷା ଉପରେ ଭାରି ପଡୁଥିବାରୁ ଏହାକୁ ବଞ୍ଚାଇ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସହରର ବିଭିନ୍ନ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟି ବିନିତା ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିଚାଳନାରେ ଅନିତା ଅଗ୍ରୱାଲ, ସୁସ୍ମିତା ପାଲ, ମିନ୍ନି ରାୟ, ରଶ୍ମୀ ଦାସ, ମଙ୍ଗଳ ସିଂହ ପ୍ରମୁଖ ସହଯୋଗ କରିଥିଲେ।



# ରାଉରକେଲା ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା

ରାଉରକେଲା,୧୫।୯(ସମିସ): ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଗାଁରୁ ସହର ସବୁ ଆଡେ ପରିବେଶ ଚଳଚଞ୍ଚଳ। ଆଜି ଦିନରେ ପରିବାରର ସମସ୍ତ ସଦସ୍ୟ ମାନେ ଏକ ସଙ୍ଗରେ ବସି ନବାନ୍ନ ଗ୍ରହଣ କରି ଥାଆନ୍ତି। ଇଷ୍ଟ ଦେବୀଙ୍କ ନିକଟରେ ନୂତନ ଚାଉଳ , କ୍ଷୀର , ଗୁଡ଼ , ଘିଅ ଏବଂ ବିଭିନ୍ନ ଫଳମୂଳ ମିଶ୍ରଣରେ ପ୍ରସ୍ତୁତ ନବାନ୍ନ ଭୋଗ ଲାଗି କରାଯାଏ। ଦେବୀଙ୍କ ନିକଟରେ ନୂଆ ଚଢ଼ା ଯିବା ପରେ ସମଗ୍ର ଅଞ୍ଚଳରେ ଘରେ ଘରେ ପୂଜାର୍ଚ୍ଚନା ଆରମ୍ଭ କରାଯାଏ। ଏହି ପରିପ୍ରେକ୍ଷୀରେ ରାଉରକେଲା ହନୁମାନ ବାଟିକାରେ ଥିବା ମା ସମଲେଶ୍ୱରୀ ମନ୍ଦିରରେ ମଧ୍ୟ ଆଜି ଏହି କୃଷି ଭିତ୍ତିକ ଗଣ ପର୍ବ ପାଳନ ଅବସରରେ ପୂଜାର୍ଚ୍ଚନା ସହ ନୂତନ ଅନ୍ନ ମା ଙ୍କୁ ଅର୍ପଣ କରା ଯାଇଥିଲା। ଇଷ୍ଟ ଦେବୀଙ୍କୁ ସମର୍ପଣ ପରେ ସମସ୍ତେ ସାଙ୍ଗ ହୋଇ ନବାନ୍ନ ଗ୍ରହଣ କରିଥିଲେ। ଆସନ୍ତା ୧୭ ତାରିଖରେ କମିଟି ପକ୍ଷରୁ ସିଭିକ ସେଣ୍ଟର୍ ଠାରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ମିଳିଛି।



# ବ୍ଲକ୍‌ସ୍ତରୀୟ ଆନ୍ତଃ ବିଦ୍ୟାଳୟ ମହିଳା ଭଲିବଲ; ବିଶ୍ରା ଚାମ୍ପିଅନ୍




ରାଉରକେଲା,୧୫।୯(ସମିସ): କୁତ୍ରାଠାରେ ଅନୁଷ୍ଠିତ ସୁନ୍ଦରଗଡ ଜିଲ୍ଲାର ବ୍ଲକସ୍ତରୀୟ ଆନ୍ତଃବିଦ୍ୟାଳୟ ଭଲିବଲ ପ୍ରତିଯୋଗିତାରେ ବିଶ୍ରା ବ୍ଲକ୍ ଚାମ୍ପିଅନ୍ ହୋଇଛି। ଏଥିରେ ଉଭୟ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବର୍ଗରେ ବିଶ୍ରା ବ୍ଲକ୍‌ର ବିଜାଡିହି ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ବିଜୟୀ ହୋଇଛି। ଫାଇନାଲରେ ବିଶ୍ରା ବ୍ଲକ କୁତ୍ରା ବ୍ଲକକୁ ହରାଇ ଚାମ୍ପିଅନ୍ ହୋଇଥିଲା। ସେହିପରି ୧୪ ବର୍ଷରୁ କମ୍ ବର୍ଗରେ ବିଶ୍ରା ଓ କୁତ୍ରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ରା ବ୍ଲକ୍ ଚାମ୍ପିଅନ୍ ହୋଇଥିଲା। ଉଭୟ ବର୍ଗରେ ବିଶ୍ରା ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ବିଶ୍ରା ବିଜାଡ଼ିହ ସ୍ଥିତ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପିଇଟି ସୌମ୍ୟରଞ୍ଜନ ଧଳ ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ବିଜୟ ନେଇ ବେଶ୍ ଉତ୍ସାହିତ ହେବା ସହ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ବିଦ୍ୟାଳୟରେ ଭଲିବଲ କୋଚ୍ ଭାବେ ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ।

# ଦି' ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ଦ୍ୱାରା ଇଞ୍ଜିନିୟର୍ସ ଦିବସ

ରାଉରକେଲା, ୧୫।୯(ସମିସ)





ଦି' ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ରାଉରକେଲା ଆଞ୍ଚଳିକ କେନ୍ଦ୍ର ଏବଂ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ସେପ୍ଟେମ୍ବର ୧୫ରେ ଆର୍‌ଏସ୍‌ପିର ଗୋପବନ୍ଧୁ ଅଡିଟୋରିୟମ୍‌ରେ ୫୯ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। 'ସୁଦୃଢ଼ ଏବଂ ପ୍ରଯୁକ୍ତିବିଦ୍ୟାଗତ ସାର୍ବଭୌମ ଭାରତ ପାଇଁ ଇଞ୍ଜିନିୟରିଂ ଶ୍ରେଷ୍ଠତା' ଜାତୀୟ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ସାରା ଦେଶରେ ପ୍ରଯୁକ୍ତିବିଦ୍ୟାଗତ ଆତ୍ମନିର୍ଭରଶୀଳତା, ସବୁଜ ଶିଳ୍ପାୟନ ଏବଂ ସୁଦୃଢ଼ ବିକାଶକୁ ଆଗେଇ ନେବାରେ ଇଞ୍ଜିନିୟରିଂ ସମ୍ପ୍ରଦାୟର ଅପରିହାର୍ଯ୍ୟ ଭୂମିକାକୁ ରେଖାଙ୍କିତ କରାଯାଇଥିଲା।

କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଂଜନ ପଲାଇ ଯୋଗ ଦେଇ ଇଞ୍ଜିନିୟରିଂ ସମ୍ପ୍ରଦାୟକୁ ସେମାନଙ୍କର ନିରନ୍ତର କାର୍ଯ୍ୟ ଶ୍ରେଷ୍ଠତା ପାଇଁ ପ୍ରଶଂସା କରିବା ସହ ଭାରତକୁ ଏକ ସାର୍ବଭୌମ ପ୍ରଯୁକ୍ତିବିଦ୍ୟା ଶକ୍ତି ଭାବରେ ଗଢ଼ିତୋଳିବାରେ ସହାୟତା ପାଇଁ ସୁଦୃଢ଼ ପ୍ରଯୁକ୍ତିବିଦ୍ୟାକୁ କ୍ରମାଗତ ଭାବରେ ଆପଣାଇବାକୁ ଉତ୍ସାହିତ କରିଥିଲେ।


ମୁଖ୍ୟବକ୍ତା ଭାବେ ଆଦିତ୍ୟ ଆଲୁମିନିୟମ୍, ହିନ୍ଦାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସଭାପତି ଓ ୟୁନିଟ୍ ମୁଖ୍ୟ ଜଗନ୍ନାଥ ପି ନାୟକ ଯୋଗ ଦେଇ ସ୍ଥାନୀୟ ନବୋନ୍ମେଷ ଏବଂ ଉନ୍ନତ ଇଞ୍ଜିନିୟରିଂ ପଦ୍ଧତି ମାଧ୍ୟମରେ ପ୍ରଯୁକ୍ତିବିଦ୍ୟାଗତ ସାର୍ବଭୌମତ୍ୱ ହାସଲ କରିବା ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଆଇଟି ରାଉରକେଲାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ସରକାର ଯୋଗ ଦେଇ ଶିକ୍ଷାଗତ ଗବେଷଣା ଏବଂ ଶିଳ୍ପାଞ୍ଚଳ କାର୍ଯ୍ୟକାରୀତା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ କହିଥିଲେ।

ଏହି ଅବସରରେ ବିଶିଷ୍ଟ ନେତୃତ୍ୱ ଏବଂ ଆନୁଷ୍ଠାନିକ ସେବାକୁ ସ୍ୱୀକୃତି ଦେଉଥିବା ମାନ୍ୟଗଣ୍ୟ 'ବିଶିଷ୍ଟ ଇଞ୍ଜିନିୟର ପୁରସ୍କାର' ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଏ.କେ. ଗୋସ୍ୱାମୀ ଏବଂ ଆଞ୍ଚଳିକ କେନ୍ଦ୍ରର ପ୍ରାକ୍ତନ ଅବୈତନିକ ସମ୍ପାଦକ ତଥା ଏନ୍‌ଆଇଟି ରାଉରକେଲାର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଅବସରପ୍ରାପ୍ତ ପ୍ରଫେସର ସରଦିନ୍ଦୁ ଘୋଷଙ୍କୁ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ପ୍ରେରଣାଦାୟୀ ଜୀବନୀ, ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ସ୍ଥାୟୀ ଶିଳ୍ପ ଅବଦାନକୁ ଦର୍ଶାଉଥିବା ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା, ଯାହା ପରେ ଆଇ.ଇ(ଆଇ) ରାଉରକେଲା ଆଞ୍ଚଳିକ କେନ୍ଦ୍ରର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆଇଇଆଇ ରାଉରକେଲାର ଅଧ୍ୟକ୍ଷ ତଥା ଆରଏସପିର ମହାପ୍ରବନ୍ଧକ (ପ୍ଲେଟ୍ ମିଲ୍) ଦୀପ୍ତଙ୍କର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲା ବେଳେ ଆଇଇ(ଆଇ) ରାଉରକେଲା ଆଞ୍ଚଳିକ କେନ୍ଦ୍ରର ଅବୈତନିକ ସମ୍ପାଦକ ହିମାଂଶୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ନାହିଁ। ଆପୋସ ବୁଝାମଣା ଦ୍ୱାରା ହିଁ ଏହା ସମ୍ଭବ।
-ଆଲବର୍ଟ ଆଇନଷ୍ଟାଇନ୍

## ସୁବିଧାରେ ଅସୁବିଧା

ସାଧାରଣତଃ ମଣିଷ ପାଇଁ ଦୁଇପ୍ରକାର ଅସୁବିଧା ଦେଖାଦିଏ। ପ୍ରଥମତଃ, ଯଦି ଈଶ୍ୱରଦତ୍ତ ବା ସ୍ୱାଭାବିକ ଜୀବନଚର୍ଯ୍ୟାରେ ବ୍ୟାଘାତ ସୃଷ୍ଟି ହୁଏ ଏବଂ ଦ୍ୱିତୀୟତଃ, ଅଯାଚିତ ଭାବେ ମାଗଣାରେ ମିଳୁଥିବା କୌଣସି ସୁବିଧାସୁଯୋଗ ବାଧାପ୍ରାପ୍ତ ହୁଏ। ଏବେ ବୃହତ୍ ଶିଳ୍ପପତିଙ୍କଠାରୁ ମାମୁଲି ଶାଗବିକ୍ରେତା ପର୍ଯ୍ୟନ୍ତ ବହୁଳ ଆଦୃତ ହୋଇ ଏକପ୍ରକାର ଅଭ୍ୟାସରେ ପଡ଼ିଯାଇଥିବା ୟୁପିଆଇ(ଗୁଗୁଲ୍ ପେ, ଫୋନ୍ ପେ ଆଦି ୟୁନିଭର୍ସାଲ୍ ପେମେଣ୍ଟ ସିଷ୍ଟମ୍)କୁ ନେଇ ଦ୍ୱିତୀୟ ଧରଣର ବା ସୁବିଧାରେ ସମ୍ଭାବ୍ୟ ଅସୁବିଧାକୁ ନେଇ ଭାରତରେ ବିତର୍କ ସୃଷ୍ଟି ହୋଇଛି।

କେନ୍ଦ୍ର ସରକାର ୟୁପିଆଇ ଜରିଆରେ ହେଉଥିବା କାରବାର ଉପରେ ଟିକସ ଲଦିବାକୁ ଯୋଜନା କରିଛନ୍ତି। ସଂସଦର ଗତ ମୌସୁମୀ ଅଧିବେଶନରେ ଏ ସମ୍ପର୍କରେ 'ପେମେଣ୍ଟ ଆଣ୍ଡ ସେଟଲ୍‌ମେଣ୍ଟ ସିଷ୍ଟମ୍ ଆକ୍ଟ'ର ସଂଶୋଧନ ବିଧେୟକରେ ଏ ପ୍ରସ୍ତାବ ରହିଥିଲା। କିନ୍ତୁ ବିରୋଧ ପରେ ଏହି ଶୁଳ୍କ ବା ଦେୟକୁ ବ୍ୟକ୍ତିଗତ ନେଣଦେଣ କ୍ଷେତ୍ରରେ ଲାଗୁ ନ କରି କେବଳ ବ୍ୟବସାୟିକ କ୍ଷେତ୍ରରେ ଲାଗୁ ହେବ ବୋଲି ସରକାର ସ୍ପଷ୍ଟ କଲେ। ଅଥଚ ଏବେ ପୁଣି ଥରେ କେନ୍ଦ୍ର ସରକାର ସମସ୍ତ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥାଙ୍କୁ ନିର୍ଦ୍ଦେଶଛଳରେ କହିଛନ୍ତି ଯେ ୨ ହଜାର ଟଙ୍କା ତଳକୁ ଯେକୌଣସି ନେଣଦେଣ ଉପରେ ଶୁଳ୍କ ଆଦାୟ କରିପାରିବେ ନାହିଁ। ୨ ହଜାର ଟଙ୍କାରୁ ଊର୍ଦ୍ଧ୍ୱ କାରବାରରେ ୦.୪% ଶୁଳ୍କ ଆଦାୟ ହେବ।

କେନ୍ଦ୍ର ସରକାରଙ୍କ ଏଭଳି ନିର୍ଦ୍ଦେଶନାମା ପରେ ୟୁପିଆଇ କାରବାରରେ ଏମ୍‌ଡିଆର(ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍) ବା ବ୍ୟବସାୟିକ ଶୁଳ୍କ ଲାଗୁ ହେବ କି ନାହିଁ ବିତର୍କର ଅନ୍ତ ଘଟିଛି। ଆମେମାନେ ଆମ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା କ୍ରେଡିଟ୍ କାର୍ଡ କିମ୍ବା ଏଟିଏମ୍ କାର୍ଡକୁ ଅନ୍ୟବ୍ୟାଙ୍କ ଜରିଆରେ ବ୍ୟବହାର କରିପାରୁଛୁ। କିନ୍ତୁ ଏ ବାବଦ ଶୁଳ୍କ ବା ବ୍ୟବସାୟିକ ଦେୟ ସେହିସବୁ ବ୍ୟାଙ୍କ ମଧ୍ୟରେ ଦିଆନିଆ ହେଉଛି। ଏହା ଏକପ୍ରକାର ଏମ୍‌ଡିଆର ପ୍ରକ୍ରିୟା ଅନ୍ତର୍ଭୁକ୍ତ। କିନ୍ତୁ ନୋଟ୍ ବଦଳରେ ଅଧିକରୁ ଅଧିକ ଡିଜିଟାଲ୍ କାରବାରକୁ ପ୍ରୋତ୍ସାହନ ଲକ୍ଷ୍ୟରେ ୨୦୨୦ରୁ ୟୁପିଆଇ ପେମେଣ୍ଟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ଏବେ ୟୁପିଆଇରେ ଏମ୍‌ଡିଆର ଲାଗୁ ହେଲେ ସମ୍ପୃକ୍ତ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ସେହି ଶୁଳ୍କକୁ ଗ୍ରାହକ ବା ବ୍ୟବହାରକାରୀଙ୍କ ମୁଣ୍ଡରେ ପରୋକ୍ଷରେ ଲଦି ଦେବା ଅସମ୍ଭବ ନୁହେଁ। ଏବେ କ୍ରେଡିଟ୍ କାର୍ଡରେ ସେହିଭଳି ହେଉଛି। 'ଟ୍ୟାକ୍ସେସନ୍ ଆଣ୍ଡ ଅଦର ଲ(ଆମେଣ୍ଡମେଣ୍ଟ) ବିଲ୍ - ୨୦୨୬' ବା 'ଟିକସ ଓ ଅନ୍ୟାନ୍ୟ ବିଧି(ସଂଶୋଧିତ) ବିଧେୟକ - ୨୦୨୬' ଲୋକସଭାରେ ପାରିତ ହେବା ପରେ ଏହି ଆଶଙ୍କା ଆହୁରି ଘନୀଭୂତ ହୋଇଛି। 'ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ଆକ୍ଟ ୨୦୦୭'ର ଧାରା ୧୦(ଏ)କୁ ଏଥିରେ ସଂଶୋଧନ କରାଯାଇଛି। ଏହି ଧାରା ଅନୁଯାୟୀ 'ଆୟକର ଆଇନ' ଧାରା '୨୬୯ଏସ୍‌ୟୁ' ଅଧୀନରେ ବାର୍ଷିକ ୫୦ ହଜାର କୋଟି ଟଙ୍କାର କାରବାର କରୁଥିବା ଯେକୌଣସି ବ୍ୟକ୍ତି/ସଂସ୍ଥାର ଡିଜିଟାଲ୍ କାରବାରକୁ ଦେୟମୁକ୍ତ ରଖାଯାଇଛି। ଏହି ଧାରାରେ ସଂଶୋଧନ କରିବା ଅର୍ଥ ଏଣିକି ଡିଜିଟାଲ୍ କାରବାର ଆଉ ଦେୟମୁକ୍ତ ହେବ ନାହିଁ।




ଏବେ ଭାରତରେ ପ୍ରାୟ ୫୫ କୋଟି ବ୍ୟବହାରକାରୀ ୟୁପିଆଇ ଜରିଆରେ ଆର୍ଥିକ ଦେଣନେଣ କରୁଛନ୍ତି। ଦେୟମୁକ୍ତ ଥିବାରୁ ଏହି କାରବାରର ବୋଝ ବଢ଼ି ବଢ଼ି ବାର୍ଷିକ ୨୦ ହଜାର କୋଟି ଟଙ୍କା ହେଲାଣି, ଯାହାର ମାତ୍ର ୧୧% ସମ୍ପୃକ୍ତ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ଭରଣା କରୁଛନ୍ତି। ବାକି ଅର୍ଥ କେନ୍ଦ୍ର ରାଜକୋଷରୁ ଭରଣା ହେଉଛି। କ୍ରମଶଃ ୟୁପିଆଇ ବ୍ୟବହାରୀ ସଂଖ୍ୟା ବଢ଼ିବା ସହିତ ତତ୍‌ସମ୍ବନ୍ଧୀୟ ସାଇବର ଅପରାଧ ମଧ୍ୟ ବଢ଼ୁଛି। ତେଣୁ ଏ ବାବଦ ବୋଝ ସରକାରଙ୍କୁ ମୁଣ୍ଡାଇବାକୁ ପଡ଼ୁଛି। ମୋଟ ୟୁପିଆଇ କାରବାରର ୨୦% ଏ ବାବଦରେ ଖର୍ଚ୍ଚ ହେଉଛି। ଏହା ଏକପ୍ରକାର ରିହାତି ଯୋଜନା ଭଳି କାର୍ଯ୍ୟ କରୁଛି। ଅର୍ଥ ସମ୍ବନ୍ଧୀୟ ସଂସଦର ସ୍ଥାୟୀ କମିଟିର ମତରେ ଏମ୍‌ଡିଆର ବିନା ୟୁପିଆଇ ଆଉ ଅଧିକ ଦିନ ତିଷ୍ଠିବା ସମ୍ଭବ ନୁହେଁ।

ଏକ ସର୍ବେକ୍ଷଣ ଅନୁଯାୟୀ ଭାରତରେ ୨ ହଜାର ଟଙ୍କାରୁ ଊର୍ଦ୍ଧ୍ୱ କାରବାର ବା ବ୍ୟକ୍ତିଠାରୁ ବ୍ୟବସାୟୀଙ୍କୁ ଦେୟ କାରବାର ସଂଖ୍ୟା ମୋଟ ୟୁପିଆଇ କାରବାରର ଦୁଇ-ତୃତୀୟାଂଶ। ଗତ ଆର୍ଥିକ ବର୍ଷରେ ମୋଟ ୨୪ ହଜାର କୋଟି ଥର ଏଭଳି କାରବାର ହୋଇଥିବା ବେଳେ ଏହାର ମୂଲ୍ୟ ଥିଲା ୩୧୪ ଲକ୍ଷ କୋଟି ଟଙ୍କା। ତେଣୁ ୟୁପିଆଇରେ ଏମ୍‌ଡିଆର ଲାଗୁ ହେଲେ ତାହା ଡିଜିଟାଲ୍ କାରବାରକୁ ନିରୁତ୍ସାହିତ କରିବା ସ୍ୱାଭାବିକ। ଏମିତି ଦେଖିବାକୁ ଗଲେ ନଗଦ ଟଙ୍କା ଦ୍ୱାରା କାରବାର ମଧ୍ୟ ଶସ୍ତା ନୁହେଁ। ଏଥିପାଇଁ ଆରବିଆଇକୁ ବାର୍ଷିକ ୫ ହଜାର କୋଟି ଟଙ୍କା ଏବଂ ଏଟିଏମ୍ କାର୍ଡ ଜାରି କରୁଥିବା ବ୍ୟାଙ୍କମାନେ ବାର୍ଷିକ ପ୍ରାୟ ୭ ହଜାର ୫୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବ୍ୟାଙ୍କମାନେ ଏହି ଖର୍ଚ୍ଚ ଏଟିଏମ୍ ଉପଭୋକ୍ତାଙ୍କ ମୁଣ୍ଡକୁ ରକ୍ଷଣାବେକ୍ଷଣ ଖର୍ଚ୍ଚ ଆକାରରେ ଖସାଇ ଦେଉଛନ୍ତି। ଏବେ ୨ ହଜାର ଟଙ୍କାରୁ ଅଧିକ ବ୍ୟକ୍ତିଠାରୁ ବ୍ୟବସାୟୀଙ୍କୁ ୟୁପିଆଇ କାରବାରରେ ଏମ୍‌ଡିଆର ଲାଗୁ ହେବା ପରେ ପରବର୍ତ୍ତୀ ସମୟରେ ତାହା ୨ ହଜାର ଟଙ୍କାରୁ ନିମ୍ନ କାରବାରରେ ମଧ୍ୟ ଲାଗୁ ହେବା ଅସମ୍ଭବ ନୁହେଁ। ତେଣୁ ୟୁପିଆଇରେ ଅଭ୍ୟସ୍ତ ହୋଇସାରିଥିବା ବ୍ୟବହାରକାରୀମାନେ ଏଭଳି ସୁବିଧାରେ ଅସୁବିଧା ସମ୍ମୁଖୀନ ହେବାକୁ ଏବେଠାରୁ ପ୍ରସ୍ତୁତ ହୋଇରୁହନ୍ତୁ। ●

## ଧର୍ମପଦର ଧର୍ମସଙ୍କଟ

**ଗୌରୀ ପ୍ରସାଦ ମହାପାତ୍ର**

ଅଭିଜ୍ଞ କୁଶଳୀ ବାରଶ ବଢ଼େଇଙ୍କ ସକଳ ଚେଷ୍ଟା ସତ୍ତ୍ୱେ ଯେଉଁ କାମଟି (କୋଣାର୍କ ମନ୍ଦିରର ମୁଣ୍ଡିମରା) ହୋଇପାରିଲା ନାହିଁ, ମୁଖ୍ୟ ବଢ଼େଇ ବିଶୁ ମହାରଣାର ଅନଭିଜ୍ଞ ବାଳୁତ ପୁଅ ଧରମା(ଧର୍ମପଦ) ସେହି କାମଟିକୁ ଅନାୟାସରେ କରିଦେଲା। ଏହା ଓଡ଼ିଆ ଜାତିର ମାନମହତର ପ୍ରଶ୍ନ ଥିଲା। ତେଣୁ ନିଷ୍ପତ୍ତି ହେଲା ନିଜ ଜାତିର ଟେକ ରଖିବା ପାଇଁ ବିଶୁ ମହାରଣା ତା' ପୁଅକୁ ବଳି ଦେବାକୁ ପଡ଼ିବ। ବିଶୁର ଏହି ଧର୍ମସଙ୍କଟ - 'ବାରଶ ବଢ଼େଇରେ ଦାୟ ନା ପୁଅର ଦାୟ?' - ଜାତୀୟ ସ୍ୱାର୍ଥରକ୍ଷାର ଏକ ସଂଜ୍ଞା ପାଲଟିଗଲା। ଶେଷରେ ଧରମା ଆତ୍ମବଳି ଦେଲା ଏବଂ 'ଗଣସ୍ୱାର୍ଥ' ଆଗରେ 'ଜଣ'ଙ୍କର ସ୍ୱାର୍ଥ ବଳି ପଡ଼ିବା ଶ୍ରେୟସ୍କର ବୋଲି ସେଦିନ ଯେଉଁ ସିଦ୍ଧାନ୍ତ ପ୍ରତିଷ୍ଠା କଲା, ତାହା ଯୁଗଯୁଗ ଧରି ଅମର ଦୃଷ୍ଟାନ୍ତ ହୋଇ ରହିଗଲା। ଆଧୁନିକ ଓଡ଼ିଶାର ଏକାଧିକ ସ୍ୱାର୍ଥ ରକ୍ଷା ପ୍ରସଙ୍ଗରେ କ୍ଷମତାସୀନ ଶାସକ ଦଳର ଦୃଷ୍ଟିଭଙ୍ଗୀ ଓ ଦଳୀୟ ଆଭିମୁଖ୍ୟର ତର୍ଜମା କଲା ବେଳେ ଧରମାର ଉପରୋକ୍ତ ସିଦ୍ଧାନ୍ତ ପୁଣି ଥରେ ଆଲୋଚନା ପରିସରକୁ ଆସିଛି।

ମନେ କରାଯାଉ ଜଣେ ପ୍ରଜାଙ୍କ ମାଲିକାନାରେ ଥିବା ଏକ ସ୍ୱର୍ଣ୍ଣପ୍ରସୂ ଚାଷଜମି ଉପରେ ହଠାତ୍ ଦିନେ ରାଜାଙ୍କ ଦୃଷ୍ଟି ପଡ଼ିବାରୁ ସେ ଆଦେଶ ଦେଲେ ଯେହେତୁ ରାଜ୍ୟ ତାଙ୍କର, ସେହି ଜମିରେ ଚାଷ କରିବାର ଅଧିକାର ମଧ୍ୟ ତାଙ୍କର। ରାଜା ତ ଆଉ ନିଜେ ଚାଷ କରିବେ ନାହିଁ। ତେଣୁ ସେ କୌଣସି ବ୍ୟକ୍ତି/ସଂସ୍ଥାକୁ ଉକ୍ତଜମିରେ ଚାଷ ପାଇଁ ଅନୁମତି ଦେଲେ। ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥା ଯାହା ଲାଭ କଲେ ସେଥିରୁ ରାଜା ନିଜ ଭାଗ ଅସୁଲ କଲେ ଏବଂ ସମ୍ପୃକ୍ତ ପ୍ରଜାଙ୍କୁ ଏକ ମାମୁଲି ଅଂଶ(ରାଜଭାଗ ବା ରୟାଲ୍‌ଟି) ଅନୁକମ୍ପା ଆକାରରେ ଦେଲେ। ଠିକାସଂସ୍ଥା ଜମିକୁ ଅଧିକରୁ ଅଧିକ ଦୋହନ କରି ଲାଭ କରିଚାଲିଲା ଏବଂ ବିଚରା ଜମିମାଲିକ ବା ପ୍ରଜାଙ୍କ ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ହେଲା। ରାଜଭାଗ ଅଂଶ ବଢ଼ାଇବା ଲାଗି ସେ ରାଜାଙ୍କୁ ବାରମ୍ବାର ବିନତି କରି ନିରାଶ ହେଲେ। ଏପଟେ ସମ୍ପୃକ୍ତ ଠିକା ସଂସ୍ଥା/ବ୍ୟକ୍ତିଙ୍କ ଅନିୟନ୍ତ୍ରିତ କାର୍ଯ୍ୟକଳାପ ଯୋଗୁଁ ଆଖପାଖ ଜମି, ପରିବେଶ, ଭୂତଳ ଜଳ, ଜନବସତିର ଜୀବନଧାରଣ ମାନ ବିଗିଡ଼ିବାରେ ଲାଗିଲା। ତେଣୁ କ୍ଷତିଭରଣା ପାଇଁ ବାଧ ହୋଇ ପ୍ରଜା ନିଜ ହକ୍ ବା ଭାଗ ସମ୍ପୃକ୍ତ ଠିକାଦାରଙ୍କଠାରୁ ଦାବି କଲେ। ଏ କଥା ରାଜାଙ୍କ କାନକୁ ଯିବା ପରେ ପ୍ରଜାଙ୍କୁ ତାଗିଦ କରି ଦାବିକୁ ଅଗ୍ରାହ୍ୟ କରିବା ପାଇଁ ରାଜାଜ୍ଞା ଜାରି କରିଦେଲେ। ଯଦି ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଘଟଣା ଘଟେ ତେବେ ତାହା ବିଶ୍ୱାସଯୋଗ୍ୟ ହୋଇ ନ ପାରେ। କିନ୍ତୁ ବିଡ଼ମ୍ବନା ଯେ ଆମ ଗଣତନ୍ତ୍ରରେ ଏହି ରାଜତନ୍ତ୍ର ସୁଲଭ ମାନସିକତା ନିକଟରେ ଆତ୍ମପ୍ରକାଶ କରିଛି ଖଣି ଓ ଖଣିଜ ବିକାଶ(ସଂଶୋଧନ) ଆଇନ ସ୍ୱରୂପରେ।

ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଖଣିଜ ସମ୍ପଦରେ ସମୃଦ୍ଧ ହେଲେ ହେଁ ଐତିହାସିକ କାରଣରୁ ଅପେକ୍ଷାକୃତ ଅବିକଶିତ। ଅପରପକ୍ଷରେ ଏସବୁ ରାଜ୍ୟରୁ ଖଣିଜ ଉତ୍ତୋଳନ କରୁଥିବା ସଂସ୍ଥାଠାରୁ କେନ୍ଦ୍ର ସରକାର ବିପୁଳ ପରିମାଣର ରାଜଭାଗ ଅସୁଲ କରି ସଂପୃକ୍ତ ପ୍ରଦେଶମାନଙ୍କୁ ମାମୁଲି ଅଂଶ ଦେଇଆସୁଛନ୍ତି। ଖଣିଜ ଦ୍ରବ୍ୟ ଉତ୍ପାଦନ, ଖନନ ଓ ପରିବହନ ଗୁରୁତର ପରିବେଶ ପ୍ରଦୂଷଣ ସୃଷ୍ଟି କରେ। ବିଶେଷକରି, ତାପଜ ଶକ୍ତି ଉତ୍ପାଦନରେ ପ୍ରଦୂଷଣ ବହୁ ଅଧିକ। ସେଥିପାଇଁ କୋଇଲା ଉତ୍ତୋଳନ ଓ ପରିବହନ ଉପରେ 'ସ୍ୱଚ୍ଛ ଶକ୍ତି' ସେସ୍ ବା ଉପକର ଲାଗୁ କରାଯାଇଛି। ଏହି ସେସ୍‌ରେ ସମ୍ପୃକ୍ତ ପ୍ରଦୂଷଣପୀଡ଼ିତ ରାଜ୍ୟମାନଙ୍କର ଅଧିକାର ରହିବା କଥା। ଏଥିରୁ ଓଡ଼ିଶା ବାର୍ଷିକ ପ୍ରାୟ ୩୦ ହଜାର କୋଟି ଟଙ୍କାର ରାଜସ୍ୱ ପାଇପାରନ୍ତା। କିନ୍ତୁ କେନ୍ଦ୍ର ସରକାର ପଇସାଟିଏ ମଧ୍ୟ ଦେଉନାହାନ୍ତି। ଅନ୍ୟାନ୍ୟ ଖଣିଜ ସମୃଦ୍ଧ ରାଜ୍ୟମାନଙ୍କ ସ୍ଥିତି ମଧ୍ୟ ପ୍ରାୟ ସମାନ।

ଅଗତ୍ୟା ଏସବୁ ରାଜ୍ୟ ନିଜ ରାଜ୍ୟରୁ ଉତ୍ପାଦିତ ଖଣିଜ ଓ ବିଦ୍ୟୁତ୍ ଉପରେ ସେସ୍ ଲାଗୁ କରିବାକୁ ବିଚାର କରୁଛନ୍ତି। କିଛି ରାଜ୍ୟ ମଧ୍ୟ ଏହା ଲାଗୁ କରିଛନ୍ତି। ସଂଘୀୟ ବ୍ୟବସ୍ଥାରେ ଏ ଅଧିକାର ରାଜ୍ୟମାନଙ୍କର ରହିଛି। କିନ୍ତୁ କେନ୍ଦ୍ର ସରକାର ସଂପୃକ୍ତ ରାଜ୍ୟମାନଙ୍କର ଏହି ଅଧିକାରକୁ ବିରୋଧ କରି ଅଦାଲତଙ୍କ ଦ୍ୱାରସ୍ଥ ହେଲେ ଏବଂ ଯୁକ୍ତି ଦର୍ଶାଇଲେ ଯେ ଖଣିଜ ପଦାର୍ଥ ଉପରେ ରୟାଲ୍‌ଟି ବା ରାଜଭାଗ ଅସୁଲ ହେଉଥିବାରୁ ରାଜ୍ୟମାନେ ଅତିରିକ୍ତ ଟିକସ ଆଦାୟ କରିବା ଅସାମ୍ବିଧାନିକ ଏବଂ ଖଣି ଓ ଖଣିଜ(ବିକାଶ ଓ ପରିଚାଳନା) ଆଇନ - ୧୯୫୭ର ବିରୁଦ୍ଧାଚରଣ କରୁଛି। ଏହାଛଡ଼ା ଖଣିଜ ପଦାର୍ଥ ଉପରେ ରାଜ୍ୟମାନେ ନିଜସ୍ୱ ଟିକସ ଲାଗୁ କଲେ ତାହା ଶିଳ୍ପ, ବିଦ୍ୟୁତ୍ ଆଦି କ୍ଷେତ୍ରରେ ମୁଦ୍ରାସ୍ଫୀତି ବୃଦ୍ଧି କରି ଅର୍ଥନୀତି ପାଇଁ ବିପଦ ସୃଷ୍ଟି କରିବ। କିନ୍ତୁ ଖଣିଜ ଉତ୍ପାଦନ ଉପରେ ସେସ୍ ଲାଗୁ କରିବା ବେଳେ ମୁଦ୍ରାସ୍ଫୀତି ବିଷୟଟିକୁ କେନ୍ଦ୍ର ସରକାର ଚତୁରତାର ସହ ଏଡ଼ାଇଗଲେ। ମୁଦ୍ରାସ୍ଫୀତି ବୃଦ୍ଧି ଆଳରେ ରାଜଭାଗରେ ରାଜ୍ୟମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିବା ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ଶେଷରେ ଦେଶର ସର୍ବୋଚ୍ଚ ଅଦାଲତଙ୍କ ୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ୨୦୨୪ ଜୁଲାଇ ୨୫ ତାରିଖରେ ରାୟ ଦେଲେ ଏବଂ ରାଜ୍ୟମାନେ ଖଣି ଉତ୍ତୋଳନକାରୀ ସଂସ୍ଥାଙ୍କଠାରୁ ଏହି ବକେୟା ଦେୟ ପିଛିଲା ଭାବେ କିସ୍ତିରେ ଅସୁଲ କରିପାରିବାର ଅଧିକାର ଦେଲେ।

କେନ୍ଦ୍ର-ରାଜ୍ୟ ସମ୍ବଳ ଆବଣ୍ଟନ ଏବଂ ରାଜ୍ୟମାନଙ୍କର ଟିକସ ଧାର୍ଯ୍ୟ ଅଧିକାର ବିଷୟକ ସାମ୍ବିଧାନିକ ବିଧିବ୍ୟବସ୍ଥା ଆଦିର ପୁଙ୍ଖାନୁପୁଙ୍ଖ ତର୍ଜମା କରି ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠ ରାୟ ଦେଇଥିବାରୁ ଅଧିକ ମାନସମନ୍ଥନର ଆବଶ୍ୟକତା ନଥିଲା। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅକାମୀ କରିବା ପାଇଁ କେନ୍ଦ୍ର ସରକାର ସଂଖ୍ୟାଗରିଷ୍ଠତା ବଳରେ ସଂସଦର ଗତ ମୌସୁମୀ ଅଧିବେଶନରେ 'ଏମଏମଡିଆର ଆଇନ'କୁ ସଂଶୋଧନ କରି ଖଣିଜ ରାଜସ୍ୱ ଉପରେ କେନ୍ଦ୍ରର ଏକଚାଟିଆ ଅଧିକାର ସାବ୍ୟସ୍ତ କରିଦେଲେ। ଏଠାରେ 'ବାରଶ ବଢ଼େଇରେ ଦାୟ ନା ପୁଅରେ ଦାୟ' କଥାଟି ଉଠୁଛି। ବିଡ଼ମ୍ବନା ହେଲା ଉପରୋକ୍ତ ଆଇନ ଯୋଗୁଁ ଓଡ଼ିଶା ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ହରାଇବ ବୋଲି ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ସର୍ବୋଚ୍ଚ ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଓଡ଼ିଶାରୁ ନିର୍ବାଚିତ ଶାସକ ଦଳର ଜନପ୍ରତିନିଧିମାନେ ବିଧେୟକକୁ ପ୍ରତିବାଦ ବଦଳରେ ସମର୍ଥନ କଲେ। ଅର୍ଥାତ୍ 'ମାଟି'(ଜନ୍ମଭୂମି ଓଡ଼ିଶା)ର ସ୍ୱାର୍ଥ 'ପାର୍ଟି'(ଦଳୀୟ ହ୍ୱିପ୍) ଆଗରେ ବଳି ପଡ଼ିଲା। 'ପୁଅ ତିଷ୍ଠିବ, ବାରଶ ବଢ଼େଇ ବଳି ପଡ଼ିବେ' ଭଳି କଥା ହେଲା।

ଓଡ଼ିଶାର ନବ୍ୟସୁବିଧାବାଦୀ-ରାଜନୀତିରେ 'ମାଟିରେ ନୁହେଁ ପାର୍ଟିରେ ଦାୟ' ନାମରେ ସ୍ପଷ୍ଟ ସଂଜ୍ଞା ପରିସରରେ ଆସୁଥିବା ଆଉ କେତୋଟି ଉଦାହରଣ ନିଆଯାଉ। ୨୦୧୩ରେ ରଘୁରାମ ରାଜନ କମିଟି ରିପୋର୍ଟ ଆଧାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ଆବଶ୍ୟକ ବୋଲି ଓଡ଼ିଶା ରାଜ୍ୟ ବିଜେପି ନେତାମାନେ ଦାବି କଲେ। କାରଣ ସେତେବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କେନ୍ଦ୍ରରେ ଶାସନ କ୍ଷମତାରେ ଥିଲା। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦେବା ପାଇଁ ବିଜେପିର ଇସ୍ତାହାରରେ ମଧ୍ୟ ଉଲ୍ଲେଖ ରହିଲା। କିନ୍ତୁ ୨୦୧୪ରେ କେନ୍ଦ୍ରରେ ବିଜେପି ସରକାର ଗଠନ କରିବା ପରେ ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିସ ଆଳରେ 'ମାଟିର ଦାୟ'କୁ ଭୁଲିଗଲା। ସେହିପରି ୨୦୧୩ ଏପ୍ରିଲରେ ଓଡ଼ିଶା ବିଧାନସଭାରେ ଏ ସମ୍ପର୍କିତ ସର୍ବସମ୍ମତ ସଂକଳ୍ପ ପ୍ରସ୍ତାବ ପାରିତ ହେବା ବେଳେ ବିଜେପିର କୌଣସି ସଦସ୍ୟ ଗୃହରେ ଉପସ୍ଥିତ ରହିଲେ ନାହିଁ ଏବଂ ୨୦୧୬ରେ ଲୋକସଭାରେ ବିଜେଡି ପକ୍ଷରୁ ଆଗତ ପ୍ରସ୍ତାବ ଉପରେ ଭୋଟ ବେଳେ ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦ ପ୍ରସ୍ତାବ ବିରୋଧରେ ଭୋଟ ଦେଲେ।

ଏନ୍‌ଡିଏ ସରକାର ୨୦୧୪ରେ କେନ୍ଦ୍ରରେ କ୍ଷମତାକୁ ଆସିବା ପରେ 'ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (ବିଆର୍‌ଜିଏଫ୍)', ନକ୍ସଲ ଉପଦ୍ରୁତ ଜିଲ୍ଲା ପାଇଁ କାର୍ଯ୍ୟକାରୀ ହେଉଥିବା 'ସମନ୍ୱିତ କାର୍ଯ୍ୟାନ୍ୱୟନ ଯୋଜନା(ଆଇଏପି)' ଆଦିକୁ ବନ୍ଦ କରିଦେବାରୁ ଓଡ଼ିଶାର ରାଜକୋଷ ଉପରେ ବିପୁଳ ଆର୍ଥିକ ବୋଝ ପଡ଼ୁଛି। ରେଳବାଇ, କୋଇଲା ରୟାଲଟି, ଉପକୂଳ କେନାଲ୍ ଓ ବନ୍ୟା ନିରୋଧୀ ଭିତ୍ତିଭୂମି ନିର୍ମାଣ, ମହାନଦୀ ଓ ପୋଲାଭରମ୍ ବିବାଦ, ଆଦିବାସୀ ସଂରକ୍ଷଣ ତାଲିକା ସଂଶୋଧନ, କେନ୍ଦ୍ର ଦ୍ୱାରା ଚାଉଳ ସଂଗ୍ରହ ବକେୟା ଦାବି ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ-ସାମାଜିକ କ୍ଷେତ୍ରରେ ଓଡ଼ିଶା କେବଳ ନିରାଶା ଓ ପ୍ରତ୍ୟାଖ୍ୟାନର ନିଷ୍ଠୁର ଶବ୍ଦ ଶୁଣିଆସିଛି। ପ୍ରତିବଦଳରେ ଓଡ଼ିଶା କେନ୍ଦ୍ରକୁ ବିପୁଳ ରାଜସ୍ୱ ଦେଉଛି। ଉପର୍ଯ୍ୟୁକ୍ତ ଉଦାହରଣମାନଙ୍କରେ ଶାସକ ଦଳର ଜନପ୍ରତିନିଧିମାନଙ୍କର ଦୃଷ୍ଟିଭଙ୍ଗୀ ଓ ମାନସିକତାରେ ଧରମାର ବଳିଦାନ ଅଯୌକ୍ତିକ ପ୍ରମାଣ ହେଉଛି।

ଏବେ ସ୍ୱର୍ଗରେ ଥାଇ ଧରମା ଯଦି ଆମ ଜନପ୍ରତିନିଧିମାନଙ୍କର ଏଭଳି ହାବଭାବ ଦେଖୁଥିବ ତେବେ ସେ ଆଜିକୁ ପ୍ରାୟ ୮୦୦ ବର୍ଷ ପୂର୍ବେ ନେଇଥିବା ବଳିଦାନ ନିଷ୍ପତ୍ତିର ଔଚିତ୍ୟ ଓ ଯଥାର୍ଥତାକୁ ନେଇ ଧର୍ମସଙ୍କଟରେ ପଡ଼ିଯାଇଥିବ। ଗଣତନ୍ତ୍ର ଶାସନରେ ଗଣସ୍ୱାର୍ଥ ଗୌଣ ହୋଇସାରିଥିବାରୁ ତତ୍କାଳୀନ ରାଜତନ୍ତ୍ର ଶାସନରେ ସେ ଗଣଗରିମାକୁ ଗୁରୁତ୍ୱ ଦେଇ କେଡ଼େ ଭୁଲ୍ କରିଛି ବୋଲି ପଶ୍ଚାତାପ କରୁଥିବ। ଭାବପ୍ରବଣତାରେ ଆତ୍ମବଳିଦାନ ଦେବା ଠିକ୍ ଥିଲା ନା 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ନିଜ ବାହାଦୂରୀକୁ ରାଜାଙ୍କ ଆଗରେ ବଖାଣି ପୁରସ୍କୃତ ହେବା ଭଲ ହୋଇଥା'ନ୍ତା - ଆଦି ପ୍ରଶ୍ନର ଦ୍ୱନ୍ଦ୍ୱରେ ସେ ଏବେ ଉଦ୍‌ବେଳିତ ହେଉଥିବ! ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଚନ୍ଦ୍ର ଉପରେ ଅଧିକାର କାହାର?

**ଡ. ପ୍ରଦୀପ କୁମାର ନାୟକ**

ଗତ ୬ ତାରିଖରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ' ରେ ଏକ ବାର୍ତ୍ତା ଦେଇ ଆମେରିକାର ଜାତୀୟ ପତାକା ଚିହ୍ନ ଥାଇ ଲେଖିଥିଲେ 'ଚନ୍ଦ୍ର ଆମର ଅଟେ'। କୌଣସି ସରକାରୀ ନିର୍ଦ୍ଦେଶନାମା ନ ଥାଇ ଯେହେତୁ ଏହି ଦାବି ଉପସ୍ଥାପନ କରାଯାଇଥିବାରୁ ଗଣମାଧ୍ୟମରେ ଅଭୂତପୂର୍ବ ପ୍ରତିକ୍ରିୟା ସୃଷ୍ଟି କରିଛି। ଅନେକ ବୁଦ୍ଧିଜୀବୀଙ୍କ ମତରେ ଏହା ପ୍ରଗଲଭ ଡୋନାଲଡ ଟ୍ରମ୍ପଙ୍କ ଅହମିକାର ପରିପ୍ରକାଶ।

ଆନ୍ତର୍ଜାତିକ ରାଜନୀତିରେ ଆମେରିକା ଏକ ସୁପରପାୱାର ବା ମହାଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଗଣିତ। ଆମେରିକା ତା'ର ସାମରିକ ବଳ ଦ୍ୱାରା ସାରାବିଶ୍ୱର ରାଷ୍ଟ୍ରମାନଙ୍କ ଉପରେ ଏକପ୍ରକାର ପ୍ରଭୁତ୍ୱ ଜାହିର କରିଆସୁଛି। ଗ୍ରୀନଲ୍ୟାଣ୍ଡକୁ ଆମେରିକା ନିଜର ମାନଚିତ୍ରରେ ମିଶେଇବାକୁ ଚାହୁଁଛି। ଯେତେବେଳେ ଆମେରିକା ଓ ଇରାନ ଯୁଦ୍ଧ ଲାଗି ରହିଛି ଇରାନ ନିକଟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଅବସ୍ଥିତ ହର୍ମୁଜ କେନାଲ୍‌କୁ ଡୋନାଲ୍ଡ ଟ୍ରମ୍ପ ଆମେରିକାର ଭୌଗୋଳିକ ଅଞ୍ଚଳ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ତାଙ୍କର ଆତ୍ମଗର୍ବ ଏତେ ବଢ଼ିଗଲାଣି ଯେ ସେ ଆକାଶରେ ଭାସମାନ ପୃଥିବୀର ଉପଗ୍ରହ ଚନ୍ଦ୍ରକୁ 'ଆମେରିକାର ସମ୍ପତ୍ତି' ଘୋଷଣା କରି ସାରିଲେଣି।



ଈଶ୍ୱରସୃଷ୍ଟ ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ ଓ ନାନାଦି ତାରକାପୁଞ୍ଜ ଅନାଦିକାଳରୁ ଆକାଶ ମଣ୍ଡଳରେ ଅବସ୍ଥିତ ଏବଂ ପ୍ରକୃତିର ନିୟମ ଅନୁଯାୟୀ ପରିଚାଳିତ ହେଉଛନ୍ତି। ଏହିସବୁ ଅଦ୍ୱିତୀୟ ଅପାର୍ଥିବ ବସ୍ତୁ ସକଳର ଅଧିକାରୀ କୌଣସି ମାନବ ନୁହେଁ। ସେହିପରି ଚନ୍ଦ୍ର ଏକ ଅଦ୍ୱିତୀୟ ସ୍ୱର୍ଗୀୟ ଉପଗ୍ରହ। ଏହାଉପରେ କୌଣସି ରାଷ୍ଟ୍ର ବା ବ୍ୟକ୍ତି ନିଜର ଅଧିକାର ସାବ୍ୟସ୍ତ କରିପାରିବ ନାହିଁ। କିନ୍ତୁ ଇତିହାସରେ ଲେଖା ହୋଇଛି କିଛି ଆତ୍ମଗର୍ବୀ, କ୍ଷମତାନ୍ଧ ଓ ବାଚାଳ ସମ୍ରାଟ ତଥା ଶାସକ ଗ୍ରହ ଉପଗ୍ରହକୁ ନିଜର ବୋଲି ଏକଦା ଦାବି କରୁଥିଲେ। ରୋମାନ ସମ୍ରାଟ ଜୁଲିଅସ ସିଜର ଓ ଅଗଷ୍ଟସ ସିଜର ସାରା ପୃଥିବୀର ମାଲିକ ବୋଲି ଦାବି କରୁଥିଲେ। ଚାଇନିଜ ସମ୍ରାଟ ଚେଙ୍ଗିଜ ଖାନ (୧୧୬୨ ସାଲ - ୧୨୨୭ ସାଲ) ସମଗ୍ର ବିଶ୍ୱର ଶାସନକର୍ତ୍ତା ବୋଲି ଘୋଷଣା କରିଥିଲେ। ପ୍ରାଚୀନ ଆସିରିଆ ଓ ବେବିଲୋନୀୟ ସାମ୍ରାଜ୍ୟର ରାଜାମାନେ ବିଶେଷତଃ ସାଇରସ ନିଜକୁ ପୃଥିବୀର ଚାରିଦିଗର ଅଧିପତି ବୋଲି ଘୋଷଣା କରିଥିଲେ।

୧୯୫୪ ମସିହାରେ ଚିଲି ଦେଶର ଜଣେ ଆଇନଜୀବୀ ଜେନାର ଗାଜାର୍ଡୋ ଭେରା ଚନ୍ଦ୍ରର ମାଲିକ ବୋଲି ଘୋଷଣା କରି ଏହାର ରେଜିଷ୍ଟ୍ରି ଅଫିସ ଚିଲିର ଟାଲକାଠାରେ ଖୋଲିଥିଲେ। ୧୯୯୬ ମସିହାରେ ମାର୍ଟିନ ଜୁଏରଗେନ ନାମକ ଜଣେ ଜର୍ମାନୀ ନାଗରିକ ଦାବି କରିଥିଲେ ଯେ ଆକାଶର ଚନ୍ଦ୍ର ତାଙ୍କ ପରିବାରର ସମ୍ପତ୍ତି। ପ୍ରାସିଆର ରାଜା ଫ୍ରେଡେରିକ ଦି ଗ୍ରେଟ ଚନ୍ଦ୍ରକୁ ଉପହାର ସ୍ୱରୂପ ତାଙ୍କ ପରିବାରକୁ ୧୭୫୬ ମସିହାରେ ଦେଇଥିଲେ ତାଙ୍କ ପୂର୍ବପୁରୁଷଙ୍କ ବିଶ୍ୱସ୍ତତା ପାଇଁ। ଏହାପୂର୍ବରୁ କାଲିଫର୍ଣ୍ଣିଆର ଜଣେ ଉଦ୍ୟୋଗପତି ଡେନିସ ହୋପ ୧୯୮୦ ମସିହାରେ 'ଲୁନାର ଏମ୍ବାସୀ କମିଶନ' ନାମକ ଏକ କମ୍ପାନୀ ଗଠନ କରି ଚନ୍ଦ୍ରର ଭୂମିକୁ ଏକର ପିଛା ୧୯. ୯୫ ଡଲାରରୁ ୨୫ ଡଲାରରେ ବିକ୍ରୟ କରିଥିଲେ।

ବାସ୍ତବରେ ଆନ୍ତର୍ଜାତିକ ନିୟମ ଏହି ସମ୍ବନ୍ଧରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ମିଳିତ ଜାତିସଂଘ ଆନୁକୂଲ୍ୟରେ ଦୁଇଟି ଚୁକ୍ତି ଯଥା - ଆଉଟର ସ୍ପେସ ଟ୍ରିଟି -୧୯୬୭ ଏବଂ ମୁନ ଆଗ୍ରିମେଣ୍ଟ -୧୯୭୯ ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା କୌଣସି ରାଷ୍ଟ୍ର ଗ୍ରହ, ଉପଗ୍ରହ କିମ୍ବା ଚନ୍ଦ୍ରକୁ ନିଜର ବୋଲି ଦାବି କରିପାରିବ ନାହିଁ। ଏହି ପରିପ୍ରେକ୍ଷୀରେ କୁହାଯାଇ ପାରେ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଘୋଷଣା - 'ଚନ୍ଦ୍ର ଆମେରିକାର' ଏକ ହାସ୍ୟାସ୍ପଦ ଚିନ୍ତାଧାରା ରୂପେ ସାରା ବିଶ୍ୱରେ ସମାଲୋଚିତ ହେବ। ●

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## ଆକାଶ ଦୀପ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଦ୍ୱାପର ଯୁଗରେ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ଲୀଳା ସମାପ୍ତିର ସମୟ ଆସି ପହଞ୍ଚିଲା। ଆଉ ଅଳ୍ପଦିନ ପରେ ତାଙ୍କୁ ଗୋପପୁର ଛାଡ଼ି ମଥୁରା ଯିବାକୁ ହେବ ଏବଂ ମାମୁ କଂସକୁ ନିଧନ କରି ଅଜା ଉଗ୍ରସେନଙ୍କୁ ରାଜ୍ୟ ଭାର ଅର୍ପଣ କରିବାକୁ ହେବ। ପୁଣି ତା'ର କିଛିଦିନ ପରେ ମଥୁରା ତ୍ୟାଗ କରି ତାଙ୍କୁ ଦ୍ୱାରକାରେ ରାଜ୍ୟ ସ୍ଥାପନ କରି ଜନ୍ମିତ ପିତାମାତା ଓ ଅଷ୍ଟପାଟରାଣୀଙ୍କ ସହ ଜୀବନ ଅତିବାହିତ କରିବାକୁ ଥିଲା। ସେ ସମୟରେ ଦୁଇଟି ବିଷୟ ତାଙ୍କୁ ଗଭୀର ଚିନ୍ତାଗ୍ରସ୍ତ କରୁଥିଲା। ପ୍ରଥମ, ପିତାମାତା ନନ୍ଦଯଶୋଦା ଓ ଗୋପୀଗୋପାଳମାନଙ୍କର ଅପାର ସ୍ନେହ ଓ ଶ୍ରଦ୍ଧା ପରିତ୍ୟାଗ କରି ଯିବାକୁ ହେବ। ଦ୍ୱିତୀୟ ଚିନ୍ତା ଥିଲା ଶ୍ରୀକୃଷ୍ଣଙ୍କ ସହ ସମ୍ପର୍କକୁ ନେଇ ରାଧା କଳଙ୍କିନୀ ଅପବାଦ ମୁଣ୍ଡେଇ ଗୋପଦାଣ୍ଡରେ ଲଜ୍ଜିତା ହେଉଥିଲେ ଏବଂ ଶାଶୂନଣନ୍ଦଙ୍କଠାରୁ ନାନା ଗଞ୍ଜଣା ଶୁଣୁଥିଲେ। ତେଣୁ ରାଧାଙ୍କୁ କଳଙ୍କମୁକ୍ତ କରିବା ଏବଂ କଳିଯୁଗରେ ତାଙ୍କ ସହ କିଛିକାଳ ଅବସ୍ଥାନ ପାଇଁ ସେ ଏକ ମାୟା ରଚନା କରି ଜ୍ୱର ଦେବତାଙ୍କୁ ନିଜ ଶରୀରକୁ ନିମନ୍ତ୍ରଣ କଲେ।

ଶ୍ରୀକୃଷ୍ଣଙ୍କ ଏବେ ଶଯ୍ୟାଶାୟୀ ହେଲେ। ଯେତେ ଯାହା ଉପଚାର କଲେ ମଧ୍ୟ ଜ୍ୱର ଭଲ ହେଲା ନାହିଁ। ଶ୍ରୀକୃଷ୍ଣ ମାଆଙ୍କୁ କହିଲେ- 'ମାଆ! ମୋର ଜ୍ୱର ଉପଶମ ପାଇଁ ତମେମାନେ ଅନେକ ଉପାୟ କଲଣି। କୋଉଥିରେ କିଛି ଫଳ ହେଉ ନାହିଁ। ମୋତେ ଗୋଟେ ଉପାୟ ଦେଖାଯାଉଛି। ରାଜି ହେବ ଯଦି କହିବି।' ମାତା ଯଶୋଦା ରାଜି ହେବାରୁ କାହ୍ନା କହିଲେ- 'କୁମ୍ଭାରକୁ କହି ଗୋଟେ ମାଠିଆ ଗଢ଼ିବ, ଯେଉଁଥିରେ ଅନେକ କଣା ଥିବ। ସେ ମାଠିଆରେ ଜଣେ ଗୋପୀ ଯମୁନାରୁ ଜଳ ଆଣିବ। ସେ ଜଳପାନ କଲେ ମୋ ଜ୍ୱର ଭଲ ହେବ। ଯେଉଁ ନାରୀ ଦେହରେ କଳଙ୍କ ନ ଥିବ, ସେ ମାଠିଆ କଣା ହେଲେ ମଧ୍ୟ ସେଥିରେ ପାଣି ପାରିବ। ଆମ ଗୋପପୁରରେ ସେପରି ନାରୀ ଅଛନ୍ତି।'

ଶ୍ରୀକୃଷ୍ଣଙ୍କ ଇଚ୍ଛା ଅନୁଯାୟୀ କୁମ୍ଭାରକୁ ବରାଦ କରି ଅନେକ ଛିଦ୍ର ଥିବା ଏକ ମାଠିଆ ଗଢ଼ାଗଲା। ଗୋପୀମାନେ ଜଣ ଜଣ କରି ସେ ମାଠିଆରେ ଯମୁନାରୁ ଜଳ ଆଣିବାକୁ ଚେଷ୍ଟା କଲେ, କିନ୍ତୁ ସଫଳ ହେଲେ ନାହିଁ। ଶେଷରେ ରାଧା ଏ ଖବର ପାଇ ବରଷାଣାରୁ ଆସି ପହଞ୍ଚିଲେ। ସେ ନନ୍ଦଙ୍କ ଘରୁ କଣା ମାଠିଆକୁ ନେଇ ଯମୁନାକୁ ଚାଲିଗଲେ। ଯମୁନା ନଦୀରେ ସେ ମାଠିଆଟାକୁ ବୁଡ଼େଇଲା ମାତ୍ରେ ମାୟାଧର କୃଷ୍ଣ ମାୟା କରି ମାଠିଆର କଣାମାନଙ୍କୁ ରୁନ୍ଧି ଦେଲେ। ରାଧା ମାଠିଆରେ ଜଳ ଧରି ନନ୍ଦଙ୍କ ଘରେ ପହଞ୍ଚିଲେ। ମାଠିଆର ପାଣି ପିଇବାର ଅଳ୍ପ ସମୟପରେ କୃଷ୍ଣଙ୍କ ଜ୍ୱର ପୂରା ଛାଡ଼ିଗଲା।

କାହ୍ନୁ ସୁସ୍ଥ ହେବା ପରେ ଗୋପବାସୀ ଯେ ଯାହା ଘରକୁ ବାହୁଡ଼ି ଗଲେ। ମାତା ଯଶୋଦା ଏବଂ ନନ୍ଦ ରାଜା ମଧ୍ୟ ନିଜ ନିଜ କାମରେ ଚାଲିଗଲେ। କାହ୍ନୁଙ୍କ ପାଖରେ ଥିଲେ କେବଳ ରାଧା। ତାଙ୍କ ମନରେ ସରସତା ନ ଥିଲା। ସେ ଜାଣିଥିଲେ ଯେ ତାଙ୍କର ପ୍ରାଣପ୍ରିୟ କାହ୍ନା ଆଉ କିଛିଦିନ ପରେ ଗୋପପୁର ଛାଡ଼ି ଚାଲିଯିବେ। ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ରାଧାଙ୍କ ମନର କଥା ଓ ଅନ୍ତରର ବ୍ୟଥା ବୁଝି ପାରୁଥିଲେ। ସେ ଧୀର ମଧୁର ସ୍ୱରରେ କହିଲେ- 'ରାଧେ! ଆଉ କିଛିଦିନ ପରେ ମୋର ଗୋପଲୀଳା ସମାପ୍ତ ହେବ। ତା' ପରେ ତୁମ ଅନୁପସ୍ଥିତିରେ ମୋର ଦ୍ୱାରକା ଲୀଳା ରଚନା ବିଧିନିର୍ଦ୍ଦିଷ୍ଟ। ତା' ପୂର୍ବରୁ ମୁଁ ତୁମକୁ କଳଙ୍କମୁକ୍ତ କରି ପରମସନ୍ତୋଷ ଲାଭ କରିଛି। କେବଳ ସେହି ଉଦ୍ଦେଶ୍ୟରେ ମୁଁ ଜ୍ୱର ଦେବତାଙ୍କୁ ମୋ ଶରୀରକୁ ଆବାହନ କରିଥିଲି ଏବଂ କଣା ମାଠିଆରେ ପାଣି ଆଣିବାର ନାଟକ ରଚନା କରିଥିଲି। ଦ୍ୱାରକା ଲୀଳା ପରେ ମୁଁ କଳିଯୁଗରେ ନୀଳାଚଳରେ ଜଗନ୍ନାଥ ନାମ ନେଇ ଦାରୁ ସ୍ୱରୂପରେ ଆରାଧିତ ହେବି। ଆଶ୍ୱିନ ମାସର ଶେଷ ପାଞ୍ଚଦିନ ଓ କାର୍ତ୍ତିକ ମାସର ପ୍ରଥମ ପଚିଶ ଦିନ ମହାକାର୍ତ୍ତିକ ଭାବେ ବିଦିତ ହେବ। ସେ ସମୟରେ ଆମେ ଦୁହେଁ ରାଧାଦାମୋଦର ରୂପେ ଏକତ୍ର ପୂଜା ପାଇବା। ଗୋପୀମାନେ ହବିଷ୍ୟାଳୀରୂପେ ଜଗନ୍ନାଥଙ୍କୁ ରାଧାଦାମୋଦର ରୂପେ ପୂଜା କରିବେ। ପ୍ରତିଦିନ ସକାଳେ ସେମାନେ ଆମକୁ ଆରାଧନା କରିବେ ଏବଂ ସନ୍ଧ୍ୟାରେ ଦେବତା ଓ ପିତୃଲୋକମାନଙ୍କ ଉଦ୍ଦେଶ୍ୟରେ ଆକାଶ ଦୀପ ଦାନ କରିବେ। ମୋତେ ରୋଗମୁକ୍ତ କରିବା ପାଇଁ ଯେଉଁ କଣା ମାଠିଆରେ ତୁମେ ପାଣି ଆଣିଥିଲ, ଆକାଶ ଦୀପ ସେହି କଣା ମାଠିଆରେ ସ୍ଥାନିତ ହେବ। ବାଉଁଶରେ ନିର୍ମିତ ମୋର ମୋହନ ବଂଶୀ ତୁମ ସହ ମୋର ସଂପର୍କର ସେତୁ ଥିଲା। କଳିଯୁଗରେ ବଂଶୀ ଏକ ଲମ୍ବ ବାଉଁଶର ସ୍ୱରୂପ ଧାରଣ କରିବ। ସେହି ବାଉଁଶରେ ଏକ ରଶି ଲଗାଇ କଣା ମାଠିଆରେ ଥିବା ଦୀପକୁ ଆକାଶକୁ ଉଠାଯିବ।' କଳିଯୁଗରେ କାର୍ତ୍ତିକ ମାସରେ ଘରେ ଘରେ ଆକାଶ ଦୀପ ପରମ୍ପରା ଚଳି ଆସୁଛି। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଧାୟକ 'ସିଦ୍ଧାନ୍ତ' ହଟହଟା

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୧୫।୯(ସମିସ): ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଦାସ ସାହିରେ ସୋମବାର ସନ୍ଧ୍ୟାରେ ଘଟିଥିବା ବୋମାମାଡ଼ ଘଟଣାକୁ ନେଇ ଏବେ ବି ଚାପା ଉତ୍ତେଜନା ଲାଗିରହିଛି। ଘଟଣା ପରେ ସାହିବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଦେଇଥିବା ବେଳେ ସୁରକ୍ଷାକୁ ନେଇ ପୁଲିସ ଓ ଜନପ୍ରତିନିଧିଙ୍କୁ ବିଭିନ୍ନ ପ୍ରଶ୍ନ



କରିଛନ୍ତି ଅଞ୍ଚଳବାସୀ। ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ସଦର ଏସ୍‌ଡିପିଓ ଏସ୍.ଏସ୍. ପରିଡ଼ା, ସଦର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା, ସରପଞ୍ଚ ବନ୍ଦନା ସେଠୀ ଓ ସମିତି ସଭ୍ୟ ଅଶୋକ ଦାସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସାହି ମୁଖିଆ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ବସ୍ତିବାସିନ୍ଦାଙ୍କ ସହ ସୁରକ୍ଷା ଓ ଘଟଣାର ସମାଧାନ ନେଇ ଆଲୋଚନା ହୋଇଥିଲା। ସୂଚନା ପ୍ରକାରେ, ବୋମାମାଡ଼ ପରେ ସାହିବାସିନ୍ଦା ଦୁଇ ଯୁବକଙ୍କୁ କାବୁ କରି ପ୍ରାୟ ୧୦ଘଣ୍ଟା ଧରି ଅଟକ ରଖିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ ପରିସ୍ଥିତି ଜଟିଳ ହେବାରୁ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଜଣେ ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଯାଇଥିବା ବେଳେ ଅନ୍ୟଜଣଙ୍କୁ ପୁଲିସ କୌଶଳକ୍ରମେ ମଧ୍ୟରାତ୍ରିରେ ଉଦ୍ଧାର କରିଥିବା ଜଣାପଡ଼ିଛି। ବିଧାୟକ ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲଗାଇବା ସହ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଥିରେ

- ଜିଲା ସୁରକ୍ଷା ଓ ଡ୍ରଗ୍ସ କାରବାର ନେଇ ବିଧାୟକଙ୍କ ସନ୍ଦେହ
- ପୁଲିସ କବଜାରେ ମୁଖ୍ୟ ଅଭିଯୁକ୍ତ କାଳିଆ ସାହୁ

ଉତ୍ୟକ୍ତ ଅଞ୍ଚଳବାସୀଙ୍କ ଅସନ୍ତୋଷ ଥମିନଥିଲା। କାମଧନ୍ଦା ପାଇଁ ଅଞ୍ଚଳ ବାହାରକୁ ଯାଉଥିବା ଶ୍ରମିକ ପରିବାରଗୁଡ଼ିକ ନିଜ ସୁରକ୍ଷାକୁ ନେଇ ଭୟଭିତ ଥିବା କହିଛନ୍ତି। ଘଟଣାରେ କାଳିଆ ସାହୁ ଓ ତାଙ୍କ ଗ୍ୟାଙ୍ଗକୁ ଗିରଫ କରି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ସାହିବାସିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ବୋମାମାଡ଼ ଘଟଣା ପଛରେ 'ଡ୍ରଗ୍ସ' କାରବାର ଥାଇପାରେ ବୋଲି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ସନ୍ଦେହ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା 'କାଳିଆ ସାହୁ' ବର୍ତ୍ତମାନ ପୁଲିସ କବଜାରେ ଥିବା ଜଣାପଡ଼ିଛି। ତାଙ୍କୁ ପଚରାଉଚରା କରାଯାଇ ଘଟଣା ପଛର ପ୍ରକୃତ କାରଣ, ବୋମାମାଡ଼ରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ଏବଂ ଡ୍ରଗ୍ସ କାରବାର ସହ ଏହାର କିଛି ସମ୍ପର୍କ ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

# ନୂଆଁଖାଇରେ ଉତ୍ସବମୁଖର ପଶ୍ଚିମ ଓଡ଼ିଶା

ସମ୍ବଲପୁର,୧୫।୯(ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'। ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଇଷ୍ଟ ଦେବାଦେବୀଙ୍କଠାରେ ନୂଆଁ ଲାଗିକରି ଅଞ୍ଚଳବାସୀ ନୂଆଁ ଖାଇଛନ୍ତି। ସମଗ୍ର ପଶ୍ଚିମ ଓଡ଼ିଶାରେ ଉତ୍ସାହ ଓ ଉଦ୍ଦୀପନାର ଭରି ରହିଛି। ପଶ୍ଚିମ ଓଡ଼ିଶାର ଘରେ ଘରେ ପରିବାର ସଦସ୍ୟଙ୍କ ଭିଡ଼ ସହ ନୂଆଁ ଖାଇବାପରେ ବଡ଼ମାନଙ୍କୁ ମୁଣ୍ଡିଆମାରି ଜୁହାର ଭେଟ୍ ହୋଇଛନ୍ତି। ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରଠାରେ ନବାନ୍ନ ଲାଗି ହୋଇଥିବାବେଳେ ସୁବର୍ଣ୍ଣପୁରରେ ମା' ସୁରେଶ୍ୱରୀ, ବଲାଙ୍ଗୀରରେ ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀ, ବୌଦ୍ଧରେ ମା' ଭୈରବୀ, କଳାହାଣ୍ଡିରେ ମା' ମାଣିକେଶ୍ୱରୀ, ସୁନ୍ଦରଗଡ଼ରେ ମା' ସମଲେଶ୍ୱରୀ ପୀଠରେ ନବାନ୍ନ ଲାଗି ହୋଇଯାଇଛି। ଗ୍ରାମାଞ୍ଚଳରେ ଚାଷୀମାନେ କ୍ଷେତରେ ପୂଜାର୍ଚ୍ଚନା କରି ଧରତୀ ମା'ଙ୍କୁ କ୍ଷୀର ଅର୍ପଣ କରିଥାନ୍ତି, ଏହାକୁ 'ଗୁରସ୍ ରୁକା' କୁହାଯାଏ। ରାଖି ପିନ୍ଧାଇବା ମଧ୍ୟ ନୂଆଁଖାଇରେ ହୋଇଥାଏ। ଏହାପରେ ଗ୍ରାମାଞ୍ଚଳରେ ଅନେକ ସ୍ଥାନରେ ଗାଁର ସମସ୍ତ ପରିବାର ଏକାଠି ବସି ନବାନ୍ନ ଭକ୍ଷଣ କରିଥିବା ସୂଚନା ମିଳିଛି।

ସମ୍ବଲପୁରର ସମଲେଇ ପୀଠରେ ଆଜି ଭୋର୍ ୫ଟାବେଳୁ ଆରମ୍ଭ ହୋଇଯାଇଥିଲା ରୀତିନୀତି। ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ସମ୍ପନ୍ନ କରାଯାଇ ଅଳଙ୍କାର, ନବବସ୍ତ୍ରରେ ବେଶଭୂଷା ପରେ ଗମ୍ଭୀରା ଓ ପାଶ୍ୱର୍ ଦେବାଦେବୀଙ୍କଠାରେ ପୂଜକମାନେ ଝୋଟି ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ୪ ଜଣ ପୂଜକ ପରିବାର ସହିତ ବେହେରା ପରିବାରରୁ ନବାନ୍ନ ଭୋଗ ଓ ପିଠାପଣା ଆସିଥିଲା। ନିର୍ଦ୍ଧାରିତ ଲଗ୍ନ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା ଆଦି ଭୋଗଲାଗି ହୋଇଥିଲା। ଏହାପରେ ପରମ୍ପରା ଅନୁଯାୟୀ ୧୧୫ ପାଶ୍ୱର୍ ଦେବାଦେବୀ ଏବଂ ତିନୋଟି ମନ୍ଦିରରେ ନବାନ୍ନ ଲାଗି କରାଯାଇଥିଲା। ନବାନ୍ନ ଲାଗି ପରେ ମା' ସମଲେଶ୍ୱରୀଙ୍କ



ମଙ୍ଗଳ ଆଳତୀ ହୋଇଥିଲା। ଏହାପରେ ବହୁସଂଖ୍ୟାରେ ଅପେକ୍ଷା କରି ରହିଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିଥିଲେ। ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ଠାରୁ ମା'ଙ୍କ ଅନ୍ନଭୋଗ ସକାଶେ ଦର୍ଶନ ବନ୍ଦ ରହିଥିବାବେଳେ ଏହାପରେ ପୁଣି ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିଥିଲେ। ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବାପରେ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରେ ଘରେ ଘରେ ଗୃହଦେବୀ ଓ ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗିକରି ଲୋକେ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁ ଖାଇବାପରେ ଘରର ଦେବାଦେବୀଙ୍କୁ ମୁଣ୍ଡିଆ ମାରିବାସହ ନିଜଠାରୁ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା ପ୍ରଥା ରହିଛି, ଏହାକୁ ଜୁହାର୍ ଭେଟ୍ କୁହାଯାଏ। ସମସ୍ତେ ନିଜଠାରୁ ବଡ଼ମାନଙ୍କୁ ମୁଣ୍ଡିଆମାରି ଆଶୀର୍ବାଦ ଭିକ୍ଷା କରିଥିଲେ।

ଆଜି ଅପରାହ୍ଣରୁ ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିଲା 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ। ସମ୍ବଲପୁରୀ କବିତା ପାଠୋତ୍ସବଠାରୁ ଆରମ୍ଭ କରି ଗୀତ, ନୃତ୍ୟ, ଏକକ ଅଭିନୟ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଜନପ୍ରତିନିଧି ତଥା ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିବାବେଳେ ଅଞ୍ଚଳର ବହୁମୁଖୀ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସେକ୍ସ ରାକେଟ ଠାବ: ୨ ଦେହଜୀବୀଙ୍କ ସହ ଗ୍ରାହକ ଅଟକ

ଅନୁଗୋଳ,୧୫।୯(ସମିସ): ଅନୁଗୋଳ ସହରରେ ସେକ୍ସ ରାକେଟ ଠାବ ହୋଇଛି। ଅନୁଗୋଳ ପୁରୁଣା ବସଷ୍ଟାଣ୍ଡ ପାଖ ଅମଲାପଡ଼ାର ଏକ ଘରୁ୨ ଦେହଜୀବୀ ଧରାପଡ଼ିଥିବାବେଳେ ୨ ଗରାଖଙ୍କୁ ମଧ୍ୟ ଅଟକ ରଖାଯାଇଛି। ଅମଲାପଡାର ରାଜେଶ ସ୍ୱାଇଁ ନିଜ ଘରେ ଏହି ସେକ୍ସ ରାକେଟ ଚଳାଇଥିବା ଖବର ପାଇ ଅନୁଗୋଳ ସ୍ପେଶାଲ



ସ୍କ୍ୱାର୍ଡ ପୁଲିସ ପାଇ ଚଢ଼ଉ କରିଥିଲା। ଦୀର୍ଘ ଦିନ ହେବ ଏହି ରାକେଟ୍ ଚାଲିଥିଲା। ସ୍ପେଶାଲ୍ ସ୍କ୍ୱାର୍ଡ ଏବଂ ଅନୁଗୋଳ ପୁଲିସ ରାଜେଶ୍ ସ୍ୱାଇଁଙ୍କ ଘରେ ଆଜି ସନ୍ଧ୍ୟାରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଦୁଇ ମହିଳା ଓ ଦୁଇଜଣ ଗ୍ରାହକ ଧରାପଡ଼ିଛନ୍ତି। ଏହା ସହିତ ବହୁ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ସୁବିଧା ଦାବି

# ୧୬୮ ଦିନରେ ପୁରୀବାସୀଙ୍କ ପଦଯାତ୍ରା

ପୁରୀ,୧୫।୯(ସମିସ): ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରେ ସୁବିଧାଜନକ ସ୍ଥାୟୀ ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଚାଲିଥିବା ଅହିଂସାପୂର୍ଣ୍ଣ ପଦଯାତ୍ରା ମଙ୍ଗଳବାର ୧୬୮ ଦିନରେ ପହଞ୍ଚିଛି। ଦୀର୍ଘ ଦିନ ଧରି ଜାରି ରହିଥିବା ଏହି ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଏବେ କେବଳ ଏକ ଦାବି ନୁହେଁ ବରଂ ପୁରୀବାସୀଙ୍କ ଭାବନା, ଆସ୍ଥା ଓ ନିରନ୍ତର ସଂକଳ୍ପର ସ୍ୱର ହୋଇଉଠିଛି। ପ୍ରତିଦିନ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହେଉଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ଯାଇ ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦାବି ଶୀଘ୍ର ବିଚାର କରି ସ୍ଥାୟୀ ସମାଧାନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା



କରାଯାଉଛି। ପଦଯାତ୍ରାର ଆବାହକ ସ୍ୱାଧୀନ ପଣ୍ଡା କହିଛନ୍ତି, ଏହି ପ୍ରୟାସ କୌଣସି ଦଳୀୟ ରାଜନୀତି ସହ ଜଡ଼ିତ ନୁହେଁ। ପୁରୀବାସୀଙ୍କ ହକ୍‌କୁ ଶାନ୍ତିପୂର୍ଣ୍ଣ ଭାବେ ସରକାରଙ୍କ ନିକଟରେ ପହଞ୍ଚାଇବା ହିଁ ଲକ୍ଷ୍ୟ। ସରକାର ପୁରୀବାସୀଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରି ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା ନିର୍ଦ୍ଧାରଣ କରନ୍ତୁ ବୋଲି ସେ କହିଛନ୍ତି। ସତ୍ୟାଗ୍ରହୀମାନେ କହିଛନ୍ତି, ଏକ ସ୍ପଷ୍ଟ, ସମ୍ମାନଜନକ ଓ ସ୍ଥାୟୀ ବ୍ୟବସ୍ଥା ଘୋଷଣା ନ ହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ଜାରି ରହିବ। ତେବେ ମଙ୍ଗଳବାର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, ସନ୍ତୋଷ ସେନାପତି, କାହ୍ନୁଚରଣ ପ୍ରଧାନ, ଅଞ୍ଜୁବାଳା ମହାନ୍ତି, ଶାଳିନୀ ପ୍ରଧାନ, ଶୁଭଶ୍ରୀ ମହାରଣା, ମନୀଷା ପାତ୍ର, ପୂଜା ଦାସ, ସିଲା କିନ୍ନର, ରିୟା କିନ୍ନର, ବୈଶାଳୀ ପ୍ରଧାନ, ରିତିକା ପ୍ରଧାନ, ସୌମ୍ୟା ସାହୁ, ମମତା ସ୍ୱାଇଁ, ଯାଦବାନନ୍ଦ ରାୟ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ପ୍ରକାଶ ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ବରୁଣ ମହାପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ସୁବାଷ ପଟ୍ଟନାୟକ, ବାପିନା ସାମନ୍ତରାୟ, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ବୁଲାଷଣ୍ଢଙ୍କ ନାଁରେ ଏତଲା ଦେଲେ ଶହଶହ ଚାଷୀ

ସାକ୍ଷୀଗୋପାଳ,୧୫।୯(ସମିସ): ଏକ ଅଜବ ତଥା ଚାଞ୍ଚଲ୍ୟକର ଖବର ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବଳପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ମଣିଷ କି ଚୋର-ଡକାୟତଙ୍କ ନାଁରେ ନୁହେଁ ବୁଲା ଷଣ୍ଢ ନାଁରେ ସତ୍ୟବାଦୀ ଥାନାରେ ଏତଲା ଦେଇଛନ୍ତି ଶହଶହ ଚାଷୀ। ବୁଲା ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କ ଉପଦ୍ରବରେ ଅତିଷ୍ଠ ହୋଇ ଶହଶହ ଚାଷୀ ନିରୂପାୟ ହୋଇ ଶେଷରେ ସତ୍ୟବାଦୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସତ୍ୟବାଦୀ ଥାନା ବାହାରେ ହାତରେ କାଗଜପତ୍ର ଧରି ଶହଶହ ଚାଷୀ ଜମା ହୋଇଥିଲେ। ସେମାନଙ୍କ ଆଖିରେ ଲୁହ ଆଉ ମନରେ ଅସନ୍ତୋଷ ଜଳଜଳ ଦେଖାଯାଉଥିଲା। ବିରି, ମୁଗ ଭଳି ରବି ଫସଲଠାରୁ ଆରମ୍ଭ କରି ଏବେକାର ଧାନ ଫସଲ ପର୍ଯ୍ୟନ୍ତ ସବୁକିଛି ବୁଲା ଗୋରୁ ଓ ଷଣ୍ଢମାନେ ନଷ୍ଟ କରି ଚାଲିଛନ୍ତି। ତେବେ ଏହାର ମୁଖ୍ୟ କାରଣ ପଞ୍ଚାୟତରେ ଏବେ ଗୋଚର ଜମି କିମ୍ବା ହିଡ଼-ଦଣ୍ଡା ବୋଲି କିଛି ଦେଖିବାକୁ ମିଳୁନି। ସବୁ ଗୋଚର ଓ ଦଣ୍ଡା ଜମି ଜବରଦଖଲ ହୋଇଗଲାଣି। ଗୋରୁଗାଈ ଚରିବେ କେଉଁଠି ସେଥିପାଇଁ ପେଟ ବିକଳରେ ସେମାନେ ଆସି ଆମ ବିଲରେ ପଶୁଛନ୍ତି ଓ ସବୁ ଫସଲ ଖାଇ ନଷ୍ଟ କରିଦେଉଛନ୍ତି। ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ କହିଥିଲେ, ଚାଷୀମାନଙ୍କ ସମସ୍ୟା ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସେମାନଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଯଥାର୍ଥ। ଷଣ୍ଢ ବା ଗୋରୁଙ୍କ ଉପରେ ଆଇନଗତ ମାମଲା କରିବା ସମ୍ଭବ ନ ହେଲେ ମଧ୍ୟ ଆମେ ଚାଷୀ ଭାଇମାନଙ୍କ ସହ ବିସ୍ତୃତ ଆଲୋଚନା କରିଛୁ। ସ୍ଥାନୀୟ ପ୍ରଶାସନ, ବ୍ଲକ୍ କର୍ତ୍ତୃପକ୍ଷ ଏବଂ ସରପଞ୍ଚଙ୍କ ସହ ମିଶି ଏହାର ଏକ ବିକଳ୍ପ ସମାଧାନ କରାଯିବ। ବୁଲା ଗୋରୁଙ୍କ ପାଇଁ କୌଣସି ଅସ୍ଥାୟୀ ଗୋଶାଳା କିମ୍ବା ସେମାନଙ୍କୁ ଚରିବା ପାଇଁ ବ୍ୟବସ୍ଥା କରି ଚାଷୀଙ୍କ ଫସଲକୁ କେମିତି ସୁରକ୍ଷିତ ରଖାଯାଇପାରିବ, ସେ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏମ୍‌କେସିଜିରେ...

ହୋଇଛି। ଅନ୍ୟପକ୍ଷରେ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ପାଇଁ ପ୍ରାୟ ଏକ ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ଆସିଥିବା ସତ୍ତ୍ୱେ ଏଯାଏଁ ଏହା କାର୍ଯ୍ୟକାରୀ ହୋଇନଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ଅଧିନରେ ଥିବା ଜିଇଡି (ସାଧାରଣ ବିଦ୍ୟୁତ ବିଭାଗ) ର ଅବହେଳା ଓ ଦାୟିତ୍ୱହୀନତା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦାୟିତ୍ୱରେ ଅବହେଳା ଅଭିଯୋଗ ଥିବା ସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏମକେସିଜି ମେଡ଼ିକାଲର ଅନେକ କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ନେଇ ଦକ୍ଷିଣାଞ୍ଚଳ ଉପଅଗ୍ନିଶମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିବା ସେ କହିଛନ୍ତି। ବାରମ୍ବାର ଅଗ୍ନିକାଣ୍ଡ, ଅଗ୍ନିଶମ ବିଭାଗର ଚେତାବନୀ ଓ ଅଗ୍ନି ନିରାପତ୍ତା ପାଇଁ ଅର୍ଥ ମଞ୍ଜୁର ସତ୍ତ୍ୱେ ବ୍ୟବସ୍ଥା କାର୍ଯ୍ୟକାରୀ ନହେବା ଏସବୁ ଘଟଣା ମେଡିକାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନଚିହ୍ନ ଲଗାଇଛି। ଅନ୍ୟପକ୍ଷରେ ନିଆଁ ଲାଗିଥିବା ଘଟଣାକୁ ନେଇ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କିଛି ନକହିବାକୁ ଡିଏମଇଟି (ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ) ପକ୍ଷରୁ ତାଙ୍କୁ ନିର୍ଦ୍ଦେଶ ଥିବା ଡ଼ା. ଦାଶ କହିଛନ୍ତି।

## ଅକ୍ଟୋବରରେ ଓଡ଼ିଶା...

ଯୋଜନା ରହିଛି। ଜାନୁଆରୀ-ଫେବୃଆରୀ ମଧ୍ୟରେ ଏହି ଗସ୍ତଗୁଡ଼ିକୁ ନେଇ ଦଳ ବଡ଼ କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତୁତ ହେଉଛି। ପ୍ରଥମେ ତୃଣମୂଳ ସଂଗଠନକୁ ସକ୍ରିୟ କରିବା, ଦ୍ୱିତୀୟରେ ପଞ୍ଚାୟତ ସ୍ତରରେ ନିଜ ଉପସ୍ଥିତି ବଢ଼ାଇବା ଏବଂ ତୃତୀୟରେ ଯୁବ ଓ ଛାତ୍ର ଭୋଟରଙ୍କ ମଧ୍ୟରେ ଦଳର ପ୍ରଭାବ ବଢ଼ାଇବାକୁ କଂଗ୍ରେସ ଯୋଜନା କରୁଛି। ଆଗୁଆ ମୈଦାନ ପ୍ରସ୍ତୁତି ମାଧ୍ୟମରେ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ନିଜର ହରାଇଥିବା ରାଜନୈତିକ ଜାଗା ଫେରାଇବାକୁ ଚେଷ୍ଟା କରୁଛି। ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଓଡ଼ିଶାକୁ ନେଇ କଂଗ୍ରେସ ବଡ଼ ରଣନୀତି ପ୍ରସ୍ତୁତ କରୁଛି। କର୍ଣ୍ଣାଟକ ମଡେଲକୁ ଆଧାର କରି ପଦଯାତ୍ରା, ବ୍ଲକ ଘେରାଓ, ମାରାଥନ୍ ଓ ଯୁବକେନ୍ଦ୍ରିକ କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରେ ସଂଗଠନକୁ ସକ୍ରିୟ କରିବାକୁ ଦଳ ଯୋଜନା କରିଛି। ଏହି କ୍ରମରେ ଆଗକୁ ରାଜ୍ୟ ତଥା ଜିଲ୍ଲା ନେତୃତ୍ୱମାନଙ୍କ ପାଇଁ ମାରାଥନ୍ କର୍ମଶାଳା ଆୟୋଜନ ହେବ। ଏଥିରେ ଏଆଇସିସି ସଂଗଠନ ସମ୍ପାଦକଙ୍କ ସହ ଅନ୍ୟ ବରିଷ୍ଠ ନେତୃବୃନ୍ଦ ସାମିଲ ହୋଇ ଗୁରୁମନ୍ତ୍ର ଦେବେ। ଏହା ବ୍ୟତୀତ ଆସନ୍ତା ଅକ୍ଟୋବର ୨ ରୁ ନବରଙ୍ଗପୁରରୁ କଂଗ୍ରେସ ପଦଯାତ୍ରା ଆରମ୍ଭ ହେବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଦଯାତ୍ରାରେ ବ୍ଲକ ଘେରାଓ କାର୍ଯ୍ୟକ୍ରମ ମାନ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମ ଦ୍ୱାରା ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ସହ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ଆୟୁଧ କରି ଡବଲ ଇଞ୍ଜିନ ସରକାର ବିରୋଧରେ ଦଳ ରଣନୀତି ପ୍ରସ୍ତୁତ କରିବ ବୋଲି ସେ କହିଛନ୍ତି।

## ମା'ସମଲେଶ୍ୱରୀଙ୍କଠାରେ...

ପ୍ରାୟ ୯ଟା ୨୫ ମିନିଟ ପର୍ଯ୍ୟନ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାପରେ ଶୁଭଶଙ୍ଖ ନାଦ କରାଯାଇଥିଲା। ଏହା ଗୁପ୍ତପୂଜା ହୋଇଥିବାରୁ କାହାରିକୁ ଭିତରକୁ ଛାଡ଼ା ଯାଇ ନ ଥାଏ। ଠିକ୍ ପୂର୍ବାହ୍ଣ ୯ଟା ୪୦ ମିନିଟ୍‌ରେ ଭୋଗଲାଗି ଆରମ୍ଭ ହେବାରୁ ଢୋଲ, ଶଙ୍ଖ, ଘଣ୍ଟ ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଲଗ୍ନ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ ମଧ୍ୟରେ ନୂଆ ଚାଉଳ, ସାରୁ ଶାଗ, କାକରା, ବବରା, କ୍ଷୀରି ଆଦି ଭୋଗଲାଗି ହୋଇଥିଲା। ପ୍ରାୟ ୧୦ଟା ବେଳେ ପୂଜକମାନେ ଗମ୍ଭୀରା ଭିତରୁ ବାହାରି ମନ୍ଦିର ପରିସରସ୍ଥ ୧୧୫ ପାଶ୍ୱର୍ ଦେବାଦେବୀଙ୍କୁ ନବାନ୍ନ ଲାଗି କରିଥିଲେ। ଶ୍ରୀ ଗଣେଶଙ୍କଠାରୁ ଆରମ୍ଭ କରି ଶେଷରେ ମାଉଳୀ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଏହାପରେ ବଡ଼ବଜାର କେଉଟପଡ଼ାର ଘୁଡ଼ାଘାଟ ମନ୍ଦିର, ଧୋବାପଡ଼ାର ଘିକୁଣ୍ଡି ମନ୍ଦିର ଓ ସୁନାରିପଡ଼ାର ହନୁମାନ ମନ୍ଦିରକୁ କେଇଜଣ ପୂଜକ ଯାଇ ନବାନ୍ନ ଲାଗି କରି ଫେରିଥିଲେ। ଏହାପରେ ପ୍ରାୟ ସାଢ଼େ ୧୦ଟା ସମୟରେ ମା' ସମଲେଶ୍ୱରୀଙ୍କ ମଙ୍ଗଳ ଆଳତୀ କରାଯାଇଥିଲା। ପୂର୍ବାହ୍ଣ ୧୧ଟା ସମୟରେ ଅପେକ୍ଷାରତ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।

ମା'ଙ୍କ ନୂଆ ଚାଉଳ ଭୋଗ ନେଇ ଲୋକେ ଘରେ ଘରେ ନୂଆଁ ଖାଇଥିଲେ। ନୂଆଁ ଖାଇବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ୍ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ସ୍ଥାନରେ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି। ଦିନତମାମ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ଆସି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସୂଚନା ଅନୁଯାୟୀ, ମା'ଙ୍କ ପାଖରେ ନବାନ୍ନ ଲାଗି ଓ ପାଶ୍ୱର୍ ଦେବାଦେବୀଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ମହାଆଳତୀ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହାପରେ ଭକ୍ତମାନେ ପୂର୍ବାହ୍ଣ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦର୍ଶନ କଲାପରେ ପୁଣି ମା'ଙ୍କ ଅନ୍ନଭୋଗ ପାଇଁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହାପରେ ଶ୍ରଦ୍ଧାଳୁମାନେ ରାତି ୭ଟା ୪୫ ମିନିଟ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ମା'ଙ୍କ ଦର୍ଶନ କରିଥିଲେ। ଏହାପରେ ପୁଣି ସନ୍ଧ୍ୟା ଆଳତୀ ପାଇଁ ଦର୍ଶନ ବନ୍ଦ ହୋଇଥିଲା। ଏହାପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା। ସନ୍ଧ୍ୟାରେ ମାରୱାଡି ଯୁବା ମଞ୍ଚ, ଓଡ଼ିଶା ସାଂସ୍କୃତିକ ସମାଜ, ଚିତ୍ରୋତ୍ପଳା ଯୁବକ ସଂଘ ଓ ଲକ୍ଷ୍ମୀନାରାୟଣ ସାହିତ୍ୟ ସଂସଦ, ସମଲେଶ୍ୱରୀ ଯୁବକ ସଂଘ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତର ଆସର 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ୩୮ ବର୍ଷ ପରେ...

ଏହି ଅଧ୍ୟୟନ କରାଯିବ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ମୌସୁମୀ ବର୍ଷା ସମୟରେ ପର୍ଯ୍ୟାପ୍ତ ବନ୍ୟା ନିୟନ୍ତ୍ରଣ କ୍ଷମତା ରଖି ମୌସୁମୀ ଶେଷ ସୁଦ୍ଧା ଜଳଭଣ୍ଡାର ଫୁଲ୍ ରିଜର୍ଭୟାର ଲେଭଲ୍ (ଏଫଆରଏଲ)ରେ ରଖିବାକୁ ଜଳସମ୍ପଦ ବିଭାଗ ଯୋଜନା କରିଛି। ସେହିପରି ହୀରାକୁଦ ଜଳଭଣ୍ଡାର ପାଇଁ ବର୍ତ୍ତମାନ ଥିବା ଅପର ଓ ଲୋଅର୍ ରୁଲ୍ କର୍ଭକୁ ବଜାୟ ରଖିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଗୋଟିଏ ମଧ୍ୟମ ସ୍ତରୀୟ ରୁଲ୍ କର୍ଭ ଲାଗୁ କରିବା ନେଇ ଆଲୋଚନା ହୋଇଥିଲେ ମଧ୍ୟ, ସବୁ ପ୍ରକାର ଜଳବୈଜ୍ଞାନିକ ପରିସ୍ଥିତିରେ ଏହା ଉପଯୋଗୀ ହେବ ନାହିଁ ବୋଲି କମିଟି ଅନୁଭବ କରିଛି। ବିଶେଷକରି ଶୁଷ୍କ ବର୍ଷରେ ଜଳସେଚନ ଆବଶ୍ୟକତା ଓ ପ୍ରବଳ ବର୍ଷା ସମୟରେ ବନ୍ୟା ନିୟନ୍ତ୍ରଣ ଉଭୟ ଦିଗରେ ଏହା ସମସ୍ୟା ସୃଷ୍ଟି କରିପାରେ। ବର୍ତ୍ତମାନ ଓଡ଼ିଶାର ହୀରାକୁଦ ଓ ରେଙ୍ଗାଲିଏହି ଦୁଇ ପ୍ରମୁଖ ଜଳଭଣ୍ଡାର ପ୍ରତିଷ୍ଠିତ ରୁଲ୍ କର୍ଭ ଅନୁଯାୟୀ ପରିଚାଳିତ ହେଉଛି। ବହୁମୁଖୀ ଜଳଭଣ୍ଡାରରେ ମୌସୁମୀ ସମୟରେ ସର୍ବାଧିକ ଜଳସ୍ତରରେ ଜଳ ରଖିବା ସବୁବେଳେ ସମ୍ଭବ ନୁହେଁ। ବନ୍ୟା ପ୍ରବାହକୁ ଅସ୍ଥାୟୀ ଭାବେ ଧରି ରଖିବା ପାଇଁ ପର୍ଯ୍ୟାପ୍ତ ଫ୍ଲଡ୍ କୁଶନ୍ ରଖିବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଛି।

ଡ୍ୟାମ ସେଫ୍ଟିର ମୁଖ୍ୟଯନ୍ତ୍ରୀ ଟେକ୍ନିକାଲ୍ ୱାର୍କିଂ ଗ୍ରୁପ୍‌ର ସଦସ୍ୟ-ସଚିବ ତଥା କନ୍‌ଭେନର୍ ଭାବେ କାର୍ଯ୍ୟ କରିବେ। ଏହି ଗ୍ରୁପ୍‌ରେ ପ୍ଲାନିଂ, ଡ୍ୟାମ ସେଫ୍ଟି, ଏବଂ ଏଚଏଚ, ଜିଆଇଏସର ମୁଖ୍ୟଯନ୍ତ୍ରୀମାନେ ଏଥିରେ ସଦସ୍ୟ ରହିବେ। ଏହି ଗ୍ରୁପ୍ ଜଳବୈଜ୍ଞାନିକ ତଥ୍ୟ ସଂଗ୍ରହ, ହାଇଡ୍ରୋଲଜିକାଲ୍ ବିଶ୍ଳେଷଣ, ଜଳଭଣ୍ଡାର ସିମୁଲେସନ୍ ଓ ରୁଲ୍ କର୍ଭ ସଂଶୋଧନ ସମ୍ପର୍କିତ ସୁପାରିସ ପ୍ରସ୍ତୁତ କରିବ। ଏଥିସହ ରାଜ୍ୟ ସରକାରଙ୍କ ଡ୍ୟାମ ସେଫ୍ଟି ଆଇନ, ୨୦୨୧ର ବ୍ୟବହାରିତାକୁ ମଧ୍ୟ ରୁଲ୍ କର୍ଭ ସମୀକ୍ଷା ସମୟରେ ସମୀକ୍ଷା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ଉଲ୍ଲେଖଯୋଗ୍ୟ ଯେ ସାଧାରଣତଃ ଐତିହାସିକ କିମ୍ବା ଅନୁମାନିତ ଜଳ ପ୍ରବାହର ତଥ୍ୟକୁ ଆଧାର କରି ବନ୍ଧ ପରିଚାଳନା ସମ୍ପର୍କିତ ଅଧ୍ୟୟନ ମାଧ୍ୟମରେ ରୁଲ୍ କର୍ଭ ନିର୍ଦ୍ଧାରଣ କରାଯାଇଥାଏ। ତେବେ ଅନେକ ସମୟରେ ଜଳ ପ୍ରବେଶ କମ୍ ରହିବା ଏବଂ ବିଭିନ୍ନ ଚାହିଦା ପାଇଁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଭଳି ବିଭିନ୍ନ ପରିସ୍ଥିତି କାରଣରୁ ଜଳଭଣ୍ଡାରର ଜଳ ସଂରକ୍ଷଣ ସ୍ତର ସମ୍ପର୍କରେ ରୁଲ୍ କର୍ଭକୁ କଡ଼ାକଡ଼ି ଭାବେ ପାଳନ କରିବା ସମ୍ଭବ ହୋଇନଥାଏ। ଛତିଶଗଡ଼ ସରକାରଙ୍କ ପକ୍ଷରୁ ମହାନଦୀର ଉପରମୁଣ୍ଡରେ ବହୁ ସଂଖ୍ୟକ ବନ୍ଧ ଓ ବ୍ୟାରେଜ୍ ନିର୍ମାଣ କରାଯିବା ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ରୁଲ୍ କର୍ଭକୁ ବଜାୟ ରଖିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ, ଜଳ ଛାଡ଼ିବା ସମ୍ପର୍କିତ ବାସ୍ତବ ସମୟର ତଥ୍ୟ (ରିଅଲ୍-ଟାଇମ୍ ଡାଟା) ଛତିଶଗଡ଼ ପକ୍ଷରୁ ଯୋଗାଇ ଦିଆଯାଉନାହିଁ। ଅତଏବ ବର୍ତ୍ତମାନ ସ୍ଥିତିରେ ରୁଲ କର୍ଭରେ ଆବଶ୍ୟକୀୟ ସଂଶୋଧନ ଜରୁରୀ ହୋଇ ପଡ଼ିଥିବା ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

## ଅଟକିଲା ଦାରା...

ଆଳ ଦେଖାଇ ରାଜ୍ୟ ସରକାର ଦାରାକୁ ମୁକ୍ତି କରିବେ କି ନାହିଁ ଟାଳଟୁଳ ନୀତି ଆପଣାଇ ଥିଲେ। ଗତ ୯ ତାରିଖରେ ସୁପ୍ରିମ୍‌କୋର୍ଟରେ ଶୁଣାଣି ବେଳେ ରାଜ୍ୟ ସରକାର ସମୟ ମାଗିବାରୁ କୋର୍ଟ କ୍ଷୁବ୍ଧ ହୋଇଥିଲେ ଓ ପରବର୍ତ୍ତୀ ଶୁଣାଣିକୁ ସେପ୍ଟେମ୍ବର ୧୭ କୁ ଘୁଞ୍ଚାଇଥିଲେ। ଏହା ପୂର୍ବରୁ ରାଜ୍ୟ ସରକାର ଦାରାର ମୁକ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି।

ଗତ ୨୦୨୫ ମସିହା ମାର୍ଚ୍ଚ ମାସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ମୁକ୍ତିକୁ ସର୍ତ୍ତମୂଳକ ସମର୍ଥନ ପ୍ରଦାନ କରିଥିଲା। ସାମାଜିକ ସଦଭାବନା ବଜାୟ ରହିଲେ ଦାରାର ମୁକ୍ତି ସମ୍ଭବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପାରିସ କରାଯାଇଥିଲା। ମାତ୍ର ଗତ ଅଗଷ୍ଟ ୧୫ ତାରିଖରେ ଦାରାର ସମର୍ଥକମାନେ ଜେଲ ସମ୍ମୁଖରେ ବିଭିନ୍ନ ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ ପ୍ରଦାନ ମାମଲାକୁ ପୁରା ଗଡ଼ବଡ଼ କରିଦେଇଛି। ଜିଲା ପ୍ରଶାସନର ୧୫ ଅଗଷ୍ଟ ଘଟଣାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ଗତ ଅଗଷ୍ଟ ମାସ ୨୮ ତାରିଖରେ ଆଉ ଚିଠିରେ ଦାରା ସମର୍ଥକଙ୍କ କାର୍ଯ୍ୟକଳାପକୁ ନେଇ ଆଶଙ୍କା ପ୍ରକାଶ କରାଯାଇଥିଲା। ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋଡର୍ ଏହି ଚିଠିର ସମୀକ୍ଷା କରି ଏଥିରେ ଦାରାର ମୁକ୍ତି ନେଇ କୌଣସି ସ୍ପଷ୍ଟ ସୁପାରିସ ନ ଥିବା ଓ ରିପୋର୍ଟରେ ଅସମ୍ପୂର୍ଣ୍ଣ ତଥ୍ୟ ଥିବାରୁ ମୁକ୍ତି ପିଟିସନକୁ ଖାରଜ କରି ଦେଇଥିବା ଜଣାପଡ଼ିଛି।


**Change of Name (Minor)**

By virtue of an affidavit before the executive magistrate, Gop on dated 03.09.2026 I, Baban Charan Sahoo, S/o-Uchhab Sahoo permanent resident of At/PO:Ganeswarpur, PS: Gop, Dist: Puri, Odisha-752110 declare that I have changed my daughter's name from Swatalin Sahoo (Old name) to Srotalini Sahoo (New name). Henceforth she shall be known as Srotalini Sahoo D/o- Baban Charan Sahoo for all purposes.

**AFFIDAVIT**

By virtue of an affidavit sworn before Executive Magistrate Puri dated 21.11.2025 I Alok Behera, Address At. Chakrabartipatana, P.O. Gopinathpur, P.S. Puri sadar, Dist. Puri , Pin-752002 declare that I have changed my name from Tituna Behera to Alok Behera Henceforth, I shall be known as **Alok Behera** for all purpose.

Alok Behera

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Affidavit C.F.No. 127 on dated 25/08/2026, I **DHIRENDRA NAYAK**, S/o Raghunath Nayak resident of Village At.- Badamatha, Po-Baradanga, P.S: Mohakalapada, Dist: Kendrapada, Odisha, PIN: 754224, declare that I have changed my name from **PRAMOD NAYAK (Old Name)** to **DHIRENDRA NAYAK (New Name)**. Henceforth, I shall be known as **DHIRENDRA NAYAK** for all purposes.

Sd- **DHIRENDRA NAYAK**

**AFFIDAVIT**

I, B. K Palmal, S/o - Late Basudev Palmal, Resident of Vill - Balda, PO - Balda, PS - Padwa, Dist - Koraput, Pin - 764038, Odisha declared by this affidavit Enrl No. 338/99 (Serial No. 1017), Dated - 12/06/2026, that now onwards I shall be known as **Balakrushna Palmal** for all future purposes.

**LOST**

I, **Aditya Rajuka** hereby declare that the original money receipt issued by WESCO / TPWODL utility towards a security deposit of **Rs 16,57,367.94** (Rupees Sixteen Lakh Fifty Seven Thousand Three Hundred Sixty Seven and Ninty- Four Paisa only) in the name of **Radha Gopi Food Industries, Bisra** has been lost / misplaced. If the original receipt is found in the future the **Radha Gopi Food Industries** shall have no claim for refund of the said security deposit on the basis of the original receipt.

**Sd/- Aditya Rajuka**
**Partner, Radha Gopi Food Industries, Bisra**

**AFFIDAVIT**

I, Balbeer Singh Bens, aged about 57 years, S/o- Jeneral Singh Bains, resident of Ward No- 09, Khariar Road, Main Road, Jonk, Po- Khariar Road, Ps- Jonk, Dist- Nuapada, Odisha, PIN- 766104, do hereby declare by this affidavit No. 1888, dtd- 15/09/2026, that now onwards I shall be known as **BALBEER SINGH BAINS** for all future purposes.

**AFFIDAVIT**

I, Jhasketan Meher, aged about 45 years, S/o- Prahallad Meher, resident of Gohirapadar, Bangomunda, Po- Banganmura, Ps- Bangomunda, Dist- Balangir, Odisha, PIN- 767040, do hereby declare by this affidavit No.1889, dtd- 15/09/2026, that now onwards I shall be known as **JHASAKETAN MEHER** for all future purposes.

**AFFIDAVIT**

I, Mahammad Ashfaque, aged about 40 years, S/o- Abdul Rauf, resident of Ward No.2, Shanti Nagar, Padampur, Po- Rajborasamber, Ps- Padampur, Dist- Bargarh, Odisha, PIN- 768036, do hereby declare by this affidavit No. 1906, dtd- 15/09/2026, that now onwards I shall be known as **MUHAMMAD ASHFAQUE** for all future purposes.

**AFFIDAVIT**

I, Wokil Ahemad Khan residing at At-Sayadpur, Po/Ps-Binjharpur Dist-Jajpur, Pin-755004, Odisha declare that my wife Safiqun Nesa holding Indian Passport No:L7398111. In this passport my name was mentioned Wokil Ahmed Khan instead of Wokil Ahemad Khan. I have corrected my name to Wokil Ahemad Khan vide affidavit SL No- 472 Dt-15.09.2026 for all future purposes.

Wokil Ahemad Khan

ସକାଳ THE SAKALA



www.sakalaepaper.com

### ନୂଆଁଖାଇରେ ଉତ୍ସବମୁଖର ପାଇକମାଳ ଓ ମାଣ୍ଡୋସିଲ

# ଘରେ ଘରେ ନବାନ୍ନ ଭକ୍ଷଣ, ଭେଟଘାଟ୍

ପାଇକମାଳ, ୧୬।୯ (ସମିସ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ନେଇ ଆଜି ପାଇକମାଳ ବ୍ଲକର ଗାଁଠୁ ସହର ପର୍ଯ୍ୟନ୍ତ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ନୂଆ ଧାନରୁ ପ୍ରସ୍ତୁତ ନବାନ୍ନକୁ ଇଷ୍ଟଦେବତାଙ୍କଠାରେ ଅର୍ପଣ କରିବା ପରେ ପରିବାରବର୍ଗ ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ନୂଆ ପୋଷାକ ପିନ୍ଧି ପରସ୍ପରକୁ 'ନୂଆଁଖାଇ ଜୁହାର' ଜଣାଇବା ସହ ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ନେଇଥିଲେ। ନୂଆଁଖାଇ ପାଇଁ ପାଇକମାଳ, ମାଣ୍ଡୋସିଲ, ନୃସିଂହନାଥ ସମେତ ବିଭିନ୍ନ ଅଞ୍ଚଳରେ କିଛିଦିନ ଧରି ପ୍ରସ୍ତୁତି ଚାଲିଥିଲା। ଦୂରଦୂରାନ୍ତରେ ରହୁଥିବା ପରିବାରର ସଦସ୍ୟମାନେ ଗାଁକୁ ଫେରିଥିଲେ। ସକାଳୁ ଘରେ ଘରେ ପୂଜାର୍ଚ୍ଚନା ସହ ନୂଆ ଅନ୍ନ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହିଳାମାନେ ବିଭିନ୍ନ ପିଠାପଣା ଓ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ନବାନ୍ନ ଭକ୍ଷଣ କରିବା ପରେ ନିକଟ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଘରକୁ ଯାଇ ଜୁହାର ଭେଟ ହୋଇଥିଲେ। ମାଣ୍ଡୋସିଲ ଅଞ୍ଚଳରେ ମଧ ନୂଆଁଖାଇକୁ ନେଇ ବିଶେଷ ଉତ୍ସାହ ଦେଖାଯାଇଥିଲା। ଗ୍ରାମାଞ୍ଚଳରେ ପାରମ୍ପରିକ ରୀତିନୀତିରେ ନବାନ୍ନ ପ୍ରସ୍ତୁତ କରାଯାଇଥିବାବେଳେ ଯୁବପିଢ଼ି ମଧ ନିଜ ପରମ୍ପରାକୁ ନେଇ ଉତ୍ସାହିତ ଥିଲେ। ନୂଆଁଖାଇ କେବଳ ନୂଆ ଅନ୍ନ ଖାଇବାର ପର୍ବ ନୁହେଁ; ଏହା ମାଟି, ଚାଷୀ ଓ କୃଷି ପରମ୍ପରା ପ୍ରତି ସମ୍ମାନ ଜଣାଇବାର ଅବସର। ଚାଷୀଙ୍କ କଠିନ ପରିଶ୍ରମରେ ଉତ୍ପାଦିତ ନୂଆ ଧାନକୁ ପ୍ରଥମେ ଇଷ୍ଟଦେବତାଙ୍କୁ ଅର୍ପଣ କରି ପରେ ଗ୍ରହଣ କରିବାର ପରମ୍ପରା ଏହି ପର୍ବର ମହତ୍ତ୍ୱକୁ ପ୍ରକାଶ କରେ।

### ସେମାନେ କୁହନ୍ତି....



'ପବିତ୍ର ନୂଆଁଖାଇ ପର୍ବ ଅବସରରେ ସମସ୍ତଙ୍କୁ ନୂଆଁଖାଇ ଜୁହାର। ଆଜି ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ନବାନ୍ନ ପର୍ବ ଶ୍ରଦ୍ଧା ଓ ଭକ୍ତି ଭାବରେ ପାଳିତ ହୋଇଥିଲା। ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।'

**ପୁରୁଷୋତ୍ତମ ପ୍ରଧାନ, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ**



ଗଣପର୍ବ ନୂଆଁଖାଇ ସମସ୍ତ ଅଞ୍ଚଳବାସୀଙ୍କୁ ନୂଆଁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର। ପୂର୍ବବର୍ଷ ଭଳି ଏଭଳି ନୂଆଁଖାଇ ପର୍ବ ଜମିଛି ଓ ଲୋକଙ୍କ ପାଳନ୍ ପ୍ରତି ଉତ୍ସାହ ଦେଖିବାକୁ ମିଳିଛି। ଗାଁ ଗାଁରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି।

**ମହେନ୍ଦ୍ର ଖୁଣ୍ଟିଆ, ସମାଜସେବୀ**



'ପବିତ୍ର ନୂଆଁଖାଇ ଅବସରରେ ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ପର୍ବ ଏକ ଭାଇଚାରାର ପର୍ବ। ଗାଁ ଠାରୁ ସହର ଏହି ପର୍ବ ଦିନେ ଉତ୍ସବ ମୁଖର ହୋଇଉଠେ। ଲୋକେ ପରସ୍ପର ନୂଆଁଖାଇ ଶୁଭେଚ୍ଛା ଜଣାଇ ଅଭିବାଦନ ଜଣାଇଥାନ୍ତି।'

**ଭୋଜରାଜ ବୁଡେକ, କବି ତଥା ଲେଖକ**



'ନୂଆଁଖାଇ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ପର୍ବ ଗାଁଠାରୁ ସହର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଚାରିଆଡ଼େ ମହକି ଉଠେ। ଏବର୍ଷ ପାଣିପାଗ ଅନୁକୂଳ ଥିବାରୁ ନୂଆଁଖାଇ ଓ କାର୍ଯ୍ୟକ୍ରମ ବେଶ୍ ଜମିଛି।'

**ଗୌତମ ସିଂ, ସମାଜସେବୀ**

## ନୃସିଂହନାଥରେ ନବାନ୍ନ ଖାଇଲେ ହଜାରରୁ ଊର୍ଦ୍ଧ୍ୱ



**ପାଇକମାଳ, ୧୬।୯ (ସମିସ):** ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ପୀଠରେ ମଙ୍ଗଳବାର ପବିତ୍ର ନବାନ୍ନ ପର୍ବ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଛି। ମହାପ୍ରଭୁ ମାର୍ଜାରକେଶରୀଙ୍କ ନିକଟରେ ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁସାରେ ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇଥିଲା। ପ୍ରଥମେ ମହାପ୍ରଭୁଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ ପରେ ମନ୍ଦିର ସେବାୟତ ଓ ପୂଜକଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ପାର୍ଶ୍ୱ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯାଇ ବିଶେଷ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ମହାପ୍ରଭୁ ଓ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ନବାନ୍ନ ଭୋଗ ଅର୍ପଣ କରାଯାଇଥିଲା। ନୀତିକାନ୍ତି ପରେ ମନ୍ଦିର ପରିସରକୁ ଗୋ'ମାତାଙ୍କୁ ଅଣାଯାଇ ପୂଜାର୍ଚ୍ଚନା କରାଯିବା ସହ ନବାନ୍ନ ପ୍ରସାଦ ଭୋଜନ କରାଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧ଟାରେ ନବାନ୍ନ ପ୍ରସାଦ ସେବନ ପାଇଁ ମନ୍ଦିର ପରିସରରେ ପ୍ରବଳ ଜନସମାଗମ ହୋଇଥିଲା। ଭୋଗମଣ୍ଡପରେ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ନବାନ୍ନ ପ୍ରସାଦ ସେବନ କରିଥିଲେ। ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ, ଶୃଙ୍ଖଳା ଓ ପ୍ରସାଦ ବଣ୍ଟନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏ ନେଇ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ମନ୍ଦିର ସେବାୟତ ସୁବୋଧ ପଣ୍ଡା, ଜେକି ସରାଫ, ସତ୍ୟ ପୁରୋହିତ, ପୂଜକ ସିଦ୍ଧାର୍ଥ ପୁରୋହିତ, ସୁଜ୍ଞାନ୍ତ ତ୍ରିପାଠୀ, ଆଜାଦ ମାଝୀ, ମନମିତ ପୁରୋହିତ, ଶୁଭମ ପୁଝାରୀଙ୍କ ସମେତ ଅନ୍ୟ ସେବାୟତମାନେ ପୂଜାକାର୍ଯ୍ୟ ଓ ପ୍ରସାଦ ବଣ୍ଟନରେ ସହଯୋଗ କରିଥିଲେ।

## ପାର୍ବତୀଗିରି ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ନୂଆଁଖାଇ



**ବରଗଡ଼, ୧୬।୯ (ସମିସ):** ବିଜେପୁର ବ୍ଲକ ସମଲାଇପଦର ଗ୍ରାମର 'ପାର୍ବତୀ ଗିରି ବୃଦ୍ଧାଶ୍ରମ'ରେ ନୂଆଁଖାଇ ପାଳିତ ହୋଇଯାଇଛି। ସମାଜସେବୀ ଗୀତା ମିଶ୍ରଙ୍କ ପ୍ରୟାସରେ ପୂର୍ବରୁ ଅନ୍ତେବାସୀମାନଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ନୂଆ ସାମଗ୍ରୀ ଓ ପନିପରିବାକୁ ଆଜି ସେମାନେ ବ୍ୟବହାର କରି ନୂଆଁଖାଇ ପର୍ବକୁ ବେଶ୍ ଉତ୍ସାହର ସହ ପାଳନ କରିଛନ୍ତି। ପୂର୍ବରୁ ସମାଜସେବୀଙ୍କ ଦ୍ୱାରା ସମ୍ବଲପୁରୀ ଶାଢ଼ି, ଧୋତି, ଗାମୁଛା, ଅରୁଆ ଚାଉଳ, ଡାଲି, ଘିଅ ଏବଂ ପନିପରିବାକୁ ଆଜିର ପର୍ବରେ ବ୍ୟବହାର କରାଯାଇଥିଲା। ଅନ୍ତେବାସୀମାନେ ନୂଆ ପୋଷାକ ପିନ୍ଧି ଏବଂ ସେହି ସାମଗ୍ରୀରେ ପ୍ରସ୍ତୁତ ପ୍ରସାଦ ତଥା ଖାଦ୍ୟ ଗ୍ରହଣ କରି ନୂଆଁଖାଇର ଆନନ୍ଦ ଉପଭୋଗ କରିଥିଲେ। ଆଶ୍ରମର ପରିଚାଳକ ଜଳନ୍ଧର ପଟେଲଙ୍କ ପରିଚାଳନାରେ ଏହି ଆୟୋଜନ ଅନ୍ତେବାସୀଙ୍କ ଜୀବନରେ ଏକ ନୂଆ ଖୁସି ଆଣିଦେଇଛି।

## ଡ. ଭୀମରାଓ ଆମ୍ବେଦକର ନଗରରେ ନୂଆଁଖାଇ ଭେଟ୍‌ଘାଟ୍



**ପଦ୍ମପୁର, ୧୬।୯ (ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ପୁଡ଼େରଖାର ଗ୍ରାମର ଡ. ଭୀମରାଓ ଆମ୍ବେଦକର ନଗରରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି କରାଯାଇ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରାଯାଇଥିଲା। ଏହାପରେ ପାରମ୍ପରିକ ରୀତି ଅନୁସାରେ ସମସ୍ତେ ଏକାଠି ହୋଇ ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ 'ନୂଆଁଖାଇ ଜୁହାର' ଭେଟ୍‌ଘାଟ୍ ମାଧ୍ୟମରେ ସ୍ନେହ, ଆଦର ଓ ଆନ୍ତରିକତାର ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମାରୋହରେ ମୁଖ୍ୟ ଅତିଥିଭାବେ କୃପାସିନ୍ଧୁ ମୁନା ଏବଂ ସମ୍ମାନିତ ଅତିଥି ଭାବେ ଭ୍ରମର ମୁନା ଓ ସମାଜସେବୀ ଜୟନ୍ତ ମହାନନ୍ଦ ଯୋଗଦେଇଥିଲେ। ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟାପକ ନିର୍ମଳ କୁମ୍ଭାର ମୁଖ୍ୟବକ୍ତା ରୂପେ ଯୋଗଦେଇ ନୂଆଁଖାଇର ଉତ୍ପତ୍ତି, ଐତିହାସିକ ପୃଷ୍ଠଭୂମି ତଥା ମାନବୀୟ ଏକତାର ବାର୍ତ୍ତା ଉପରେ ହୃଦୟସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରାଧାକାନ୍ତ କୁମ୍ଭାର ଓ ଭାସ୍କର ହରିପାଳ ସୁଚାରୁ ରୂପେ ମଞ୍ଚ ପରିଚାଳନା କରିଥିଲେ।

## ଥୁଆପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଗୃହ ଶିଳାନ୍ୟାସ



**ଥୁଆପାଲି, ୧୬।୯ (ସମିସ):** ଭେଡ଼େନ ବ୍ଲକ ଥୁଆପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ଗୃହ ଶିଳାନ୍ୟାସ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଖିରେସ୍ ରଣା ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସରୋଜ କୁମାର ମିଶ୍ର ଯୋଗଦେଇ ଶିଳାନ୍ୟାସ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିଶ୍ଚନ୍ଦ୍ର ବାରିକ, ସମ୍ପାଦକ ଅକ୍ଷୟ ପ୍ରଧାନ, ରଶ୍ମିରଞ୍ଜନ ପାଢ଼ୀ, ସୁରେନ୍ଦ୍ର କୁଦେଇ, ଯୁଗଳ ଭୋଇ ପ୍ରମୁଖଙ୍କ ସହ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଗଣେଶ ପୂଜାରେ ରକ୍ତଦାନ ଶିବିର



**ବରଗଡ଼, ୧୬।୯ (ସମିସ):** ପବିତ୍ର ଗଣେଶ ପୂଜା ଅବସରରେ ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ଗ୍ରାମ କଲ୍ୟାଣମଣ୍ଡପଠାରେ ତାଲମେଣ୍ଡା ଗ୍ରାମବାସୀ, ରଙ୍ଗା ଟିକ୍ରା, ହୀରା ଟିକ୍ରା, ବିନାୟକ ପୂଜା କମିଟି ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକମାନେ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରର ଶୁଭାରମ୍ଭ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଠାରୁ ମୋଟ ୩୪ ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିରକୁ କେଶବ ଚନ୍ଦ୍ର ସାହୁ, କମଳାକାନ୍ତ ସାହୁ, ପିଙ୍କୁ ବାରିକ, ରିକୁ ସାହୁ, ଦୀପକ ଶତପଥୀଙ୍କ ସହ ବିନାୟକ ପୂଜା କମିଟିର ଅନ୍ୟ ସଦସ୍ୟଙ୍କ ସହ ନିଷ୍ଠା ପରିବାର ସଦସ୍ୟମାନେ ପରିଚାଳନା କରିଥିଲେ। ସେହିପରି ସୋହେଲା ବ୍ଲକ ଅନ୍ତର୍ଗତ ଗ୍ରିଞ୍ଜାଲଠାରେ ଗୌରୀ ନନ୍ଦନ ପୂଜା କମିଟି ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରର ଶୁଭାରମ୍ଭ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୩୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉଭୟ ଶିବିରରୁ ସର୍ବମୋଟ ୬୪ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।









**ସମ୍ବଲପୁର ସହରର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଆକର୍ଷଣୀୟ ଗଣେଶ ପ୍ରତିମା**



## ନୂଆଁଖାଇ ଉପଲକ୍ଷେ ଫୁଟବଲ୍ ମ୍ୟାଚ୍: ବାହ୍ମଣୀପାଲି ଚାମ୍ପିଅନ୍



**ବରଗଡ଼, ୧୬।୯ (ସମିସ):** ବରଗଡ଼ ବ୍ଲକ ବରଗାଁଠାରେ ସ୍ଥାନୀୟ ଫୁଟ୍‌ବଲ୍ ଆସୋସିଏସନ୍ ଆନୁକୂଲ୍ୟରେ ନୂଆଁଖାଇ ଉପଲକ୍ଷେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବରଡୋଲ ଓ ବ୍ରାହ୍ମଣୀପାଲି ଫୁଟବଲ ଦଳ ମଧ୍ୟରେ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ୍‌ରେ ମ୍ୟାଚ୍ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୫-୪ରେ ବ୍ରାହ୍ମଣୀପାଲି ଚାମ୍ପିଅନ୍ ହୋଇଥିଲା।

ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଫୁଟବଲ ଆସୋସିଏସନ୍‌ର ଉଦ୍ୟମକୁ ସ୍ୱାଗତ କରିବା ସହ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

ସମ୍ମାନୀତ ଅତିଥି ଭାବେ ସ୍ୱର୍ଣ୍ଣପଦକ ବିଜେତା କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫୁଟବଲ ଆସୋସିଏସନ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପନିପରିବା ଓ ଛୋଟ ବେପାରୀଙ୍କୁ ଥଇଥାନ ଦାବି

ବରଗଡ଼, ୧୬।୯ (ସମିସ)



ଏବେ ବରଗଡ଼ରେ ଛୋଟ ବେପାରୀମାନେ ରାସ୍ତା କଡ଼ରେ ବେପାର କରି ପରିବାର ପୋଷିବା ଏବଂ ତତ୍-ଜନିତ ଟ୍ରାଫିକ ସମସ୍ୟା ଆଲୋଚ୍ୟର ବିଷୟ ହୋଇଛି। ପ୍ରଶାସନ ଲୋକଙ୍କ ସୁବିଧା ପାଇଁ ରାସ୍ତାରେ ଦୋକାନ ଖୋଲିବା ପାଇଁ ବାରଣ କରିବା ସହିତ ବେପାରୀମାନଙ୍କୁ ଆର୍‌ଏମ୍‌ସି ପଡ଼ିଆକୁ ସ୍ଥାନାନ୍ତରିତ କରିଛନ୍ତି। ଉକ୍ତ ସ୍ଥାନ ଦୂର ହେଉଥିବାରୁ ବେପାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ, ଉଭୟ ପକ୍ଷକୁ ସୁହାଇଲା ଭଳି ଗୋଟିଏ ଉପାୟ ଅଛି। ପ୍ରକୃତରେ ବରଗଡ଼ର ଜନସଂଖ୍ୟା ଦ୍ରୁତହାରରେ ବୃଦ୍ଧି ପାଉଥିବାରୁ କୌଣସି ରାସ୍ତାରେ ବଜାର ବସାଇବା ଉଚିତ ନୁହେଁ। ଏପରିକି ଥାନା ଛକରୁ ଲେଙ୍ଗୁମିଶ୍ର ଛକ ପର୍ଯ୍ୟନ୍ତ ରାସ୍ତା ମଧ ସେ ଦୃଷ୍ଟିରୁ ଖାଲି ହେବା କଥା। ସହର ମଧ୍ୟରେ ଖୋଲାଜାଗା କହିଲେ କେବଳ ଜର୍ଜ ହାଇସ୍କୁଲ ପଡ଼ିଆ, ନିଶାମଣି ପଡ଼ିଆ ଓ ଜେଲଖାନା ପଡ଼ିଆ। କିନ୍ତୁ, ପଡ଼ିଆଗୁଡ଼ିକ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି। ତେଣୁ, ତାହାର ଆଂଶିକ ଉପଯୋଗ କରାଯାଇପାରିବ।

ଜର୍ଜ ହାଇସ୍କୁଲ ପଡ଼ିଆର ଉତ୍ତର ଦିଗରେ ଥିବା ଅଞ୍ଚଳ ଅବ୍ୟବହୃତ ହୋଇ ରହିଛି। ତେଣୁ, ସେଠାରେ ଉକ୍ତ ଅଂଶକୁ ଚିହ୍ନିତ କରି ସେଠାରେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଦୋକାନ ଖୋଲିବାକୁ ଅନୁମତି ଦେଲେ ସମସ୍ତେ ଉପକୃତ ହୁଅନ୍ତେ। କିନ୍ତୁ, ମ୍ୟୁନିସିପାଲଟି ସେମାନଙ୍କ ଠାରୁ କିଛି କର ଆଦାୟ କରିବା ସହ ପ୍ରତିଦିନ ଉକ୍ତ ଅଞ୍ଚଳକୁ ସ୍ୱଚ୍ଛ ରଖିବାକୁ ନିଶ୍ଚିତ କରିବା ଉଚିତ। ତେବେ, ଗୋଟିଏ ପଡ଼ିଆରେ ସମସ୍ତ ବେପାରୀମାନଙ୍କୁ ଅନୁମତି ନ ଦେଇ ସମସ୍ତ ଉପଲବ୍ଧ ପଡ଼ିଆରେ ନିର୍ଦ୍ଦିଷ୍ଟ ସଂଖ୍ୟକ ବେପାରୀଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦେଲେ ଭିଡ ଭାଗ ହୋଇଯିବ। ସେହିପରି, ନିଶାମଣି ପଡ଼ିଆ ଓ ଜେଲଖାନା ପଡ଼ିଆର ଏକ ନିର୍ଦ୍ଦିଷ୍ଟ ପାର୍ଶ୍ୱରେ ଚିହ୍ନିତ ଲାଇନ୍ ଭିତରେ ନିର୍ଦ୍ଦିଷ୍ଟ ସମୟ ପାଇଁ ବେପାର କରିବାକୁ ଅନୁମତି ଦେଲେ ଛୋଟିଆ ବ୍ୟବସାୟୀମାନେ ମଧ ଉପକୃତ ହେବେ। ତେବେ ଏଥିପାଇଁ ସମ୍ପୃକ୍ତ ଶିକ୍ଷା/ଜେଲ ବିଭାଗ, ପ୍ରଶାସନ ଓ ପୌରପରିଷଦ ମିଳିତ ଭାବରେ ବିଚାର କରି ନିଷ୍ପତ୍ତି ନେଇ ଏହାକୁ କାର୍ଯ୍ୟକାରୀ କଲେ ସମଗ୍ର ବରଗଡ଼ବାସୀଙ୍କ ହିତ ହେବ। ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ସମ୍ପୂର୍ଣ୍ଣ ଖାଲି କରାଗଲେ ସହରରେ ଟ୍ରାଫିକ ସମସ୍ୟା ମଧ ଆଉ ଦେଖାଦେବନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଭିନ୍ନ ସ୍ଥାନରେ ନୂଆଁଖାଇ ପାଳିତ

# କ୍ଷୀରି, ପୁରୀ, ପିଠାରେ ମହକିଲା ଗାଁଠୁ ସହର





କେସିଙ୍ଗା, ୧୫।୯ (ସମିସ)

ପଶ୍ଚିମ ଓଡ଼ିଶାର ପ୍ରମୁଖ ଗଣପର୍ବ ନୂଆଁଖାଇ ମହା ଆଡ଼ମ୍ବର ସହକାରେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଅଞ୍ଚଳରେ ପାଳିତ ହୋଇ ଯାଇଛି। ମାଁ ସମଲେଶ୍ୱରୀ, ପାଟଣେଶ୍ୱରି ଓ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରେ ଧାର୍ଯ୍ୟଲଗ୍ନ ଅନୁଯାୟୀ ନୂଆଁଖାଇ ପାଳନ କରିଥିଲେ। ଏହି ଅବସରରେ ଖିରି, ପୁରୀ, ପୀଠାରେ ମହକୁଛି ଗାଆଁଠୁ ସହର। ସନ୍ଧ୍ୟାରେ ଅନେକ ଗ୍ରାମରେ ନୂଆଁଖାଇ ଭେଟଘାଟ, ଜୁହାର କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଥିଲା ଗାଁ ଦାଣ୍ଡ।

**କୋମନା :** ନୂଆପଡ଼ା ଜିଲ୍ଲାର ମାଟିରେ ଏବେ ବିଛାଡ଼ି ହୋଇପଡ଼ିଛି କୃଷିଭିତ୍ତିକ ଗଣପରବ 'ନୂଆଖାଇ'ର ସ୍ମୃତି ଓ ମହକ। ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ଏହି ଗଣପରବକୁ ନେଇ ସମଗ୍ର ଜିଲ୍ଲାରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ଘରେ ଘରେ ନବାନ୍ନ ଭକ୍ଷଣ, ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା ଏବଂ ବଡ଼ମାନଙ୍କୁ ଆଶୀର୍ବାଦ ନେବାପରେ ଏବେ ଶେଷ ହୋଇଛି ଏହି ମହାନପର୍ବ। କୋମନା ଅଞ୍ଚଳ ସମେତ ସମଗ୍ର ନୂଆପଡ଼ା ଜିଲ୍ଲାରେ ଲୋକେ ବେଶ୍ ଉତ୍ସାହର ସହ ନୂଆଖାଇ ପାଳନ କରିଛନ୍ତି। ନୂଆ ଧାନର ପ୍ରଥମ ଭୋଗ ମା' ସମଲେଶ୍ୱରୀ ଓ ଆଞ୍ଚଳିକ ଦେବାଦେବୀଙ୍କ ନିକଟରେ ଲାଗିହେବା ପରେ ପରିବାର ସମସ୍ତେ ଏକାଠି ବସି ନବାନ୍ନଭୋଜନ କରିଛନ୍ତି। କୁଆଁରୀଠୁ ଆରମ୍ଭ କରି ବୃଦ୍ଧବୃଦ୍ଧାସମସ୍ତଙ୍କ ମୁହଁରେ ଥିଲା ହସ ଏବଂ ପାରମ୍ପରିକ ପୋଷାକର ଝଲକ। ଏହି ପର୍ବ କେବଳ ଖାଦ୍ୟ କିମ୍ବା ପୋଷାକର ନୁହେଁ, ବରଂ ଭୁଲ୍-ଭଟକା ଭୁଲି ପରସ୍ପରକୁ ଆଲିଙ୍ଗନ କରିବାର ଏବଂ ଭାଇଚାରାର ବାର୍ତ୍ତା ବାଣ୍ଟିବାର ପର୍ବ ଅଟେ। ନୂଆଖାଇର ଏହି ମଧୁର କ୍ଷଣଗୁଡ଼ିକ ସମସ୍ତଙ୍କ ମନରେ ନୂଆ ଉତ୍ସାହ ଓ ପ୍ରେରଣା ଭରି ଦେଇଛି।




**ମ.ରାମପୁର :** ମ.ରାମପୁର ବ୍ଲକ ଅଞ୍ଚଳରେ ନୂଆଖାଇ ତିହାର ଆନନ୍ଦ ଏବଂ ହର୍ଷ ଉଲ୍ଲାସରେ ପାଳିତ ହୋଇଛି। ଗାଁ ଧରଣୀ ପୀଠ, ଗାଁ ଇଷ୍ଟ ଦେବା ଦେବୀ, ଡଙ୍ଗର ବୁଢ଼ାରେ ପ୍ରଥମେ ଗାଁ ଦିଆରୀ, ପୁଝାରୀ ନୂଆ ଧାନରେ ପ୍ରସ୍ତୁତ ଭୋଗକୁ ଅର୍ପଣ କରିବାପରେ ନିଜ ନିଜ ଘରେ ନବାନ୍ନ ଖାଇଥିଲେ। ଅଏଁଲାପାଲି ଗ୍ରାମର ଡୁଙ୍ଗୁରି ସାନଜମା ସାହୁ ପରିବାର ୧୦୦ରୁ ଅଧିକ ସଦସ୍ୟ ସାମୂହିକ ନୂଆଖାଇ ପାଳନ କରିଥିଲେ। ୧୫ ବର୍ଷ ହେଲା ସେମାନେ ସାମୂହିକ ନୂଆଖାଇ ତିହାର ପାଳନ କରି ଆସୁଛନ୍ତି। ସେହିପରି ବାଙ୍କେଲ ଗ୍ରାମବାସୀ ମଧ ଦୀର୍ଘ ୧୫ ବର୍ଷରୁ ଅଧିକ ହେଲା ସାମୂହିକ ନୂଆଖାଇ ପାଳନ କରି ଆସୁଛନ୍ତି। ମାଣିକେରା ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଏକାଠି ନୂଆଖାଇ ଥିଲେ। ନୂଆ ଖାଇଲା ପରେ କନିଷ୍ଠମାନେ ଗୁରୁଜନ ମାନଙ୍କୁ ମୁଣ୍ଡିଆ ମାରିଥିଲେ। ପରସ୍ପର ମଧ୍ୟରେ ନୂଆଖାଇ ଜୁହାର ଆଦାନ ପ୍ରଦାନ ହେବାର ଦୃଶ୍ୟ ସମାଜକୁ ଏକ ମହାନ ଭାଇଚାରା ବାର୍ତ୍ତା ଦେଉଥିଲା।

### ବଡ଼ଙ୍କ ପାଦଛୁଇଁ ଆଶୀର୍ବାଦ ନେଲେ ସାନ

**ଜୁନାଗଡ଼:** ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ ନୂଆଁଖାଇ ଆଜି କଳାହାଣ୍ଡି ଜିଲ୍ଲାରେ ଅତ୍ୟନ୍ତ ଆନନ୍ଦ ଉତ୍ସାହ ଓ ପରମ୍ପରା ମଧ୍ୟରେ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ଗାଁଠାରୁ ସହର ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଶୁଭଲଗ୍ନ ଅନୁସାରେ ଆଜି ପୂର୍ବାହ୍ନ ୯ଟା ୪୯ ମିନିଟ୍‌ରୁ ୧୦ଟା ୩ ମିନିଟ୍ ମଧ୍ୟରେ ଜୁନାଗଡ଼ ସ୍ଥିତ ପ୍ରସିଦ୍ଧ ଦଧିବାମନ ମନ୍ଦିରରେ ନବାନ୍ନ ଭୋଗ ଅର୍ପଣ କରାଯାଇଥିଲା। ପ୍ରଭୁ ଦଧିବାମନଙ୍କଠାରେ ନବାନ୍ନ ଲାଗି ହେବା ଅଞ୍ଚଳର ଶ୍ରଦ୍ଧାଳୁମାନେ ଆନନ୍ଦର ସହ ନବାନ୍ନ ଗ୍ରହଣ କରିଥିଲେ। ଘରେଘରେ ଶ୍ରଦ୍ଧାଳୁମାନେ ପିଠାପଣା, ଖିରି, ପୁରୀ ଆଦି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ନିଜ ନିଜର ଇଷ୍ଟଦେବୀଙ୍କଠାରେ ଲାଗି କରିବା ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ। ନବାନ୍ନ ଭକ୍ଷଣ ପରେ ଅଞ୍ଚଳରେ ନୂଆଁଖାଇ ଜୁହାର ଓ ଭେଟଘାଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବୈଚାରିକ ଏକତା, ଭାଇଚାରା ଓ ସୌହାରାଦ୍ଧ ବଜାୟ ରଖିବା ଉଦ୍ଦେଶ୍ୟରେ ଛୋଟମାନେ ବଡ଼ଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିବା ବେଳେ ବଡ଼ମାନେ ସେମାନଙ୍କୁ ସ୍ନେହ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହି ଗଣପର୍ବ ଅଞ୍ଚଳରେ ପାରମ୍ପରିକ ଏକତା ଓ ସଂସ୍କୃତିର ମହାନତାକୁ ଆଉଥରେ ପ୍ରମାଣିତ କରିଛି।

**ଭବାନୀପାଟଣା:** ପ୍ରାଚୀନ ପରମ୍ପରା ଅନୁକ୍ରମେ ନୂଆଖାଇ ପାଳନ କରିଛନ୍ତି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢୀପଦରର ଧଙ୍ଗଡ଼ାମାଝୀ (କରୁଆଁ ଯାଦବ) ପରିବାର। କେଉଁ ଏକ ସ୍ମରଣାତିତ କାଳରୁ ସିଂହ ରାଶିରେ ସୂର୍ଯ୍ୟ ବଳବାନ ଥିବା ଭାଦ୍ରବ ମାସ ଶୁକ୍ଳପକ୍ଷର କୌଣସି ଏକ ତିଥିରେ ନବାନ୍ନ ଭକ୍ଷଣ କରି ଆସୁଥିଲେ ଏହି ପରିବାର। ତେବେ ଗତ କିଛିବର୍ଷ ହେଲା ଭାଦ୍ର ଶୁକ୍ଳ ପଞ୍ଚମୀରେ ହିଁ ନୂଆଖାଇ ପାଳିତ ହେଉଛି। ବଂଶ ପରମ୍ପରା ଅନୁକ୍ରମେ ଆବର୍ତ୍ତ ବିଧିରେ ନବାନ୍ନ ବିଧାନ ସମ୍ପାଦିତ ହୋଇଥିଲା। ଚତୁର୍ଥୀ ରାତିରେ ପିଦରଠାରେ ଇଷ୍ଟଦେବାଦେବୀ ଓ ପିତୃପୁରୁଷଙ୍କୁ ନବାନ୍ନ ପାଇଁ ଆମନ୍ତ୍ରଣ କରା ଯାଇଥିଲା। ପଞ୍ଚମୀ ଦିନ ସକାଳୁ ଘରେ ଧାନରୁ ଚୁରା କୁଣ୍ଡା ପ୍ରସ୍ତୁତ କରାଯିବା ସହ ନବାନ୍ନ ପ୍ରସ୍ତୁତ କରାଯାଇଥିଲା। ପିଦରରେ ନବାନ୍ନ ସମର୍ପଣ କଲା ପରେ ମଧ୍ୟାହ୍ନ ସମୟରେ ପରିବାରର ୫୦ ଜଣ ସଦସ୍ୟ ଏକାଠି ବସି ନୂଆ ଖାଇଥିଲେ। ନୂଆ ଖାଇବା ପରେ ଜୁହାର ଭେଟ ହୋଇଥିଲା। ଏହାପରେ ଘରର ଛୋଟ ଛୋଟ ଶିଶୁମାନଙ୍କୁ ଗୋରସରେ ପାଦ ଧୋଇଦେବା ସହ ବନ୍ଦାପନା କରା ଯାଇଥିଲା। ପରିବାରର ବୟୋଜ୍ୟେଷ୍ଠ ଜଗନ୍ନାଥ ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଧି ପୂର୍ବ ପରମ୍ପରା ଅନୁକ୍ରମେ ପାଳିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୁଢୀପଦର ଧଙ୍ଗଡ଼ାମାଝୀ କରୁଆଁ ପରିବାରର ବିସ୍ତୃତ ଐତିହାସିକ ପୃଷ୍ଠଭୂମି ରହିଛି। ଐତିହାସିକ ତଥ୍ୟ ଅନୁସାରେ କଳିଙ୍ଗ ଯୁଦ୍ଧରେ ଯୋଗଦେବାକୁ ଏମାନେ ମଗଧରୁ କଳିଙ୍ଗକୁ ଆସିଥିଲେ। କଳିଙ୍ଗ ଯୁଦ୍ଧ ପରେ ଶାନ୍ତି ପ୍ରତିଷ୍ଠା ହେଲା ଏବଂ ଏହି ଗୋଷ୍ଠୀ ଆଟବିକ ରାଜ୍ୟକୁ ଆସି ବସତି ସ୍ଥାପନ କରି ରହି ଆସୁଛନ୍ତି। ଏକ ଯୋଦ୍ଧା ଗୋଷ୍ଠୀର ସ୍ୱାକ୍ଷର ବହନ କରୁଥିବା କରୁଆଁମାନେ ପରବର୍ତ୍ତୀ ସମୟରେ କୃଷିଜୀବୀ ସମୁଦାୟରେ ପରିବର୍ତ୍ତିତ ହୋଇଛନ୍ତି। ତେଣୁ ସେମାନେ ପ୍ରାଚୀନ ଭାରତୀୟ କୃଷି ସଭ୍ୟତାର ଆଦ୍ୟ ପାର୍ବଣ ନୂଆଖାଇକୁ ସମ୍ମାନର ସହ ପାଳନ କରିଥାନ୍ତି।

## କର୍ଲାପାଟ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ନେଇ ତୀବ୍ର ଅସନ୍ତୋଷ

**ଥୁଆମୂଳ ରାମପୁର, ୧୫।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ କର୍ଲାପାଟ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବାନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘସମୟ ଧରି ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବାସହ ବିନା ସୂଚନାରେ ବିଦ୍ୟୁତକାଟ୍ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କର୍ଲାପାଟ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ଅଞ୍ଚଳକୁ ଥୁଆମୂଳ ରାମପୁର ବିଦ୍ୟୁତ ସବ୍‌ଷ୍ଟେସନରୁ ବିଦ୍ୟୁତ ଯୋଗାଣ କରାଯାଉଛି। କର୍ଲାପାଟ ସମେତ ବଡ଼ଟିକ୍ରାଗୁଡ଼ା, ସଲପାଙ୍ଗ, ଜିଲାଗାଁ, ଭେଟିଗୁଡ଼ା, ଅମଠାଗୁଡ଼ା, କୁଆଙ୍ଗ, ପେରମଞ୍ଜି, କୁକୁରଭୁର୍ସି, ପୁରୁଣାଗୁମା ଓ ସେମେଲପଦର ଭଳି ଅନେକ ଗାଁ ଏହି ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ସାମାନ୍ୟ ପବନ କିମ୍ବା ଗଛର ପତ୍ର ହଲିଲେ ମଧ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଏ। ଅନେକ ସମୟରେ ବିନା କୌଣସି ପୂର୍ବ ସୂଚନାରେ ବିଦ୍ୟୁତ କାଟ୍ ହେଉଥିବାରୁ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ସନ୍ଧ୍ୟା ସମୟରେ ବିଦ୍ୟୁତ ଚାଲିଗଲେ ଜନବସତି ଅନ୍ଧାରରେ ବୁଡ଼ିଯାଉଛି। କର୍ଲାପାଟ ଅଭୟାରଣ୍ୟ ଅଞ୍ଚଳ ହୋଇଥିବାରୁ ରାତିରେ ବିଭିନ୍ନ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ନେଇ ଲୋକଙ୍କ ମଧ୍ୟରେ ଭୟ ରହୁଛି। ବିଦ୍ୟୁତ ବିଭ୍ରାଟର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ମଧ ପଡୁଛି। ରାତି ସମୟରେ ବିଜୁଳି ନଥିବାରୁ ପିଲାମାନେ ନିୟମିତ ପାଠ ପଢ଼ିପାରୁନାହାନ୍ତି। ଏହା ସହ ମୋବାଇଲ ଫୋନ୍ ଚାର୍ଜ କରିବା ମଧ ଅଞ୍ଚଳବାସୀଙ୍କ ପାଇଁ ଏକ ସମସ୍ୟା ହୋଇପଡୁଛି। ଜରୁରୀ ସମୟରେ ମୋବାଇଲ ଯୋଗାଯୋଗ ବାଧାପ୍ରାପ୍ତ ହେବାର ଆଶଙ୍କା ମଧ ରହୁଛି। ଏହି ସମସ୍ୟାର ସମାଧାନ ପାଇଁ ପରେ କେବୁଲ ମାଧ୍ୟମରେ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯାଇଥିଲେ ମଧ ବିଦ୍ୟୁତ ବିଭ୍ରାଟରେ ବିଶେଷ ସୁଧାର ହୋଇନଥିବା ଅଞ୍ଚଳବାସୀ କହିଛନ୍ତି। ଗ୍ରୀଡ୍ ଷ୍ଟେସନକୁ ଶୀଘ୍ର କାର୍ଯକ୍ଷମ କରି ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଇଦେବାକୁ ଦାବି ହୋଇଛି।

## ଶ୍ମଶାନ ସୁରକ୍ଷା ସମିତି ପକ୍ଷରୁ ଚାରାରୋପଣ




**ଭବାନୀପାଟଣା, ୧୫।୯ (ସମିସ):** ଭବାନୀପାଟଣା ସହର ଅଧୀନ ପୁରୁଣାପଡ଼ା ଶ୍ମଶାନଠାରେ ସ୍ମଶାନ ସୁରକ୍ଷା ସମିତି ପକ୍ଷରୁ ୨୫ତମ ସପ୍ତାହ ତଥା ରୌପ୍ୟ ସପ୍ତାହ ସଫେଇ କାର୍ଯ୍ୟକ୍ରମ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଇଂ ନିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଏହି ଉତ୍ସବରେ କଳାହାଣ୍ଡି ଉତ୍ତର ବନଖଣ୍ଡ ସହକାରୀ ବନ ସଂରକ୍ଷକ ଲିଲି ଅମାନତ୍ୟ, ମୁଖ୍ୟ ଅତିଥି, ପୁରୁଣା ପଡ଼ା ମନ୍ଦିର ସମୂହ ସଭାପତି ଇନ୍ଦ୍ରଜିତ ମହାଖୁଡ଼ ମୁଖ୍ୟବକ୍ତା, ପରିବେଶ ତଥା ପ୍ରକୃତିବନ୍ଧୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପୁରସ୍କୃତ ପ୍ରାପ୍ତ ଶିକ୍ଷାବିତ ରବୀନ୍ଦ୍ର ପଟ୍ଟନାୟକ, କାଉନସିଲର ମହେନ୍ଦ୍ର ରାଉତ, ସଂଯୁକ୍ତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ମଶାନ ପ୍ରତି ବଦାନ୍ୟତା କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସନ୍ତୋଷ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମ୍ରପାଣି ପରିଛା ବିବରଣୀ ପଠନ କରିଥିଲେ। ଲକ୍ଷ୍ମୀକାନ୍ତ ପଣ୍ଡା ମଞ୍ଚ ପରିଚାଳନା, ଦୁଃଖିଶ୍ୟାମ ପ୍ରଧାନ ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ସମିତିର ସମସ୍ତ ସଦସ୍ୟ, ଭୋଇଗୁଡ଼ା ସିଭିଲ ସୋସାଇଟି ସହଯୋଗ କରିଥିଲେ। ସୀତାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନିଂ ପରେ ଫେରିଲେ ବିଏସ୍‌ଏଫ୍ ଯବାନ; ଗାଁରେ ଭବ୍ୟ ସ୍ୱାଗତ

**ଥୁଆମୂଳ ରାମପୁର, ୧୫।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ସଦରମହକୁମା ଜଗନ୍ନାଥ କଲୋନୀ ପଡ଼ାର ଯୁବକ ତୁଷାରବାଗ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଯବାନ ଭାବେ ଯୋଗଦେଇ ଆବଶ୍ୟକୀୟ ତାଲିମ ସମାପ୍ତ କରି ନିଜ ଗାଁକୁ ଫେରିଛନ୍ତି। ତାଙ୍କ ଫେରିବା ଖବରପାଇ ଜଗନ୍ନାଥ କଲୋନୀରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା। ଗାଁରେ ପହଞ୍ଚିବା ପରେ ତୁଷାରଙ୍କ ସାଙ୍ଗସାଥୀ,



ବନ୍ଧୁ ଓ ସ୍ଥାନୀୟ ଯୁବକମାନେ ତାଙ୍କୁ ଭବ୍ୟସ୍ୱାଗତ କରିଥିଲେ। ସୀମାସୁରକ୍ଷା ବଳରେ ଯୋଗଦେଇ ଦେଶ ସେବାରେ ନିଜକୁ ନିୟୋଜିତ କରିଥିବା ତୁଷାରଙ୍କ ସଫଳତାକୁ ନେଇ ପଡ଼ାବାସୀ ଗର୍ବିତ ହୋଇଛନ୍ତି। ତାଙ୍କ ଏହି ସଫଳତା ଅଞ୍ଚଳର ଅନ୍ୟ ଯୁବକମାନଙ୍କୁ ମଧ ଦେଶ ସେବା ପାଇଁ ପ୍ରେରଣା ଯୋଗାଇବ ବୋଲି ସ୍ଥାନୀୟଲୋକେ କହିଛନ୍ତି।

## ଲାଲବାଗ୍‌ଚା ରାଜା ଶୈଳୀରେ ଗଣେଶ ମୂର୍ତ୍ତି

ଜୁନାଗଡ଼, ୧୫।୯ (ସମିସ)

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏନ୍‌ଏସି. ଅଧୀନ ବଜାରପଡ଼ା ୱାର୍ଡ ନଂ. ୨ରେ ମଙ୍ଗଳମୂର୍ତ୍ତି କମିଟି ପକ୍ଷରୁ ବିଘ୍ନବିନାଶକଙ୍କ ପୂଜନୋତ୍ସବ ପାଳିତ ହେଉଛି। ଚଳିତ ବର୍ଷ ପୂଜାର ସବୁଠାରୁ ବଡ଼ ଆକର୍ଷଣ ପାଲଟିଛି ମୁମ୍ବାଇର ପ୍ରସିଦ୍ଧ 'ଲାଲବାଗଚା ରାଜା' ଶୈଳୀରେ ନିର୍ମିତ ଶ୍ରୀଗଣେଶଙ୍କ ମନୋମୁଗ୍ଧକର ପ୍ରତିମୂର୍ତ୍ତି। ଭବ୍ୟ ରୂପରେ ସଜ୍ଜିତ ଏହି ପ୍ରତିମୂର୍ତ୍ତି ଶ୍ରଦ୍ଧାଳୁଙ୍କ ମନ ମୋହିଥିବା ବେଳେ ଦର୍ଶନ ପାଇଁ ପ୍ରତିଦିନ ମଣ୍ଡପରେ ଭକ୍ତଙ୍କ ଭିଡ଼ ଜମୁଛି। ସବୁବର୍ଷ ପରି ଚଳିତ ବର୍ଷ ମଧ ମଙ୍ଗଳ ମୂର୍ତ୍ତି କମିଟିର ସ୍ଥାନୀୟ ଯୁବକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେଉଛି। ଯୁବକମାନଙ୍କ ସକ୍ରିୟ ଭୂମିକା ଓ ସାମୂହିକ ପ୍ରୟାସ ଯୋଗୁଁ ଚଳିତ ବର୍ଷର ଆୟୋଜନ ଅଧିକ ଆକର୍ଷଣୀୟ ହୋଇପାରିଛି। ଏହି ପୂଜାରେ ସ୍ଥାନୀୟ ପୂଜକ ମୁରଲୀ ତ୍ରିପାଠୀ ନିଜର ଧାର୍ମିକ ଜ୍ଞାନ ଓ ପାରମ୍ପରିକ ରୀତିନୀତି ଅନୁସାରେ



ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଇଥିଲେ। ଠାକୁରଙ୍କ ପୂଜାର କର୍ତ୍ତା ଭାବେ ଶିବା ବାଣୁଆ ଓ ତାଙ୍କ ପତ୍ନୀ ପୂଜାର ବିଧିବିଧାନରେ ଅଂଶଗ୍ରହଣ କରିଥିଲେ। ପୂଜା ପାଳନ ସମୟରେ କମିଟିର ସମସ୍ତ ସଦସ୍ୟ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ଶ୍ରୀଗଣେଶଙ୍କ ଆଶୀର୍ବାଦ ନେଇଥିଲେ। ଏଥିସହ ନିଜ ପରିବାର ଓ ସମାଜର ସୁଖ, ଶାନ୍ତି, ସମୃଦ୍ଧି ଏବଂ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ। ପୂଜା ପରିଚାଳନାରେ କମିଟିର ସଭାପତି ଚନ୍ଦ୍ରଶେଖର ବୈଠାରୁ, ଉପସଭାପତି ସ୍ୱାସ୍ତିଦୀପ ଆଦିତ୍ୟଙ୍କ ସମେତ ମଙ୍ଗଳ ମୂର୍ତ୍ତି କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। କେବଳ ଶ୍ରୀଗଣେଶଙ୍କ ମନୋମୁଗ୍ଧକର ପ୍ରତିମୂର୍ତ୍ତି ନୁହେଁ, ଭବ୍ୟ ପୂଜାମଣ୍ଡପ, ଆକର୍ଷଣୀୟ ସାଜସଜ୍ଜା ଓ ଚିତ୍ତାକର୍ଷକ ଆଲୋକମାଳା ମଧ ଚଳିତବର୍ଷର ପୂଜାର ଅନ୍ୟତମ ଆକର୍ଷଣ ପାଲଟିଛି। ସନ୍ଧ୍ୟା ହେଲେ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସି ଉଠୁଛି ପୂଜାମଣ୍ଡପ। ମଣ୍ଡପର ଏହି ଆକର୍ଷଣୀୟ ସାଜସଜ୍ଜା ସହ ଶ୍ରୀଗଣେଶଙ୍କ ଭବ୍ୟ ପ୍ରତିମୂର୍ତ୍ତି ଦର୍ଶନ ପାଇଁ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। ୯ ଦିନିଆ ଏହି ଗଣେଶ ପୂଜାକୁ ନେଇ ଜୁନାଗଡ଼ରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ସମାଗମ ମଙ୍ଗଳ ମୂର୍ତ୍ତି କମିଟିର ଆୟୋଜନକୁ ଆହୁରି ଭବ୍ୟ କରିଦେଇଛି। ଲାଲବାଗଚା ରାଜା ଶୈଳୀର ଏହି ଭବ୍ୟ ପ୍ରତିମୂର୍ତ୍ତି ଓ ଆକର୍ଷଣୀୟ ସାଜସଜ୍ଜା ଦେଖିବା ପାଇଁ ଜୁନାଗଡ଼ ସମେତ ଆଖପାଖ ଅଞ୍ଚଳରୁ ମଧ ଶ୍ରଦ୍ଧାଳୁଙ୍କ ଆଗମନ ଜାରି ରହିଛି।

## ଖୁଲମ୍‌ଖୋଲା ଚାଲିଛି ମଦ ଚୋରା ଚାଲାଣ; ଶୋଇଛି ଅବକାରୀ ବିଭାଗ

**ସିନାପାଲ, ୧୫।୯ (ସମିସ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ପୁରପଲ୍ଲୀ ସବୁଠି ଉତ୍ସାହ ଦେଖିବାକୁ ମିଳିଛି। ହେଲେ ନୂଆଁଖାଇକୁ ନେଇ ଯେତିକି ଉତ୍ସାହ ଦେଖା ଦେଇଛି ତାହାଠାରୁ ମଦ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ସିନାପାଲି ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳକୁ ଗାଡ଼ି ଭର୍ତ୍ତି ବିଦେଶୀ ମଦ ଚୋରା ଚାଲାଣ ହେଉଥିବାବେଳେ ପିକ୍‌ଅପ ଭର୍ତ୍ତି ମଦ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ଉପରରୁ ପୋଲ ତଳକୁ ଖସି ପଡ଼ିଥିଲା। ଗାଡ଼ିଟି ଓଲଟି ପଡ଼ିଥିବାବେଳେ ଭାଗ୍ୟ ବଶତଃ ଡ୍ରାଇଭର ସୁରକ୍ଷିତ ଉଦ୍ଧାର ହୋଇଥିଲେ। ନୂଆଁଖାଇକୁ ନେଇ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଅବକାରୀ ବିଭାଗ ମଦ ଚୋରା ଚାଲାଣକୁ ରୋକିବା ଦିଗରେ ପଦକ୍ଷେପ ନେବା ବଦଳରେ ନିରବ ରହିଥିବା ସାଧାରଣରେ ଆଲୋଚନା ହେଉଛି। ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



# ବୌଦ୍ଧଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ଲାଗିହେଲା ନବାନ୍ନ



ବୌଦ୍ଧ,୧୫।୯(ସମିସ): ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଅବସରରେ ଆଜି ସମଗ୍ର ବୌଦ୍ଧ ଜିଲ୍ଲା ଉତ୍ସବମୁଖର ଓ ଚଳଚଞ୍ଚଳ ହୋଇଉଠିଛି। ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ଆଜି ସକାଳ ୯ଟା ୪୫ରେ ନବାନ୍ନ ଲାଗି କରାଯାଇଛି। ମହାନଦୀରେ ପୂଜା କରି ମହାନଦୀର ପବିତ୍ର ଜଳକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଦେବୀଙ୍କ ପାଇଁ ନବାନ୍ନ ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟ ପୂଜକ ଗୌରୀପସାଦ ବଡମାଳି, ପାଳିଆ ପୂଜକ ତରଣୀ ବଡମାଳି ପ୍ରମୁଖ ବିଧି ନିୟମ ପ୍ରକାରେ ସ୍ୱତନ୍ତ୍ର ପୂଜା କରିଥିଲେ। ପ୍ରଥମେ ମା' ଭୈରବୀଙ୍କଠାରେ ନବାନ୍ନ ଲାଗି କରିବା ପରେ ପାର୍ଶ୍ୱ ଦେବାଦେବୀଙ୍କୁ ନବାନ୍ନ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ଦିର ଚୂଡାରେ ନୂତନ ଧ୍ୱଜା ଲାଗିଥିଲା। ଭୈରବୀଙ୍କଠାରେ ମହାଆଳତି କରିବା ପରେ ଭକ୍ତମାନେ ସାମୂହିକ ଭାବେ ଦେବୀଙ୍କ ନବାନ୍ନ ସେବନ କରିଥିଲେ। ଜିଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ପୂଜା କରିଥିଲେ। ପୂଜା କାର୍ଯ୍ୟରେ ବିଭୁତି ଭୂଷଣ ବଡମାଳି, ସାନନ୍ଦ ବଡମାଳି, ଧନେଶ୍ୱର ବଡମାଳି, ବିଶୁ ବଡମାଳି, ରାଜା ବଡମାଳି, ଏକା ବଡ଼ମାଳି, ହରିହର ବଡ଼ମାଳି ପ୍ରମୁଖ ସହଯୋଗ କରିଥିଲେ। ଅମର ସାହୁ, ସମ୍ପଦ ଅଗ୍ରୱାଲ, ହରେଷ ନାୟକ, ଆଲୋକ ମହାପାତ୍ର, ବିଜୟ ମିଶ୍ର, ଶମ୍ଭୁ ପ୍ରସାଦ ମହାକୁଳଙ୍କ ସମତେ ଅନ୍ୟମାନେ ପରିଚାଳନା କରିଥିଲେ।

# ଜାମକାନିରେ ୫୦ ପରିବାର ଏକାଠି ନୂଆ ଖାଇଲେ



ତରଭା,୧୫।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ କମସରା ପଞ୍ଚାୟତ ଅଧୀନ ଜାମକାନି ଗ୍ରାମର ୫୦ ପରିବାରର ୩୫୦ ଜଣ ଆଜି ଏକାଠି ନୂଆ ଖାଇଛନ୍ତି। ସୋମବାର ଗ୍ରାମର ବିଘ୍ନେଶ କ୍ଲବ୍ ଦ୍ୱାରା ଆୟୋଜିତ ଗଣେଶ ପୂଜାରେ ଆୟୋଜିତ ରାମଲୀଳା ନାଟକ ପରେ ଗାଁର ମହିଳାମାନେ ଗାଧୁଆ ସାରି ପନିପରିବା କାଟିବା ପରେ ନିଷ୍ଠାର ସହ ରାନ୍ଧବଢା କରିଥିଲେ। ରୀତି ନୀତି ଅନୁଯାୟୀ ଗାଁ ଝଙ୍କାର କାଳିଆ କୁଁଅର ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ ଓ ଗାଁ ଇଷ୍ଟ ଦେବୀ ଉର୍କୁଲି କନ୍ଧେନ୍ ବୁଢ଼ୀଙ୍କ ନିକଟରେ ନୂଆ ଧାନର ଅନ୍ନ ଭୋଗ ଅର୍ପଣ କରିଥିଲେ। ଦିବା ୧ ଟାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଶିଶିର ପଣ୍ଡା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ରାଉତ ମୁଖ୍ୟ ଅତିଥି ଓ ପ୍ରଫୁଲ୍ଲ ରଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନୂଆଖାଇର ମହତ୍ତ୍ୱ ଉପରେ କହିଥିଲେ। ଏହି ଅବସରରେ ଗ୍ରାମର ବୃଦ୍ଧ ବୃଦ୍ଧାଙ୍କୁଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଗ୍ରାମର ଦୁଇ ଜଣ କଳାକାର ଓ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କମିଟିର ସମ୍ପାଦକ ଟଙ୍କଧର ରଣା ମଞ୍ଚ ପରିଚାଳନା କଟିଥିଲେ। ଦିବା ୨.୩୦ ସମୟରେ ଝାଙ୍କର କାଳିଆଙ୍କ ଦ୍ୱାରା ନବାର୍ଣ୍ଣ ପରଷା ଯାଇଥିଲା।






# ମନମୁଣ୍ଡା ଗଙ୍ଗାଧର ମେହେର ନଗରରେ ନୂଆଁଖାଇ ଭେଟଘାଟ



ମନମୁଣ୍ଡା,୧୫।୯(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଗଙ୍ଗାଧର ମେହେର ନଗରରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଇଷ୍ଟଦେବୀ ମାଁ କଙ୍କାଳୀଙ୍କଠାରେ ନୂଆଁ ଲାଗି ହେବା ପରେ ଗ୍ରାମବାସୀ ନିଜ ନିଜ ଘରେ ନବାନ୍ନ ଭକ୍ଷଣ କରିଥିଲେ। ପରିବାର ମଧ୍ୟରେ ଜୁହାର ଭେଟ ହୋଇଥିଲା। ସମସ୍ତେ ଗ୍ରାମରେ ଥିବା ମନ୍ଦିର ଯାଇ ଦେବାଦେବୀଙ୍କ ଦର୍ଶନ ଓ ସୁଖ ସମୃଦ୍ଧି କାମନା କରିଥିଲେ। ଏହାପରେ ଏହି ପଡାର ସମସ୍ତେ ପ୍ରତ୍ୟେକ ବର୍ଷ ପରି ପଡା ଦାଣ୍ଡରେ ଏକତ୍ରିତ ହୋଇ ନୂଆଁଖାଇ ଜୁହାର ଭେଟଘାଟ କରିଥିଲେ। ଏଇ ଅବସରରେ ସୋନପୁର ଇଣ୍ଡିଆନ ବ୍ୟାଙ୍କ ଅଧିକାରୀ ହେମବନ୍ତ ମେହେର, ମନମୁଣ୍ଡା ଏସବିଆଇ ଅଧିକାରୀ ଦୁର୍ବାଦଳ ମେହେର, ବରଗଡ଼ କୋର୍ଟର ଅଧିକାରୀ ସରୋଜ ମେହେର, ଓଜିବି ଅଧିକାରୀ ଦୀପକ ମେହେର ଏବଂ ବଲାଙ୍ଗୀରର ପ୍ରଶାସନିକ ଅଧିକାରୀ ରାଧେଶ୍ୟାମ ମେହେର ନୂଆଁଖାଇର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପଦାରବିନ୍ଦ ମେହେର, ମନୋଜ ମେହେର, ରାଜା ମହାପାତ୍ର, ଅନ୍ତର୍ଯ୍ୟାମୀ ମେହେର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତେ ନାଚଗୀତରେ ମଜ୍ଜିଥିଲେ।

# ପେଟୁପାଲିରେ ୩୫ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

ଘେଁସ,୧୫।୯(ସମିସ): ବରଗଡ ଜିଲ୍ଲା ଘେଁସ ନିକଟ ପେଟୁପାଲିରେ ୩୫ତମ ମା' ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଶାନ୍ତ ଦିଶ୍ରୀ, ସମିତି ସଭ୍ୟ କୁଞ୍ଜ ବିହାରୀ ପଧାନ, ସୁବୋଧ ଚୌହାନ, କୃଷ୍ଣଚନ୍ଦ୍ର ସାବତ, ବନ ମେହେର, ମିନି ବାରିକ, କିଶୋର ଚୌହାନ, ଜୟ ବିହାରୀ ଛତର, ସୁବାସ ଦିଶ୍ରୀ, ମିନିକେତନ ବାରିକ, କୁମର ବିଶି, ଝସକେତନ ଡୁଡୁକା, ରାଜେଶ ନନ୍ଦ, ଦୁର୍ଗା ମାଧବ ସେନାପତି, କଳାକାହ୍ନୁ ଚୌହାନ, କୀରଟି ବାଗ, ଦେବାନନ୍ଦ ବାରିକ, ଲକ୍ଷ୍ମଣ ରାଉତିଆ, ଜୀବର୍ଦ୍ଧନ ବାରିକ, ସୁରେଶ ରାଉତିଆ, ରମେଶ ପଟେଲ, ବୈକୁଣ୍ଠ ଡୁଡୁକା, ରାମ ଚୌହାନ, ସଞ୍ଜୟ ଚୌହାନ, ନେହେରୁ ସା, ଅଶ୍ୱିନୀ ସାବତ, ଗୌରା ମେହେର ଏବଂ ସାମ୍ବାଦିକ ସୁମନ୍ତ ମେହେର ଉପସ୍ଥିତ ଥିଲେ।




# ମହିମୁଣ୍ଡା ଓଏଭିର ୧୨ତମ ପ୍ରତିଷ୍ଠା ଦିବସ

ବଲାଙ୍ଗିର,୧୫।୯(ସମିସ): ପୁଇଁତଲା ବ୍ଲକ୍ ମହିମୁଣ୍ଡା ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ଖଟୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୁଇଁତଲା ବ୍ଲକ୍ ଅଧ୍ୟକ୍ଷ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହିମୁଣ୍ଡା ସରପଞ୍ଚ ରଞ୍ଜିତା ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ ବିଦ୍ୟାଳୟ କେବଳ ପାଠପଢ଼ାର ସ୍ଥାନ ନୁହେଁ ଏହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାର ଏକ ପବିତ୍ର ମନ୍ଦିର। ଶିକ୍ଷା ସହିତ ଶୃଙ୍ଖଳା, ମାନବିକତା ଓ ଚରିତ୍ର ଗଠନକୁ ଗୁରୁତ୍ୱ ଦେଲେ ଛାତ୍ରଛାତ୍ରୀ ଜୀବନରେ ନିଶ୍ଚୟ ସଫଳ ହେବେ ବୋଲି କହିଥିଲେ। ଶିକ୍ଷୟତ୍ରୀ ପ୍ରତ୍ୟାଶା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




























































## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିପାରେ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିପାରନ୍ତି।

**କର୍କଟ:** ଯୋଜନା ମୁତାବକ କାମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦାନ ଧର୍ମ କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧୈର୍ଯ୍ୟ ରଖି କାମ କରନ୍ତୁ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଚାନକ ଖୁସି ଖବର ପାଇବେ। ଧନଲାଭ ଯୋଗ ଅଛି। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୦୮ - ଜେନେରାଲ ମୋଟର୍ସ ନିଗମର ସ୍ଥାପନା।
- ୧୯୫୬- ଅଷ୍ଟ୍ରେଲିଆରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୫- ପାପୁଆ ନ୍ୟୁଗିନି ଅଷ୍ଟ୍ରେଲିଆରୁ ସ୍ୱାଧୀନ ହେଲା।
- ୧୯୭୮ - ଜେନେରାଲ୍ ଜିଆ ଉଲ୍ ହକ୍ ପାକିସ୍ତାନର ରାଷ୍ଟ୍ରପତି ହେଲେ।



## ବଜେଟ୍ ବଡ଼ ନା କାହାଣୀ !

# 'ରାମାୟଣ'କୁ 'ହନୁମାନ ଅଂଶ'ର ଚ୍ୟାଲେଞ୍ଜ

ବଲିଉଡ୍‌ରେ କୌଣସି ଫିଲ୍ମ ହିଟ୍ ହେବା ପାଇଁ ବଡ଼ ଷ୍ଟାର୍‌କାଷ୍ଟ ସହ ଶହ ଶହ କୋଟିର ବଜେଟ୍ ଦରକାର ବୋଲି ଏକ ଧାରଣା ରହିଛି। ହେଲେ ବେଳେବେଳେ ବକ୍ସ ଅଫିସ୍‌ରେ ଏମିତି କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟେ, ଯାହା ଏଭଳି ଧାରଣାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦିଏ। ବର୍ତ୍ତମାନ ବଲିଉଡ୍‌ରେ ଠିକ୍ ସେଭଳି ଏକ ରୋମାଞ୍ଚକର ସ୍ଥିତି ଦେଖିବାକୁ ମିଳିଛି, ଯେଉଁଠି ମାତ୍ର ୨ କୋଟିର ଏକ ଛୋଟ ଫିଲ୍ମ, ୪,୦୦୦ କୋଟିର ମେଗା ପ୍ରୋଜେକ୍ଟ ଆଗରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀମ କରୋଲି ବାବାଙ୍କ ଆଧ୍ୟାତ୍ମିକ ଜୀବନ ଯାତ୍ରା ଉପରେ ଆଧାରିତ ଚଳଚ୍ଚିତ୍ର 'ହନୁମାନ ଅଂଶ' ବକ୍ସ ଅଫିସ୍‌ରେ ଚମତ୍କାର ପ୍ରଦର୍ଶନ କରିଛି। ରିଲିଜ୍‌ର ପ୍ରଥମ ଦିନରେ ମାତ୍ର ୧୦ ଲକ୍ଷ ଟଙ୍କାର ଓପନିଂ କରିଥିବା ଏହି ଫିଲ୍ମ, ଦର୍ଶକଙ୍କ ମଧ୍ୟରେ ଧୀରେ ଧୀରେ ଏଭଳି କ୍ରେଜ୍ ସୃଷ୍ଟି କଲା ଯେ, ଏହାକୁ ଅଟକାଇବା ମୁସ୍କିଲ ହୋଇପଡ଼ିଲା। ମାତ୍ର ୩୫ ଦିନ ମଧ୍ୟରେ ଫିଲ୍ମଟି ପ୍ରାୟ ୧୯୩ କୋଟି ଟଙ୍କା ରୋଜଗାର କରିସାରିଛି। ଏହା ତାର ବଜେଟ୍‌ର ପ୍ରାୟ ୯୬ ଗୁଣ ଅଧିକ ବ୍ୟବସାୟ କରି ଚଳିତ ବର୍ଷର ସବୁଠାରୁ ବଡ଼ ସରପ୍ରାଇଜ୍ ହିଟ୍ ଭାବେ ଉଭା ହୋଇଛି। 'ହନୁମାନ ଅଂଶ' ପାଖରେ କୌଣସି ବଡ଼ ସୁପରଷ୍ଟାର୍ ନ ଥିଲେ କି ବଡ଼ ଧରଣର ପ୍ରମୋସନ୍ ହୋଇ ନ ଥିଲା। ଏହାର ପ୍ରକୃତ ଶକ୍ତି ଥିଲା ନିଚ୍ଛକ କାହାଣୀ, ଆଧ୍ୟାତ୍ମିକ ଶ୍ରଦ୍ଧା ଏବଂ ଦର୍ଶକଙ୍କ ସକାରାତ୍ମକ ପ୍ରତିକ୍ରିୟା। ଦର୍ଶକମାନେ ନିଜେ ହିଁ ଏହି ଫିଲ୍ମର ପ୍ରଚାର କଲେ ଏବଂ ଚତୁର୍ଥ ତଥା ପଞ୍ଚମ ସପ୍ତାହରେ ବି ଫିଲ୍ମଟି କୋଟି କୋଟି ଟଙ୍କା କମାଇବା ଜାରି ରଖିଲା। ଅନ୍ୟପଟେ, ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ସିନେମାଟିକ୍ ମାଷ୍ଟରପିସ୍ 'ରାମାୟଣ' ଆସିବାକୁ ଯାଉଛି, ଯେଉଁଥିରେ ରଣବୀର କପୁର (ଭଗବାନ ରାମ), ସାଇ ପଲ୍ଲବୀ (ସୀତା) ଏବଂ ଯଶ୍ (ରାବଣ) ଭୂମିକାରେ ନଜର ଆସିବେ। ଦୁଇଟି ଭାଗରେ ନିର୍ମିତ ହେଉଥିବା ଏହି ଫିଲ୍ମର ବଜେଟ୍ ପ୍ରାୟ ୪,୦୦୦ କୋଟି ଟଙ୍କା ବୋଲି ଚର୍ଚ୍ଚା ହେଉଛି। ଅବଶ୍ୟ ଅଭିନେତା ଯଶ୍ ସ୍ପଷ୍ଟ କରିଛନ୍ତି ଯେ, ଏହି ବିପୁଳ ପରିମାଣର ବଜେଟ୍‌ରେ ଦୁଇଟିଯାକ ଭାଗର ସୁଟିଂ, ଭିଏଫ୍‌ଏକ୍ସ ଏବଂ ହଲିଉଡ୍ ସ୍ତରର ପ୍ରମୋସନ ଖର୍ଚ୍ଚ ସାମିଲ ଅଛି। ଏହି ସମୟରେ 'ହନୁମାନ ଅଂଶ'ର ଅଭୁତପୂର୍ବ ସଫଳତା 'ରାମାୟଣ' ଉପରେ ଏକ ମନସ୍ତାତ୍ତ୍ୱିକ ଚାପ ପକାଇଛି। ସିନେମା ଜଗତରେ କେବଳ ବଡ଼ ବଜେଟ୍ ବା ମେଗାଷ୍ଟାର୍ ରହିଲେ ଫିଲ୍ମ ହିଟ୍ ହୁଏନାହିଁ, ବରଂ ଦର୍ଶକ ସବୁବେଳେ ଭଲ କାହାଣୀକୁ ହିଁ ପସନ୍ଦ କରନ୍ତି ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି।



# ବିଶ୍ୱ ଓଜୋନ ଦିବସ

ଓଜୋନ ସ୍ତର ଏକ ଅଦୃଶ୍ୟ ଛଣା କାଗଜ ଭଳି କାମ କରେ। ଏହା ସୂର୍ଯ୍ୟଙ୍କର ପ୍ରାୟ ୯୭ ରୁ ୯୯ ପ୍ରତିଶତ କ୍ଷତିକାରକ ଅତିବାଇଗଣୀ ରଶ୍ମିକୁ ଶୋଷିନିଏ ଏବଂ ପୃଥିବୀ ପୃଷ୍ଠକୁ କେବଳ ସୁରକ୍ଷିତ ଆଲୋକ ଓ ଉତ୍ତାପ ପଠାଇଥାଏ। ସରଳ ଭାଷାରେ କହିଲେ, ଯଦି ଓଜୋନ ସ୍ତର ନ ଥାନ୍ତା, ତେବେ ପୃଥିବୀରେ କୌଣସି ଗଛଲତା, ମଣିଷ କିମ୍ବା ଜୀବଜନ୍ତୁ ଜୀବିତ ରହିପାରନ୍ତେ ନାହିଁ। ଯଦି ଏହି ସ୍ତର ନଷ୍ଟ ହୋଇଯାଏ, ତେବେ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ସିଧାସଳଖ ପୃଥିବୀରେ ପହଞ୍ଚି ମଣିଷଙ୍କଠାରେ ଚର୍ମ କର୍କଟ, ଆଖିରେ ମୋତିଆବିନ୍ଦୁ ଏବଂ ଗଛଲତା ଓ ଜୀବଜନ୍ତୁଙ୍କ ବ୍ୟାପକ କ୍ଷତି ଘଟାଇବ। ଏହି ବିପଦ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ ବିଶ୍ୱ ଓଜୋନ ଦିବସ ଭାବରେ ପାଳନ କରାଯାଇଥାଏ। ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି-ଖ'। ଏହି ବିକିରଣ ଆମ ଶରୀରରେ ବିଶେଷକରି ଚର୍ମରେ କର୍କଟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ କୃଷି ଉତ୍ପାଦନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ସୂର୍ଯ୍ୟକିରଣରେ ଏହି ଅତିବାଇଗଣି ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ। ମାଛ ଯାଆଁଳା ଠିକ୍ ଭାବରେ ବଢ଼ିପାରନ୍ତି ନାହିଁ। ଅତିବାଇଗଣୀ ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡ଼ିଯାଏ। ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କାଟିକା ସର୍ଭେରେ ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସୁରକ୍ଷା ଉପରେ ଜାତିସଂଘ ଗୁରୁତ୍ୱ ଦେଇଥିଲା। ୧୯୮୭ ମସିହାର ଏହି ଦିନରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତଃରାଷ୍ଟ୍ରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନ ସ୍ତରକୁ ହ୍ରାସ କରୁଥିବା କିଛି ପଦାର୍ଥର ପ୍ରସ୍ତୁତି ବା ଉତ୍ପାଦନ ସମୟବଦ୍ଧ ଉପାୟରେ ବନ୍ଦ କରିବା, ଯଦ୍ଦ୍ୱାରା ଓଜୋନ ସ୍ତରକୁ ସଂରକ୍ଷଣ କରାଯାଇପାରିବ। ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର, ୨୦୦୦ ମସିହାରେ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଓଜୋନ ସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା। ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩୦ ବର୍ଷ ପରେ ଓଜୋନ ସ୍ତରରେ ଦେଖାଦେଇଥିବା ଛିଦ୍ର ବନ୍ଦ ହେବାର ଦେଖିବାକୁ ମିଳିଥିଲା। ତଥାପି ଏହି ଓଜୋନ ସ୍ତର କ୍ଷୀଣ ହେବା ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସର ପ୍ରଭାବ ପୃଥିବୀ ଉପରେ ପରବର୍ତ୍ତୀ ୫୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରଯାଏ। ଏହାବାଦ୍ ଆମ ଦ୍ୱାରା ବ୍ୟବହୃତ ଏସି, ଫ୍ରିଜ୍ ଆଦିରୁ ନିର୍ଗତ କ୍ଲୋରୋଫ୍ଲୋରୋକାର୍ବନ ପରି ଗ୍ୟାସ୍ ଓଜୋନ ଚାଦରକୁ କଣା କରିଦେଉଛି। ଏହି ବିଷାକ୍ତ ଗ୍ୟାସ୍‌ର ବ୍ୟବହାର କମାଇବା ପାଇଁ ଜନସାଧାରଣଙ୍କୁ ସଜାଗ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

# ପ୍ରଥମେ ଉପହାର ତା'ପରେ ଖାଦ୍ୟ

ଭାରତୀୟ ବିବାହରେ ଅତିଥିମାନେ ଭଗବାନଙ୍କ ସଦୃଶ। ବିବାହରେ ଯୋଗ ଦେଉଥିବା ଅତିଥିମାନେ ବର-କନିଆଙ୍କୁ ଆଶୀର୍ବାଦ ଦିଅନ୍ତି ଏବଂ ନିଜ ଇଚ୍ଛା ମୁତାବକ ଉପହାର ଦିଅନ୍ତି। ହେଲେ ଦକ୍ଷିଣ କୋରିଆରେ କୌଣସି ବାହାଘର ଭୋଜି ଖାଇବାକୁ ହେଲେ ଅତିଥିଙ୍କୁ ପ୍ରଥମେ 'ଏଣ୍ଟ୍ରି ଫି' ବା ଏକ ନିର୍ଦ୍ଦିଷ୍ଟ ପରିମାଣର ନଗଦ ଟଙ୍କା ଦେବାକୁ ପଡ଼ିଥାଏ। ନିକଟରେ ଜଣେ ଭାରତୀୟ ମହିଳା ଦକ୍ଷିଣ କୋରିଆର ଏକ ବିବାହ ଉତ୍ସବରେ ଯୋଗ ଦେଇଥିବା ବେଳର ନିଜର ଅଭିଜ୍ଞତାକୁ ନେଇ ଏକ ଭିଡିଓ ସେୟାର କରିଛନ୍ତି, ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭାରତରେ ବାହାଘର ଶେଷ ହେବା ପରେ କିମ୍ବା ଖାଇବା ସମୟରେ ଲୋକେ ଉପହାର ଦିଅନ୍ତି। କୋରିଆରେ ବିବାହ ମଣ୍ଡପକୁ ପଶିବା ମାତ୍ରେ ପ୍ରଥମେ ଏକ ବଡ଼ କ୍ୟାଶ୍ କାଉଣ୍ଟର ଦେଖିବାକୁ ମିଳେ। ସେଠାରେ ବର ଏବଂ କନିଆ ଉଭୟ ପକ୍ଷର ସମ୍ପର୍କୀୟମାନେ ଟେବୁଲ ପକାଇ ବସିଥାନ୍ତି। ଅତିଥିମାନେ ହଲ୍ ଭିତରକୁ ଯିବା ପୂର୍ବରୁ ସେହି କାଉଣ୍ଟରରେ ନଗଦ ଟଙ୍କା ଥିବା ଖାମ ଜମା କରିବାକୁ ପଡ଼ିବ। ଭାରତୀୟ ମହିଳା ଜଣକ ତାଙ୍କ କୋରିଆ ବନ୍ଧୁଙ୍କ ବିବାହରେ ଯୋଗ ଦେଇଥିଲେ। ଏହି ସମୟରେ ସେଠାରେ ବିବାହକୁ ନେଇ ପ୍ରଚଳିତ ଥିବା ଏହି ଅଜବ ନିୟମ ସମ୍ପର୍କରେ ସେ ଜାଣିବାକୁ ପାଇଲେ। ସମ୍ପୃକ୍ତ ମହିଳାଙ୍କ ସହିତ ଦୁଇଜଣ ବରିଷ୍ଠ ସାଙ୍ଗ ମଧ୍ୟ ଥିଲେ। ତିନିଜଣ ଯାକ ଠିକ୍ ସମୟରେ ପହଞ୍ଚିଥିଲେ। ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଚାଲିଥିବା ଉତ୍ସବରେ ସେମାନେ ସାମିଲ ରହିଲେ। ଏହାପରେ ଅତିଥିମାନେ ଯେତେବେଳେ ଭୋଜି ଖାଇବାକୁ ଗଲେ ସମ୍ପୃକ୍ତ ଭାରତୀୟ ମହିଳା ଓ ତାଙ୍କ ବନ୍ଧୁ ବି ସେମାନଙ୍କ ସହ ଗଲେ। ହେଲେ ଯେମିତି ସେମାନେ ଲଞ୍ଚ୍ ହଲ୍ ଗେଟ୍ ସମ୍ମୁଖରେ ପହଞ୍ଚିଲେ, ସେଠାରେ ଥିବା ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇ ଦେଲେ। ସେଠାରେ ତାଙ୍କୁ ଟୋକନ୍ ମଗାଯାଇଥିଲା। ସେଇଠୁ ସେ ତାଙ୍କ କୋରିଆ ବନ୍ଧୁଙ୍କୁ ଫୋନ୍ କଲେ। ଏହି ସମୟରେ ସେ ଦକ୍ଷିଣ କୋରିଆରେ ପ୍ରଚଳିତ ଏଭଳି ଏକ ନିୟମ ବିଷୟରେ ଜାଣିବାକୁ ପାଇଥିଲେ। ଏହି ନିୟମ ଭାରତୀୟ ମହିଳା ଜଣକୁ ବେଶ୍ ଅଜବ ଲାଗିଥିଲା। ଭାରତୀୟ ଦୃଷ୍ଟିକୋଣରୁ ଏହା ଟିକେ ବ୍ୟବସାୟିକ ମନେ ହୋଇପାରେ, କିନ୍ତୁ କୋରିଆନ୍ ସଂସ୍କୃତିରେ ଏହାକୁ ପରସ୍ପରକୁ ସାହାଯ୍ୟ କରିବାର ଏକ ମାଧ୍ୟମ ବୋଲି ଧରାଯାଏ। କୋରିଆରେ ବିବାହ ଖର୍ଚ୍ଚ ଅତ୍ୟଧିକ ଅଧିକ ହୋଇଥାଏ। ଅତିଥିମାନେ ଦେଉଥିବା ଏହି ଟଙ୍କା ଦ୍ୱାରା ନବଦମ୍ପତିଙ୍କ ବିବାହ ଖର୍ଚ୍ଚ ଏବଂ ହୋଟେଲ୍ ଭୋଜିର ବିଲ୍ ସହଜରେ ସୁଝି ହୋଇଯାଏ।

## ସମ୍ଭାବନା




# ସଫ୍ଟ ବ୍ଲକିଂ

ଆଜିକାଲି ଯୁବପିଢ଼ି ଅନ୍ୟଠୁ ଦୂରତ୍ୱ ବଜାୟ ରଖିବା ଲାଗି ସଫ୍ଟ ବ୍ଲକିଂ ଟ୍ରେଣ୍ଡ ଉପାୟ ଆପଣାଉଛନ୍ତି। ଏଥିରେ ଜଣକର ଷ୍ଟୋରିକୁ ମ୍ୟୁଟ କରିବା, ନିଜ ପୋଷ୍ଟ ନ ଦେଖାଇବା, ଅନ୍‌ଫଲୋ କରିବା, ଫଲୋର୍ସରୁ ହଟାଇବା ଏବଂ କଥାବାର୍ତ୍ତା କମ୍ କରିବା ସାମିଲ ଅଛି। ଏହାଦ୍ୱାରା ଝଗଡ଼ା ବିନା ଜଣେ ଜଣକଠାରୁ ଦୂରତ୍ୱ ରକ୍ଷା କରିଥାଏ।

ସଫ୍ଟ ବ୍ଲକିଂରେ ଜଣେ ଜଣକୁ ସମ୍ପୂର୍ଣ୍ଣ ଭାବେ ବ୍ଲକ୍ କରି ନ ଥାଏ। ବରଂ ଧୀରେ ଧୀରେ ଅନଲାଇନ୍ ଦୂରତ୍ୱ ରକ୍ଷା କରିବା ଆରମ୍ଭ କରେ। ଏଥିରେ କାହାର ଷ୍ଟୋରି ମ୍ୟୁଟ୍ କରିବା, ନିଜ ପୋଷ୍ଟ ନ ଦେଖାଇବା, ଅନଫଲୋ କରିବା, ଫଲୋରୁ ହଟାଇବା ଏବଂ କଥାବାର୍ତ୍ତା କମ୍ କରିବା ସାମିଲ ଥାଏ। ଅବଶ୍ୟ ଅନେକ ସମୟରେ କିଛି ଲୋକ ଜଣକୁ କିଛି ସମୟ ପାଇଁ ବ୍ଲକ୍ କରି ପୁଣି ଅନବ୍ଲକ୍ କରନ୍ତି। ଏହାଦ୍ୱାରା ଜଣେ ଅନ୍ୟଜଣକ ଫଲୋ ଲିଷ୍ଟରୁ ବାହାରି ଯାନ୍ତି। ଏହାକୁ ଏଭଳି ବି କୁହାଯାଇପାରିବ ଯେ, ସାମ୍ନାବାଲା ସମ୍ପୂର୍ଣ୍ଣ ଭାବେ ସମ୍ପର୍କ ଶେଷ କରିବା ପରିବର୍ତ୍ତେ ସୋସିଆଲ ମିଡିଆରୁ ଦୂରତ୍ୱ ରକ୍ଷା କରେ। ସଫ୍ଟ ବ୍ଲକିଂ ପଛରେ ଅନେକ କାରଣ ହୋଇପାରେ। ଅନେକ ସମୟରେ ଲୋକେ ନିଜ ଜୀବନରେ ଅଧିକ ଗୋପନୀୟତା ଚାହାନ୍ତି। ବ୍ରେକ୍‌ଅପ୍ ତଥା ସାଙ୍ଗସାଥୀରେ ହୋଇଥିବା ଲଢ଼େଇ ଝଗଡ଼ା ପରେ କିଛି ସମୟ ଦୂରତ୍ୱ ଚାହାନ୍ତି। ତେଣୁ ଏଭଳି ସ୍ଥିତିରେ ପୂରା ବ୍ଲକ୍ କରିବା ପରିବର୍ତ୍ତେ ସଫ୍ଟ ବ୍ଲକିଂ ଉପାୟ ଆପଣାନ୍ତି। କୁହାଯାଉଛି ଯେ, ଏହି ଉପାୟ ପିଜିଟିଭ୍ ହେଲେ ବି ସମ୍ପର୍କରେ ଭୁଲବୁଝାମଣା ସୃଷ୍ଟି କରିପାରେ।

# କମ୍ ଫି'ରେ କ୍ୟାରିୟର



**ଅନେକ ଭାରତୀୟ ୟୁନିର୍ଭସିଟିରେ ପଢ଼ା ଫି' ଖୁବ୍ ମହଙ୍ଗା ହୋଇଥାଏ। କିଛି କୋର୍ସର ଫି ଲକ୍ଷାଧିକ ହୋଇଥିବା ବେଳେ ଆଉ କିଛି କୋର୍ସ କମ୍ ଫି'ରେ ବି କରାଯାଇପାରିବ। ତେବେ କ୍ୟାରିୟର ଲାଗି କେବଳ ଦାମୀ ଫି' ନୁହେଁ ବରଂ ଉପଯୁକ୍ତ କୌଶଳ ଓ ଦକ୍ଷତା ଜରୁରି। କମ୍ ଫି'ର କୋର୍ସ ଚୟନ କରି ଭଲ ରୋଜଗାର କରି ହେବ।**

**ଡିଜିଟାଲ ମାର୍କେଟିଂ ଏବଂ ଏସ୍‌ଇଓ:** ପ୍ରତ୍ୟେକ ଛୋଟ ବଡ଼ ବ୍ୟବସାୟ ଏବେ ଅନଲାଇନରେ ପରିଚାଳିତ ହେଉଛି। ତେଣୁ ଡିଜିଟାଲ ମାର୍କେଟିଂର ଆବଶ୍ୟକତା ବଢ଼ୁଛି। ଏହି କୋର୍ସ ସରକାରୀ ସଂସ୍ଥାନ ଏବଂ ଗୁଗଲ ମେଟାର ଫ୍ରି ସାର୍ଟିଫିକେସନ ସହିତ ପ୍ରାୟ ୫-୧୦ ହଜାର ଟଙ୍କାରେ ହେବ। ଏଥିରେ ସୋସିଆଲ ମିଡିଆ ହ୍ୟାଣ୍ଡଲିଂ, ଗୁଗଲ ଆଡ୍, ଏସଇଓ ସ୍କିଲ୍ ଶିକ୍ଷା ପ୍ରଦାନ କରାଯାଏ। ଡିଜିଟାଲ ମାର୍କେଟିଂ କୋର୍ସ କରିବା ପରେ କୌଣସି କମ୍ପାନିରେ ଚାକିରି କରିପାରିବେ। ନଚେତ୍ ଘରେ ବସି ଫ୍ରିଲାନ୍ସିଂରୁ ଭଲ ରୋଜଗାର କରିପାରିବେ।

**ଡାଟା ଆନାଲିଟିକ୍ସ ଏବଂ ବେସିକ୍ କୋଡିଂ:** କମ୍ପ୍ୟୁଟରରେ ରୁଚି ଥିଲେ ବିଟେକ୍ ଡିଗ୍ରୀ ବିନା ମଧ୍ୟ ଆଇଟି କ୍ଷେତ୍ରରେ ପ୍ରବେଶ କରିପାରିବେ। ସରକାରୀ ପୋର୍ଟାଲରେ ୬ ମାସରୁ ୧ ବର୍ଷର ଡାଟା ଆନାଲିଟିକ୍ସ ଏବଂ ପାଇଥନ ଡିପ୍ଲୋମା କୋର୍ସ କମ୍ ଫି'ରେ ଉପଲବ୍ଧ। ଏହି କୋର୍ସ ପୂରା କରିବା ମାତ୍ରେ ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୨୫-୩୫ ହଜାର ଟଙ୍କା ପାରିଶ୍ରମିକ ମିଳିଥାଏ।

**ଆଇଟିଆଇ ଟ୍ରେଡ୍ କୋର୍ସ:** ଦଶମ ତଥା ଦ୍ୱାଦଶ ପରେ ପ୍ରାକ୍ଟିକାଲ କାମ ଶିଖିବାକୁ ଚାହୁଁଥିଲେ, ଆଇଟିଆଇରୁ ଭଲ ଆଉ କିଛି ହୋଇ ନ ପାରେ। ପ୍ରାୟ ହଜାରରୁ ୩ ହଜାର ଫି'ରେ ଇଲେକଟ୍ରିସିଆନ, ଏସି/ଆରଏସି ଟେକ୍ନିସିଆନ ଡ୍ରାଫ୍ଟମ୍ୟାନ ଭଳି ଟ୍ରେଡ୍ ଶିଖିପାରିବେ। ଏହି କୋର୍ସର ବିଶେଷତ୍ୱ ହେଉଛି ଭାରତୀୟ ରେଲୱେ, ଓଏନଜିସି, ବିଜୁଳି ବିଭାଗରେ ସରକାରୀ ଚାକିରି ସହିତ ନିଜର ବ୍ୟବସାୟ ଆରମ୍ଭ କରିପାରିବେ।

**ମେଡିକାଲ ଲ୍ୟାବ୍ ଟେକ୍ନିସିଆନ ଏବଂ ପାରାମେଡିକାଲ ଡିପ୍ଲୋମା:** ଡାକ୍ତରୀ ପଢ଼ା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ତେବେ ସରକାରୀ ତଥା ମାନ୍ୟତାପ୍ରାପ୍ତ ସଂସ୍ଥାନରୁ ୧-୨ ବର୍ଷର ଡିପ୍ଲୋମା ଇନ ମେଡିକାଲ ଲ୍ୟାବ୍ ଟେକ୍ନୋଲୋଜି ବା ରେଡିଓଲୋଜି ଡିପ୍ଲୋମା କୋର୍ସ ବହୁତ କମ୍ ଖର୍ଚ୍ଚରେ ଆସିଥାଏ। ରକ୍ତ ପରୀକ୍ଷା, ଏକ୍ସ-ରେ ଟେକ୍ନିସିଆନଙ୍କ ଚାହିଦା ଲଗାତାର ବଢ଼ୁଛି।

**ୱେବ୍ ଡିଜାଇନିଂ:** ପ୍ରତ୍ୟେକ ଟେକ୍ କମ୍ପାନିକୁ ୱେବ୍‌ସାଇଟ୍ ଏବଂ ଆପ୍ ଲୁକ୍ ଡିଜାଇନ ପାଇଁ ଡିଜାଇନରଙ୍କ ଆବଶ୍ୟକତା ଥାଏ। ସରକାରୀ କୌଶଳ ବିକାଶ କେନ୍ଦ୍ର କିମ୍ବା ଅନଲାଇନ ପ୍ଲାଟ୍‌ଫର୍ମରୁ ୩-୬ ମାସର ୱେବ୍ ଡିଜାଇନିଂ କୋର୍ସ କମ୍ ଫି'ରେ କରାଯାଇପାରିବ।

# ଏଆଇ ରେଟ୍ରୋ ଟ୍ରେଣ୍ଡରେ ସାମିଲ ହେଉଥିଲେ...

ଏଆଇ ଦ୍ୱାରା ଲୋକମାନେ ୮୦ ଦଶକର ଫଟୋ ସୋସିଆଲ ମିଡିଆରେ ସେୟାର୍ କରୁଛନ୍ତି। ଏହି ଧାରା ଏବେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଲୋକମାନେ ନିଜର ବର୍ତ୍ତମାନର ଫଟୋକୁ ଏଆଇ ସାହାଯ୍ୟରେ ୮୦ ଦଶକର ପୋଷାକ ହେୟାର ଷ୍ଟାଇଲରେ ପରିବର୍ତ୍ତନ ଆଣୁଛନ୍ତି। ତେବେ ଏହା ଲୋକଙ୍କ ପାଇଁ ବିପଦ ବି ସୃଷ୍ଟି କରିପାରେ। ସାଇବର ସୁରକ୍ଷା ବିଶେଷଜ୍ଞଙ୍କ ଏହାକୁ ନେଇ ସତର୍କ ରହିବାକୁ କହୁଛନ୍ତି।

- ବ୍ୟବହାରକାରୀଙ୍କୁ ନିଜର ସେଟିଂ ଏବଂ ସମ୍ବନ୍ଧିତ ସେବାର ପ୍ରାଇଭେସି ପଲିସି ନିହାତି ଜାଣିବା ଦରକାର।
- ଫଟୋ ଅପଲୋଡ୍ କରିବା ପୂର୍ବରୁ ସମ୍ବନ୍ଧିତ ପ୍ଲାଟ୍‌ଫର୍ମ ଡାଟାକୁ କିଭଳି ବ୍ୟବହାର କରୁଛି, ବୁଝନ୍ତୁ।
- ସ୍ମାର୍ଟଫୋନ୍‌ରୁ ଉତ୍ତୋଳନ ହୋଇଥିବା ଫଟୋରେ ଫଟୋ ଉତ୍ତୋଳନର ସମୟ, କ୍ୟାମେରା ଏବଂ ଡିଭାଇସ ସହିତ ଜଡ଼ିତ ତଥ୍ୟ ଓ କିଛି ପରିସ୍ଥିତିରେ ଲୋକେସନ ଭଳି ତଥ୍ୟ ବି ସାମିଲ ହୋଇପାରେ। ଏଆଇ କମ୍ପାନି ଏହି ଡାଟାକୁ ଷ୍ଟୋର କରିପାରେ।
- ଫଟୋ ବ୍ୟାକଗ୍ରାଉଣ୍ଡ ଉପରେ ବିଶେଷ ଦୃଷ୍ଟି ଦିଅନ୍ତୁ। ଯଦି ଏଥିରେ ବ୍ୟକ୍ତିଗତ ଦସ୍ତାବିଜ, ଠିକଣା କିମ୍ବା ଅନ୍ୟ ତଥ୍ୟ ଦେଖାଦିଏ, ତାହାକୁ ହଟାଇ ଦିଅନ୍ତୁ।
- ପିଲା ତଥା ଅନ୍ୟ ଲୋକଙ୍କ ଫଟୋ ଅପଲୋଡ କରିବା ପୂର୍ବରୁ ସେମାନଙ୍କ ଗୋପନୀୟତା ଉପରେ ଧ୍ୟାନ ଦିଅନ୍ତୁ।
- ଚାଟଜିପିଟି ତଥା ଅନ୍ୟ କୌଣସି ଏଆଇ ପ୍ଲାଟଫର୍ମର ଡାଟା କଣ୍ଟ୍ରୋଲ ସେଟିଂ ଯାଞ୍ଚ କରନ୍ତୁ।
- ଅତ୍ୟଧିକ ସମ୍ବେଦନଶୀଳ ଫଟୋ କୌଣସି ଅବିଶ୍ୱସନୀୟ ଏଆଇ ୱେବସାଇଟ୍‌ରେ ଅପଲୋଡ୍ ନ କରିବା ଭଲ।




# ଆଗକୁ ବଢ଼ିବାର ସ୍ମାର୍ଟ ଉପାୟ

**ଅଫିସ୍‌ରେ କେବଳ କାମ ନୁହେଁ। କିଛି ଉପାୟ ଏଭଳି ଅଛି, ଯାହାକି ପ୍ରଫେସନାଲଙ୍କୁ ସ୍ମାର୍ଟ ଉପାୟରେ କ୍ୟାରିୟରରେ ଆଗକୁ ନେବାରେ ସାହାଯ୍ୟ କରେ।**

- ଯଦି କୌଣସି କର୍ମଚାରୀ ନିଜ କାମ ନିର୍ଦ୍ଧାରିତ ସମୟରେ ପୂରା କରିଛନ୍ତି, ତେବେ ନିଜ କ୍ଷମତାକୁ ପ୍ରତିଥର ଦେଖେଇ ହେବା ଭଲ ନୁହେଁ। ସବୁଠୁ ଭଲ କର୍ମଚାରୀ ହେବା ଆଶାରେ ଲୋକେ ଅଜାଣତରେ ଅଧିକ କାମ ନିଜ ଉପରକୁ ଆଣନ୍ତି। ତେଣୁ କାମ ଶୀଘ୍ର ସରିଗଲେ ଅତିରିକ୍ତ କାର୍ଯ୍ୟ କରିବାରୁ ବଞ୍ଚିତ ହେବା ଦରକାର।
- ଟିମ୍‌ୱାର୍କ ଜରୁରି, କିନ୍ତୁ ନିଜର ବ୍ୟକ୍ତିଗତ ଯୋଗଦାନକୁ ଲୁଚାଇବା ଅନୁଚିତ। ଯେଉଁ ପ୍ରୋଜେକ୍ଟରେ ନିଜେ ନେତୃତ୍ୱ ନେଉଛନ୍ତି କିମ୍ବା କୌଣସି କାମ ନିଜେ କରୁଛନ୍ତି। ସେ ସମ୍ପର୍କରେ ନିଜର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସ୍ପଷ୍ଟ ଭାବେ ଅବଗତ କରାଇବା ଜରୁରି। ପ୍ରତ୍ୟେକ କାର୍ଯ୍ୟକୁ ଦଳଗତ ଭାବେ କରିବା ଦେଖାଇଲେ, ବ୍ୟକ୍ତିଗତ ଭୂମିକାକୁ ଅଣଦେଖା ହୋଇଥାଏ।
- ଚାକିରି ଛାଡ଼ିବାର କୌଣସି ଉଦ୍ଦେଶ୍ୟ ନ ଥିଲେ ବି ବେଳେ ବେଳେ ସାକ୍ଷାତକାର ଦେବା ଭଲ। ଏହାଦ୍ୱାରା ଏକଥା ଜାଣିପାରିବେ ଯେ, ଅନ୍ୟ ଏକ କମ୍ପାନି ନିଜର ଦକ୍ଷତା ପାଇଁ କେତେ ପାରିଶ୍ରମିକ ଦେଉଛି।
- ଅଫିସ୍ ପାର୍ଟି ପ୍ଲାନିଂ, ମିଟିଂ ନୋଟ୍, ଅନ୍ୟ ଅନାବଶ୍ୟକ କାମର ଦାୟିତ୍ୱ ନିଜେ ଉଠାନ୍ତୁନି। ଏହାଦ୍ୱାରା ନିଜର ମୁଖ୍ୟ କାମ ପ୍ରଭାବିତ ହୋଇପାରେ। ତେଣୁ ଦାୟିତ୍ୱ ତୁଲାଇବା ଲାଗି ହଁ କହିବା ପୂର୍ବରୁ ନିଜର ପ୍ରାଥମିକତା ସ୍ଥିର କରନ୍ତୁ।




# କୋଚିରେ ଭାରତ-ବ୍ରାଜିଲ ଲିଜେଣ୍ଡସ୍ ଫୁଟବଲ୍ ମୁକାବିଲା



କୋଚି,୧୫।୯ (ଏଜେନ୍ସି): କୋଲକାତାରେ ଭାରତ ଓ ବ୍ରାଜିଲ ମଧ୍ୟରେ ଖେଳାଯିବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମୁକାବିଲାର ଏକ ସପ୍ତାହ ଆଗରୁ ଦୁଇ ଦେଶର ଲିଜେଣ୍ଡସ୍ ବା କିମ୍ବଦନ୍ତୀ ଖେଳାଳିଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ କେରଳର କୋଚିଠାରେ ଖେଳାଯିବ। ଏହି ମ୍ୟାଚ୍‌ଟି କୋଚିର ଜବାହାରଲାଲ ନେହେରୁ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୨୩ ତାରିଖରେ ଆୟୋଜିତ ହେବ। ବ୍ରାଜିଲ ଲିଜେଣ୍ଡସ୍ ଟିମ୍‌ରେ ୨୦୦୨ ବିଶ୍ୱଚାମ୍ପିଅନ ଖେଳାଳି ରୋନାଲ୍ଡିନୋ, ରିଭାଲ୍ଡୋଙ୍କ ପରି ବିଗତଦିନର ସୁପରଷ୍ଟାର ଅଂଶଗ୍ରହଣ କରିବେ। ଗତବର୍ଷ ଏଭଳି ଏକ ପ୍ରଦର୍ଶନୀ ମ୍ୟାଚ୍ ଚେନ୍ନାଇରେ ଖେଳାଯାଇଥିଲା ଓ ଏଥିରେ ବ୍ରାଜିଲ ୨-୧ ଗୋଲରେ ବିଜୟୀ ହୋଇଥିଲା।

**ବ୍ରାଜିଲ ଲିଜେଣ୍ଡସ୍**: ଗୋମ୍ସ, ଜୋର୍ଗିନୋ, ଗୁସ୍ତାଭୋ ନେରୀ, ଲଲିଭେଲଟନ, ପାରା, ଏଡମିଲସନ, ଆମାରାଲ, ସୁଜା, ଜୁନିଅର, କାମାଣ୍ଡୁକାଇଆ, ରୋନାଲ୍ଡିନୋ, ରିଭାଲ୍ଡୋ, ପାଓଲୋ ସର୍ଗିଓ, ଗିଓଭାନି, ଭିଓଲା, ରିକାର୍ଡୋ ଓଲିଭେରିଆ, ଡିଓଗୋ।

**ଭାରତ ଲିଜେଣ୍ଡସ୍** : ଶୁଭାଶିଷ ରୟ, ସନ୍ଦୀପ ନନ୍ଦି, ସୁରେଶ ମୁତାତ, ଦେବବ୍ରତ ରୟ, ଅଜୟନ, ଅର୍ଣ୍ଣବ ମଣ୍ଡଳ, ମେହରାଜ ଉଦ୍ଦିନ ୱାଡୋ, ବିବିଆନୋ ଫର୍ଣ୍ଣାଣ୍ଡେଜ୍, ରିନୋ ଆଣ୍ଟୋ, ଏନ୍‌ପି ପ୍ରଦୀପ, କ୍ଲାଇମାକ୍ସ ଲରେନ୍ସ, ଜୋ ପଲ ଆଞ୍ଚେରୀ, ମେହତାବ ହୋସେନ, ନେଲସନ, ଆଇଏମ୍ ବିଜୟନ, ମହମ୍ମଦ୍ ରଫି, ସିକେ ବିନୀତ, ଅସିମ ବିଶ୍ୱାସ, କେଟି ଚାକୋ। **ଖେଳ ଆରମ୍ଭ**- ରାତି ୭ଟା୩୦

# ଆଫ୍ରିକାରେ ପ୍ରଥମଥର ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍

ବୁଦାପେଷ୍ଟ,୧୫।୯ (ଏଜେନ୍ସି): ଆଫ୍ରିକା ମହାଦେଶରେ ପ୍ରଥମଥର ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ ଅଧିକାର ପାଇଛି। ବିଶ୍ୱ ଆଥଲେଟିକ୍ସରେ ଏକ ସୁପର ପାୱାର ବିବେଚିତ କେନିଆର ରାଜଧାନୀ ନାଇରୋବିରେ ୨୦୨୯ରେ ଆୟୋଜିତ ହେବ ବୋଲି ୱାର୍ଲ୍ଡ ଆଥଲେଟିକ୍ସର ସଭାପତି ସେବାଷ୍ଟିଆନ କୋ' ଘୋଷଣା କରିଛନ୍ତି। ସେହିପରି ୨୦୩୧ରେ ଏହା ଜର୍ମାନୀକୁ ଫେରିବ ବୋଲି ସେ କହିଛନ୍ତି। କେନିଆରେ ଶୀର୍ଷ ଆଥଲେଟମାନେ ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ଏହି ପ୍ରତିଯୋଗିତା ଆୟୋଜନ କରିବା ଲାଗି କିଛି ଅଧିକ ରିସ୍କ ନେବାକୁ ପଡ଼ିପାରେ। ଏହା ସତ୍ତ୍ୱେ ଆଥଲେଟିକ୍ସକୁ ଏହାର ଏକ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନିକଟକୁ ଆଣିବାରେ ଆମେ ପ୍ରତିଜ୍ଞାବଦ୍ଧ ବୋଲି କୋ' କହିଛନ୍ତି। ନିକଟରେ ଶେଷ ହୋଇଥିବା ଅଲ୍ଟିମେଟ ଚାମ୍ପିଅନସିପ୍‌ରେ କେବଳ ଆମନ୍ତ୍ରିତ ଖେଳାଳିଙ୍କୁ ସୁଯୋଗ ମିଳିଥିଲା। ନାଇରୋବିରେ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ପୁରୁଷ ଟ୍ରିପଲ ଜମ୍ପ, ଶଟ୍‌ପୁଟ୍, ଚାଲି ଓ ମାରାଥନ ରେସ୍ ଆୟୋଜିତ ହେବ ବୋଲି କୋ' କହିଛନ୍ତି। ଏହି ଚାମ୍ପିଅନସିପ୍ ୩ ଦିନ ନୁହେଁ ୧୦ ଦିନ ଧରି ଆୟୋଜିତ ହେବ।

# ବିମାନରେ ଭାଙ୍ଗିଗଲା ରୁମେଶଙ୍କ ଜାଭେଲିନ୍

କଲମ୍ବୋ,୧୫।୯ (ଏଜେନ୍ସି): ବିଶ୍ୱରେ ଏବେ ଚହଳ ପକାଇଥିବା ଶ୍ରୀଲଙ୍କାର ଜାଭେଲିନ୍ ଫିଙ୍ଗାଳି ରୁମେଶ ପାଥିରାଗେ ବୁଦାପେଷ୍ଟରେ ୱାର୍ଲ୍ଡ ଆଥଲେଟିକ୍ସ ଅଲ୍ଟିମେଟ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ଜିତି ସ୍ୱଦେଶ ଫେରୁଥିବା ବେଳେ ତାଙ୍କର ଜାଭେଲିନ୍ ଭାଙ୍ଗିଯାଇଛି। ଫଳରେ ଜାପାନରେ ହେବାକୁ ଯାଉଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟରେ ବାଧା ସୃଷ୍ଟି ହୋଇଛି। ବୁଦାପେଷ୍ଟରେ ୯୧.୦୯ ମିଟରକୁ ଜାଭେଲିନ୍ ଫିଙ୍ଗି ରୁମେଶ ସ୍ୱର୍ଣ୍ଣପଦକ ଜିତିଥିଲେ। ଚଳିତବର୍ଷ ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଡାଏମଣ୍ଡ ଲିଗ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସବୁଠାରୁ ବଡ଼ କଥା ହେଲା ସେ ଏକମାତ୍ର ଜାଭେଲିନ୍ ଫିଙ୍ଗାଳି ଯିଏକି ୩ଥର ୯୦ ମିଟର ମାର୍କ ଦୂରତାକୁ ଚଳିତବର୍ଷ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସରେ ଭାଗନେବାକୁ ଭାରତର ନୀରଜ ଚୋପ୍ରା ସଂଘର୍ଷ କରୁଛନ୍ତି। ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପାକିସ୍ତାନର ଅର୍ଶାଦ୍ ନଦୀମ ଫର୍ମରେ ନ ଥିଲାବେଳେ ରୁମେଶଙ୍କୁ ସ୍ୱର୍ଣ୍ଣପଦକ ଜିତିବାର ସୁବର୍ଣ୍ଣ ସୁଯୋଗ ରହିଛି।

## ଦ୍ୱିତୀୟ ଟି-୨୦: ସାମସନଙ୍କ ଆଗରେ ଫିକା ପଡ଼ିଲେ ରଶିଦ

# ଆଗୁଆ ସିରିଜ୍ କବ୍‌ଜା କଲା ଭାରତ

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି)

ଓପନର୍ ସଞ୍ଜୁ ସାମସନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୭ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସାମସନ ମାତ୍ର ୨୨ଟି ବଲରେ ୫୭ ରନର ଦ୍ରୁତ ପାଳି ଖେଳିବା ଫଳରେ ଘରୋଇ ଭାରତ ୧୬୦ ରନର ଲକ୍ଷ୍ୟକୁ ୩୧ ବଲ୍ ବଳକା ଥାଇ ୩ ୱିକେଟ ହରାଇ ହାସଲ କରିନେଇଥିଲା। ପୂର୍ବରୁ ଏହି ସମାନ ଭେନ୍ୟୁରେ ଖେଳାଯାଇଥିବା ପ୍ରଥମ ମ୍ୟାଚକୁ ମଧ୍ୟ ଭାରତ ୭ ୱିକେଟରେ ଜିତିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବଳକା ଥାଇ ଟିମ୍ ଇଣ୍ଡିଆ ୨-୦ରେ ସିରିଜ ଆଗୁଆ କବ୍‌ଜା କରିନେଇଛି। ସିରିଜର ଶେଷ ମ୍ୟାଚଟି ଗୁରୁବାର ଏଠାରେ ପୁଣି ଖେଳାଯିବ।

ଆୟୋଜକ ଆଫଗାନିସ୍ତାନ ପ୍ରଦତ୍ତ ୧୬୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ସାମସନ ଓ ଅଭିଷେକ ଶର୍ମା ପ୍ରଥମ ୱିକେଟ ଭାଗୀଦାରିରେ ୩୮ଟି ବଲରୁ ୮୮ ରନ ସଂଗ୍ରହ କରି ବିଜୟପଥ ପରିଷ୍କାର କରିଦେଇଥିଲେ। ପ୍ରଥମ ମ୍ୟାଚରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିବା ଅଭିଷେକ ଆଜି ମଧ୍ୟ ୧୯ ବଲରେ ୩୯ ରନ କରିଥିଲେ। ଯେଉଁଥିରେ ୨ଟି ଚୌକା ଓ ୪ଟି ଛକା ସାମିଲ ଥିଲା।



ନୀତୀଶ ରେଡ୍ଡୀ



ସଞ୍ଜୁ ସାମସନ

ତେବେ ୭ମ ଓଭର ବୋଲିଂ କରିଥିବା ରଶିଦ ଖାନ ଉଭୟ ଓପନର୍‌ଙ୍କୁ ଆଉଟ୍ କରି ଆଫଗାନିସ୍ତାନ ଶିବିରରେ କିଛିଟା ଆଶ୍ୱସ୍ତି ଆଣିଥିଲେ। ଅଭିଷେକଙ୍କ ଆଉଟ୍ ହେବାର ୩ଟି ବଲ୍ ପରେ ସାମସନ ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ଚାରୋଟି ଛକା ଓ ୭ଟି ଚୌକା ବଳରେ ସାମସନ ମାତ୍ର ୨୨ ବଲରେ ୫୭ ରନ କରିଥିଲେ। ଟି-୨୦ରେ ସାମସନଙ୍କ ଏହା ୭ମ ଅର୍ଦ୍ଧଶତକ ଥିଲା। ପରେ ଅଧିନାୟକ ଶ୍ରେୟସ ଆୟର (୧୧ ବଲରେ ୧୧ ରନ) ମଧ୍ୟ ରଶିଦ ଖାନଙ୍କ ଶିକାର ବନିଥିଲେ। ତେବେ ଇଶାନ କିଶାନ (୨୩ ବଲରେ ୩୮ ରନ) ଓ ତିଲକ ବର୍ମା (୧୪ ବଲରେ ୧୫ ରନ) ଯୋଡ଼ି ଅବିଭକ୍ତ ୪ର୍ଥ ୱିକେଟ ଯୋଡ଼ିରେ ୨୫ ବଲରୁ ୪୦ ରନ ଉଠାଇ ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ବିଜୟୀ କରାଇଥିଲେ। ରଶିଦ ୩ଟି ୱିକେଟ ନେଇଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରି ନ ଥିଲେ। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆଫଗାନିସ୍ତାନ ୮ ୱିକେଟରେ ୧୫୯ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର୍ ତଥା ଅଧିନାୟକ ଇବ୍ରାହିମ ଜର୍ଦାନ ସର୍ବାଧିକ ୩୬ ରନ କରିଥିଲେ। ରଶିଦ ୧୬ ବଲରେ ୨୮, ମହମ୍ମଦ ନବି ୧୪ ବଲରେ ୨୦ ଓ ଡାରୱିସ ରସୋଲି ୧୫ ବଲରେ ୨୬ ରନର ଦ୍ରୁତ ପାଳି ଖେଳିଥିଲେ। ବୋଲିଂରେ ନୀତୀଶ କୁମାର ରେଡ୍ଡୀ (୩-୦-୨୪-୩) ଓ ଅର୍ଶଦୀପ୍ ସିଂହ (୪-୦-୩୫-୨) ମିଳିତ ଭାବରେ ୫ଟି ୱିକେଟ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ଖେଳିଥିବା ରବି ବିଷ୍ଣୋଇଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଆଇସିସିର ପୂର୍ଣ୍ଣ-ସଦସ୍ୟତାପ୍ରାପ୍ତ ଦେଶମାନଙ୍କ ମଧ୍ୟରେ ବୁମରା ସର୍ବାଧିକ ୧୩ଟି ମେଡେନ ଓଭର ବୋଲିଂ କରି ରେକର୍ଡ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଆଫଗାନିସ୍ତାନ**: ୧୫୯/୮, ୨୦ ଓଭର (ଜର୍ଦାନ- ୩୬, ରଶିଦ- ୨୮, ରସୋଲି- ୨୬, ଗୁରବାଜ-୦, ନୀତୀଶ- ୩/୨୪, ଅର୍ଶଦୀପ୍- ୨/୨୩୫)।
**ଭାରତ**: ୧୬୩/୩, ୧୪.୫ ଓଭର (ସାମସନ- ୫୭, ଅଭିଷେକ-୩୯, ଇଶାନ- ୩୮*, ତିଲକ- ୧୫*, ରଶିଦ- ୩/୩୬)।

# ୨୧ ବର୍ଷ ପରେ ଜିମ୍ବାୱେ ମାଟିରେ ଅଷ୍ଟ୍ରେଲିଆ ବ୍ୟାଟରଙ୍କ ଶତକ

ହରାରେ, ୧୫।୯ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚକୁ ଅଷ୍ଟ୍ରେଲିଆ ୫୯ ରନରେ ଜିତିନେଇଛି। ଭ୍ରମଣକାରୀ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ୱିକେଟ ହରାଇ ୨୯୪ ରନର ସମ୍ମାନଜନକ ସ୍କୋର କରିଛି। ଦଳ ପକ୍ଷରୁ ବାମହାତୀ ମଧ୍ୟକ୍ରମ ବ୍ୟାଟର ମ୍ୟାଟ୍ ରେନଶ ୧୦୯ (୯୪ ବଲ, ୭ଟି ଚୌକା ଓ ୩ ଛକା) ରନର ଶତକୀୟ ପାଳି ଖେଳିଥିଲେ। ଫଳରେ ଦୀର୍ଘ ୨୧ ବର୍ଷ ପରେ ଜିମ୍ବାୱେ ମାଟିରେ ଜଣେ ଅଷ୍ଟ୍ରେଲୀୟ ବ୍ୟାଟର ଭାବେ ରେନଶ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ଲାଗି ୨୦୦୪ ମସିହାରେ ମାଇକେଲ କ୍ଲାର୍କ ଜିମ୍ବାୱେ ମାଟିରେ ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁପର କନୋଲୀ ୫୧ ଓ ଅଧିନାୟକ ମିଚେଲ ମାର୍ଶ ୩୬ ରନ କରିଥିଲେ। ଜିମ୍ବାୱେର ନ୍ୟୁମାନ ନାମହୁରୀଙ୍କୁ ୫ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ



୪୫.୧ ଓଭରରେ ୨୩୫ ରନରେ ସୀମିତ ରହିଥିଲା। କ୍ରେଗ ଏର୍ଭିନ ୫୯ ଓ ଅଧିନାୟକ ସିକନ୍ଦର ରାଜା ୫୭ ରନ କରିଥିଲେ। ଅଷ୍ଟ୍ରେଲିଆର ନାଥନ ଏଲିସ ୩୧ ରନରେ ୫ଟି ୱିକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

### ସଚିନଙ୍କ ରେକର୍ଡ ଭାଙ୍ଗିଲେ ଟେଲର

କ୍ରିକେଟ କିଂବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଆଉ ଏକ ରେକର୍ଡ ଭାଙ୍ଗିଯାଇଛି। ଏହାକୁ ଭାଙ୍ଗିଛନ୍ତି ଜିମ୍ବାୱେ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବ୍ରେଣ୍ଡାନ ଟେଲର। ଏଠାରେ ଆଜି ଅଷ୍ଟ୍ରେଲିଆ ସହ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପଦାର୍ପଣ କରି ଟେଲର ବିଶ୍ୱରେ ସବୁଠାରୁ ଅଧିକ ଦିନ ଧରି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ସେ ଦୀର୍ଘ ୨୨ ବର୍ଷ ୪ ମାସ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ସହ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର ୨୨ବର୍ଷ ୩ ମାସ ଖେଳି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ସଚିନ ୨୦୧୨ରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ନେଇଥିଲେ। ଏହି ସମୟ ମଧ୍ୟରେ ସେ ୪୬୩ଟି ମ୍ୟାଚ୍ ଖେଳି ବିଶ୍ୱରେ ସର୍ବାଧିକ ୧୮, ୪୨୬ ରନ୍ କରିଛନ୍ତି। କିନ୍ତୁ ଟେଲର ୨୦୮ ମ୍ୟାଚ୍ ଖେଳିଛନ୍ତି। ଆଜିର ମୁକାବିଲା ପୂର୍ବରୁ ସେ ୬,୭୦୪ ରନ୍ କରିଥିଲେ। ଏହା ମଧ୍ୟରେ ୧୧ଟ ଶତକ ଓ ୩୯ଟି ଅର୍ଦ୍ଧଶତକ ରହିଛି।

# ଡିସେମ୍ବର ୪ରେ ପ୍ରିୟାଙ୍କ ହାତ ଧରିବେ ରିଙ୍କୁ



ଲକ୍ଷ୍ନୌ, ୧୫।୯ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟର୍ ରିଙ୍କୁ ସିଂ'ଙ୍କ ବିବାହ ତାରିଖ ନିଶ୍ଚିତ ହୋଇଛି। ରିଙ୍କୁ ଡିସେମ୍ବର ୪ରେ ଲକ୍ଷ୍ନୌର ଏକ ହୋଟେଲରେ ସାଂସଦ ପ୍ରିୟା ସରୋଜଙ୍କ ହାତ ଧରିବେ। ପୂର୍ବରୁ ଗତବର୍ଷ ଜୁନ୍ ମାସରେ ରିଙ୍କୁ-ପ୍ରିୟାଙ୍କ ନିର୍ବନ୍ଧ ମଧ୍ୟ ଲକ୍ଷ୍ନୌରେ ହୋଇଥିଲା। ତେଣୁ ବିବାହର ଭେନ୍ୟୁ ଭାବେ ମଧ୍ୟ ରିଙ୍କୁ ଉତ୍ତରପ୍ରଦେଶ ରାଜଧାନୀକୁ ହିଁ ଚୟନ କରିଛନ୍ତି। ରିଙ୍କୁ ଏବଂ ପ୍ରିୟା ପ୍ରଥମେ ଗତ ଜୁନରେ ବାରାଣସୀର ତାଜ ହୋଟେଲରେ ବିବାହ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଫେବ୍ରୁଆରୀ ମାସରେ ରିଙ୍କୁଙ୍କ ପିତାଙ୍କ ବିୟୋଗ ପରେ ବିବାହ ସ୍ଥଗିତ ରଖାଯାଇଥିଲା। ରିଙ୍କୁ କ୍ରିକେଟ ଜଗତର ଜଣେ ଜଣାଶୁଣା ନାମ। ଯେତେବେଳେ କି ପ୍ରିୟା ସମାଜବାଦୀ ପାର୍ଟିର ସାଂସଦ ଅଛନ୍ତି। ତେଣୁ ଉଭୟ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିମାନେ ଏହି ହାଇପ୍ରୋଫାଇଲ ବିବାହରେ ଯୋଗଦେବାର ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ବର୍ତ୍ତମାନ ଦିଲ୍ଲୀରେ ଚାଲିଥିବା ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ ପାଇଁ ରିଙ୍କୁ'ଙ୍କୁ ଚୟନ କରାଯାଇ ନାହିଁ।

## ଏସୀୟ କ୍ରୀଡ଼ା ଓ ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍

# ଜିମ୍ନାଷ୍ଟିକ୍ ଏଚ୍‌ପିସି'ର ୩ ଖେଳାଳିଙ୍କୁ ସୁଯୋଗ



ଭୁବନେଶ୍ୱର, ୧୫।୯ (ସମିସ): ଆଗାମୀ ଦୁଇଟି ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଏଏମ/ଏନଏସ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ତିନିଜଣ ପ୍ରତିଭାବାନ ଜିମ୍ନାଷ୍ଟ ସୁଯୋଗ ପାଇଛନ୍ତି। ସେମାନେ ହେଲେ ପ୍ରଣତି ନାୟକ, ତପନ ମହାନ୍ତି ଓ ସତ୍ୟଜିତ୍ ମଣ୍ଡଳ। ଅଲିମ୍ପିଆନ ପ୍ରଣତି ୧୯ ତାରିଖରୁ ଜାପାନରେ ଆରମ୍ଭ ହେବାକୁ ଥିବା ବିଂଶତମ ଏସୀୟ କ୍ରୀଡ଼ାରେ ଭାଗନେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଦେଶରୁ ଏକମାତ୍ର ଜିମ୍ନାଷ୍ଟ ଭାବେ ପ୍ରଣତି ଏସୀୟ କ୍ରୀଡ଼ାରେ ଭାଗନେବେ। ସେ ମହିଳା ଅଲରାଉଣ୍ଡ ଇଭେଣ୍ଟ ଓ ଭଲ୍ଟରେ କଳାକୌଶଳ ପ୍ରଦର୍ଶନ କରିବେ। ସେହିଭଳି ତପନ ଓ ସତ୍ୟଜିତ ଏଫଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ହଙ୍ଗେରୀରେ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଶା ଏଏମ/ଏନଏସ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚପିସିର ନିର୍ଦ୍ଦେଶକ ଆଶୁତୋଷ ତେଲାଙ୍ଗ ମନୋନୀତ ୩ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ● ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର

# କ୍ୱାର୍ଟର ଫାଇନାଲରେ ଆନନ୍ଦ ଓ ଅନୁଜ




ଭୁବନେଶ୍ୱର, ୧୫।୯ (ସମିସ): ଚେତନ ଆନନ୍ଦ ଓ ଅନୁଜ ପଣ୍ଡା କଟକ ସିଡିଏସ୍ଥିତ ଗୋଲ୍ଡେନ୍ କ୍ୟୁ ସ୍ନୁକର କାଫେରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଚେତନ ଡବଲ୍ ବିଜୟ ହାସଲ କରିଥିଲେ। ପ୍ରଥମ ମ୍ୟାଚରେ ସେ ୩-୨ ଫ୍ରେମରେ ଆଶିଷ ଶର୍ମାଙ୍କୁ ହରାଇଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚରେ ଚେତନ ୪-୧ରେ ଓଡ଼ିଶାର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ମହମ୍ମଦ ରାଜାଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନୁଜ ୪-୧ରେ ଚନ୍ଦ୍ର ମହାନ୍ତିଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ବରୁଣ ପୂର୍ବା ୩-୨ରେ ବନ୍ଦିତ ଆନନ୍ଦଙ୍କୁ, ମାନବ ବେହେରା ୩-୧ରେ ଦେବେଶ ସ୍ୱାଇଁଙ୍କୁ, ବିଶେଷ ସିଂଘାଲ ୩-୧ରେ ମିହିର ଭୋରାଙ୍କୁ, ପ୍ରିୟ ଗୋବିନ୍ଦ ମହାପାତ୍ର ୩-୧ରେ ସନ୍ଦୀପ ଅଗ୍ରୱାଲଙ୍କୁ, ବରୁଣ ପୂର୍ବା ୩-୦ରେ ସଞ୍ଜୀବ ସାହୁଙ୍କୁ ଏବଂ ଗୋବିନ୍ଦ ରାଓ ୩-୧ ଫ୍ରେମରେ ମିଶାଲ ସ୍ୱାଇଁଙ୍କୁ ପରାସ୍ତ କରିଛନ୍ତି।

## ଦ୍ୱାଦଶ ରାଜ୍ୟ ସ୍କୁଲ ଓପନ ଚେସ୍

# ସ୍ୱସ୍ତିକ ବେହେରା ଚାମ୍ପିଅନ

ଭୁବନେଶ୍ୱର,୧୫।୯ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଛାତ୍ର ସ୍ୱସ୍ତିକ ବେହେରା ଓଲ୍ଡଟାଉନ୍ ଲିଙ୍ଗରାଜ କ୍ଲବ୍ ଆନୁକୂଲ୍ୟରେ ଆଜି ଅନୁଷ୍ଠିତ ଦ୍ୱାଦଶ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ ହୋଇଛନ୍ତି। ସ୍ୱସ୍ତିକ ୫ ରାଉଣ୍ଡ ଖେଳରୁ ପୂରା ୫ ପଏଣ୍ଟ ପାଇଥିଲେ। ୟୁନିଟ୍ ୮ ଡିଏଭିର ଆରିଶନନ୍ଦ ଗୋସ୍ୱାମୀ, କଟକ ସିଡିଏ ଡିଏଭିର ପ୍ରିୟଦର୍ଶନ ରାୟ, କେଭି ନଂ-୧ର ସତ୍ୟନାରାୟଣ ସ୍ୱାଇଁ, ୟୁନିଟ-୮ ଡିଏଭିର ଆତିଶନନ୍ଦ ଗୋସ୍ୱାମୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ପୂର୍ବତନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ୱାର୍ଡ ନଂ-୫୪ କର୍ପୋରେଟର ଶିବପ୍ରସାଦ



ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲାବେଳେ ଲିଙ୍ଗରାଜ କ୍ଲବ୍ ସମ୍ପାଦକ ଅଜୟ କୁମାର ଦାଶ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପୁରୁଣା ଭୁବନେଶ୍ୱରସ୍ଥିତ ଶିତଳଷଷ୍ଠୀ ଲେନ୍‌ରେ ଥିବା କୈଳାସ ସଦନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# 'ହକି ଇଣ୍ଡିଆ ବିବାଦର ସମାଧାନ ଖୁବ୍ ଶୀଘ୍ର'

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି)

ଦେଶର ଅନ୍ୟତମ ଶ୍ରେଷ୍ଠ ତଥା ପ୍ରଭାବୀ କ୍ରୀଡ଼ା ସଙ୍ଗଠନ ହକି ଇଣ୍ଡିଆର ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ଖୁବ୍ ଶୀଘ୍ର କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଓ ସମ୍ପାଦକ ଭୋଲାନାଥ ସିଂଙ୍କ ଗୋଷ୍ଠୀ ମଧ୍ୟରେ ଭାରତୀୟ ହକି ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ କରାଯିବାକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି।

ଜର୍ସିର ରଙ୍ଗ କାହିଁକି ମୋତେ ନ ଜଣାଇ ପରିବର୍ତ୍ତନ କରାଗଲା, ସଭାପତିଙ୍କ ନିର୍ଦ୍ଦେଶକୁ ଅବମାନନା, ତଥ୍ୟ ଲୁଚାଇବା ଘଟଣାରେ ସଭାପତି ଦିଲୀପ ହକି ଇଣ୍ଡିଆର ମହାନିର୍ଦ୍ଦେଶକ କମାଣ୍ଡର ଆରକେ ଶ୍ରୀବାସ୍ତବଙ୍କ ସମସ୍ତ କ୍ଷମତା ପ୍ରତ୍ୟାହର କରିନେଇଛନ୍ତି। ତାଙ୍କ ଉପରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେଥିଲାଗି ୪ ସପ୍ତାହ ମଧ୍ୟରେ କାରଣ ଦର୍ଶାଇବାକୁ ଶ୍ରୀବାସ୍ତବଙ୍କୁ ଦିଲୀପ ନୋଟିସ୍ ଜାରି କରିଛନ୍ତି। ଏହା ମଧ୍ୟରେ ସେ ଜଣେ କାମଚଳା ମହାନିର୍ଦ୍ଦେଶକ ରଣଜିତ୍ ଗିଲଙ୍କୁ ନିଯୁକ୍ତ କରିଛନ୍ତି ଓ ଗତକାଲି କ୍ରୀଡ଼ା ମନ୍ତ୍ରଣାଳୟ ସହ ହକି ଇଣ୍ଡିଆ ଲିଗ୍ ଆୟୋଜନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ସମୟରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗୱତ୍ ସିଂ ମାନ ମୋହାଲିରେ ଚାମ୍ପିଅନ୍ସ ଟ୍ରଫି ହକି ଆୟୋଜନ କରିବାକୁ ଆୟୋଜନ କରିଥିବା ଏକ ଉତ୍ସବରେ ଭୋଲାନାଥ ସିଂ ଓ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଏହାର ଅର୍ଥ ଦିଲୀପ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାକୁ ଉଭୟ ଗ୍ରହଣ କରିନାହାନ୍ତି।



ଏଭଳି ସ୍ଥିତିରେ ଭାରତରେ ହକି ଖେଳର ଉନ୍ନତି ପରିବର୍ତ୍ତେ ଅବନତି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ବିବାଦକୁ ସମାଧାନ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଅଣ୍ଟା ଭିଡିଛି। ଉଭୟଙ୍କୁ ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟା ପରାମର୍ଶ ଦେଇଛନ୍ତି। ଏହା ମଧ୍ୟରେ ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ କମିଟିର ଏକ ଜରୁରୀ ବୈଠକ ଡକାଇଛନ୍ତି ଭୋଲାନାଥ। ସେପ୍ଟେମ୍ବର ୧୮ ବା ଶୁକ୍ରବାର ଏହି ବୈଠକ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। କିନ୍ତୁ ଦିଲୀପ ଏପରି କୌଣସି ବୈଠକ ହେବ ନାହିଁ ବୋଲି କହିଛନ୍ତି। ସେହିପରି ଶ୍ରୀବାସ୍ତବଙ୍କ କ୍ଷମତା ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ କମିଟିର ବିନା ସମ୍ମତିରେ ଦିଲୀପ ପ୍ରତ୍ୟାହାର କରିପାରିବେ ନାହିଁ ବୋଲି ଭୋଲାନାଥ କହିଛନ୍ତି। ଦିଲୀପଙ୍କ ମତରେ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଶ୍ରୀବାସ୍ତବ ନ ଦେଲା ଯାଏ, କୌଣସି ଆଲୋଚନା ହେବ ନାହିଁ ବୋଲି କ୍ରୀଡ଼ା ମନ୍ତ୍ରଣାଳୟକୁ ଜଣାଇଛନ୍ତି। ଏଭଳି ସ୍ଥିତିରେ କିଭଳି ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେବ ତାହାକୁ ନେଇ ଆଶଙ୍କା ରହିଛି। ନିକଟରେ ଏସିଆନ ଗେମ୍ସ ଆୟୋଜିତ ହେବ। ଏହା ଭାରତୀୟ ହକି ଲାଗି ଗୁରୁତ୍ୱପୂର୍ଣ୍ଣ। ଗୁରୁତ୍ୱପୂର୍ଣ୍ଣର କାରଣ ହେଲା, ଏଠାରେ ଯେଉଁ ଟିମ୍ ସ୍ୱର୍ଣ୍ଣପଦକ ହାସଲ କରିବ, ସେହି ଟିମ୍ ୨୦୨୮ରେ ଲସ୍‌ଆଞ୍ଜେଲ୍ସରେ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏ ସମୟରେ କର୍ମକର୍ତ୍ତାଙ୍କ ମଧ୍ୟରେ ବିବାଦ ଲାଗିଲେ ଏହାର ପ୍ରଭାବ ନିଶ୍ଚିତଭାବେ ଟିମ୍ ଓ ଖେଳାଳିଙ୍କ ଉପରେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS